

▶କ୍ରୀଡ଼ା ପୃଷ୍ଠାରେ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-344 ◆FRIDAY ◆12 JUNE 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୩୪୪ ◆ଶୁକ୍ରବାର ◆୧୨ ଜୁନ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦



3001/34/2627

ଓଡ଼ିଶା ଶାସନ

୨ ବର୍ଷରେ ଗୁଣା ବିକାଶ



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

# ବିକାଶର ଧାରା ଓଡ଼ିଶା ସାରା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ରାଜ୍ୟ ସରକାରଙ୍କ ୨ ବର୍ଷର ଉପଲବ୍ଧି ସମ୍ବଳିତ ପ୍ରଦର୍ଶନୀର ଶୁଭ ଉଦ୍‌ଘାଟନ

ମୁଖ୍ୟ ଅତିଥି

## ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

ଗରିମାମୟ ଉପସ୍ଥିତି

**ଶ୍ରୀମତୀ ପ୍ରଭାତୀ ପରିଡ଼ା**
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର**
ମନ୍ତ୍ରୀ, ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା

**ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ**
ମନ୍ତ୍ରୀ, ଆଇନ, ପୂର୍ତ୍ତ ଓ ଅବକାରୀ

**ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ**
ସାଂସଦ, ଭୁବନେଶ୍ୱର

**ଶ୍ରୀ ବାବୁ ସିଂ**
ବିଧାୟକ, ଏକାମ୍ର-ଭୁବନେଶ୍ୱର

### ପ୍ରମୁଖ ପ୍ରକଳ୍ପ ଓ ଯୋଜନାର ଶୁଭାରମ୍ଭ

- "ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା"ର ଶୁଭାରମ୍ଭ
- ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାଥମେଟିକ୍ସଠାରୁ ଇନଫୋସିଟି ଭାୟା ଏକାମ୍ର କାନନ ରାସ୍ତାର ଉଦ୍‌ଘାଟନ
- ୫୭୪ କୋଟି ଟଙ୍କାର ଜନାଶ୍ରୟ ଭବନ, ୟୁନିଟ୍-୨, ଭୁବନେଶ୍ୱରର ଭିତ୍ତିପ୍ରସ୍ତର ସ୍ଥାପନ
- ଜୟଦେବ ବିହାର ଓ ନନ୍ଦନକାନନ ରୋଡ଼ର କାର୍ଯ୍ୟାରମ୍ଭ
- ରାଜ୍ୟର ସମସ୍ତ ଅଙ୍ଗନୱାଡ଼ି କର୍ମୀ, ଲେଡି ସୁପରଭାଇଜର ଓ ବ୍ଲକ ସଂଯୋଜକମାନଙ୍କୁ ସ୍ମାର୍ଟଫୋନ୍ ପ୍ରଦାନର ଶୁଭାରମ୍ଭ
- "ସୁଭଦ୍ରା ଶକ୍ତି ସଂବାଦ" ର ଶୁଭାରମ୍ଭ

୧୨ ଜୁନ୍ ୨୦୨୬ | ଅପରାହ୍ଣ ୪:୦୦ ଘଟିକା | ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ଭୁବନେଶ୍ୱର

OIPR-3001/3029/2/26-27/0014



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର

# ଖଡ଼ଗେ, ପୱନ ଖେରାଙ୍କ ସମେତ ୧୮ ପ୍ରାର୍ଥୀ ନିର୍ବାଚିତ

ନୂଆଦିଲ୍ଲୀ, ୧୧।୬(ଏଜେନ୍ସି): ରାଜ୍ୟସଭାର ଖାଲି ପଡ଼ିଥିବା ୨୬ଟି ଆସନ ମଧ୍ୟରୁ ୧୮ ଜଣ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ବିଜୟୀ ପ୍ରାର୍ଥୀଙ୍କ ମଧ୍ୟରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଏବଂ ଦଳର ଗଣମାଧ୍ୟମ ଓ ପ୍ରଚାର ମୁଖ୍ୟ ପୱନ ଖେରା କର୍ଣ୍ଣାଟକରୁ ନିର୍ବାଚିତ ହୋଇଛନ୍ତି। ଅବଶିଷ୍ଟ ୮ଟି ଆସନ ପାଇଁ ଆସନ୍ତା ଜୁନ୍ ୧୮ରେ ମତଦାନ ଅନୁଷ୍ଠିତ ହେବ। ତେବେ ଏହି ନିର୍ବାଚନରେ ବିଜେପିକୁ ବଡ଼ ସଫଳତା ମିଳିଛି। ନିର୍ବାଚିତ ୧୮ ଜଣଙ୍କ ମଧ୍ୟରେ ବିଜେପିର ୧୦ ଜଣ, କଂଗ୍ରେସର ୪ ଜଣ, ଟିଡିପିର ୩ ଜଣ ଏବଂ ଜନସେନା ପାର୍ଟିର ଜଣେ ପ୍ରାର୍ଥୀ ରହିଛନ୍ତି।

**ବଳକା ୮ ରାଜ୍ୟସଭା ଆସନ ପାଇଁ ୧୮ରେ ମତଦାନ**

ବିଜେପି ଗୁଜରାଟର ସମସ୍ତ ୪ଟି ଆସନ ଏବଂ ମଧ୍ୟପ୍ରଦେଶର ସମସ୍ତ ୩ଟି ଆସନରେ ବିଜୟ ଲାଭ କରିଛି। ଏହି ରାଜ୍ୟଗୁଡ଼ିକରେ କଂଗ୍ରେସ ନିଜର ଆସନ ହରାଇଥିବା ବେଳେ ବିଜେପି ୨ଟି ଅତିରିକ୍ତ ଆସନ ହାସଲ କରିବାରେ ସଫଳ ହୋଇଛି। ସେପଟେ କର୍ଣ୍ଣାଟକରେ କଂଗ୍ରେସ ୩ଟି ଆସନ ଜିତିଥିବା ବେଳେ ଏନଡିଏ ଗୋଟିଏ ଆସନରେ ବିଜୟୀ ହୋଇଛି। ରାଜସ୍ଥାନରେ କିନ୍ତୁ ସ୍ଥିତି ଅପରିବର୍ତ୍ତିତ ରହିଛି। ସେଏଠାରେ ବିଜେପି ୨ଟି ଏବଂ କଂଗ୍ରେସକୁ ଗୋଟିଏ ଆସନ ପ୍ରାପ୍ତ ହୋଇଛି। ଜୁନ୍ ୧୮ରେ ଝାଡ଼ଖଣ୍ଡର ୨ଟି ଏବଂ ମଣିପୁର, ମେଘାଳୟ, ଅରୁଣାଚଳ ପ୍ରଦେଶ, ମିଜୋରାମ, ମହାରାଷ୍ଟ୍ର ଓ ତାମିଲନାଡୁର ଗୋଟିଏ ଲେଖାଏଁ ଆସନ ପାଇଁ ଭୋଟ୍ ଗ୍ରହଣ କରାଯିବ। ୨୪୫ ସଦସ୍ୟ ବିଶିଷ୍ଟ ଉଚ୍ଚ ସଦନରେ ବର୍ତ୍ତମାନ ଏନଡିଏର ସାଂସଦ ସଂଖ୍ୟା ୧୪୭ରେ ପହଞ୍ଚିଛି। ଅନ୍ୟପଟେ ବିରୋଧୀ ଦଳଙ୍କ ପାଖରେ ୬୭ ଜଣ ଏବଂ କୌଣସି ମେଣ୍ଟରେ ନଥିବା ଆଞ୍ଚଳିକ ଦଳଗୁଡ଼ିକ ପାଖରେ ୨୮ ଜଣ ସାଂସଦ ରହିଛନ୍ତି।

## ମୀନାକ୍ଷୀଙ୍କ ପ୍ରାର୍ଥିପତ୍ର ନାକଚ ମାମଲା: ସୁପ୍ରିମକୋର୍ଟରେ ଶୁଣାଣି ଆଜି

ନୂଆଦିଲ୍ଲୀ, ୧୧।୬(ଏଜେନ୍ସି): ମଧ୍ୟପ୍ରଦେଶ ରାଜ୍ୟସଭା ନିର୍ବାଚନ ପାଇଁ ନିଜର ପ୍ରାର୍ଥିପତ୍ର ଖାରଜ ହେବା ପରେ କଂଗ୍ରେସ ନେତ୍ରୀ ମୀନାକ୍ଷୀ ନଟରାଜନ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ନିର୍ବାଚନ ସତ୍ୟପାଠରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଲୁଚାଇଥିବା ଅଭିଯୋଗରେ ତାଙ୍କ ନାମାଙ୍କନପତ୍ରକୁ ନାକଚ କରାଯାଇଥିଲା। ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ସେ ଦାୟର କରିଥିବା ଆବେଦନର ଶୁଣାଣି ଶୁକ୍ରବାର ଦିନ ସର୍ବୋଚ୍ଚ ଅଦାଲତରେ ଅନୁଷ୍ଠିତ ହେବ। ସର୍ବୋଚ୍ଚ ଅଦାଲତର ବିଚାରପତି ପ୍ରଶାନ୍ତ କୁମାର ମିଶ୍ର ଏବଂ ବିଚାରପତି ଅତୁଲ ଏସ ଚାନ୍ଦୁରକରଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିବେ। ତେବେ ନିର୍ବାଚନ ପ୍ରକ୍ରିୟା ଜାରି ରହିଥିବା ସମୟରେ ଏହି ଆବେଦନ କେତେଦୂର ଗ୍ରହଣଯୋଗ୍ୟ, ସେ ନେଇ ଅଦାଲତ ପ୍ରଶ୍ନ ଉଠାଇଛନ୍ତି। ମୀନାକ୍ଷୀଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଆଇନଜୀବୀ ଅଭିଷେକ ସିଂଘଭି ଯୁକ୍ତି ବାଢ଼ିଛନ୍ତି ଯେ, କେବଳ ଦୁଇ ବର୍ଷ ବା ତା'ଠାରୁ ଅଧିକ ସଜା ହୋଇପାରୁଥିବା ଅପରାଧିକ ମାମଲା ବିଷୟରେ ସୂଚନା ଦେବା ଆବଶ୍ୟକ, ମାତ୍ର ଏହି ମାମଲାରେ କେବଳ ସମନ ଜାରି କରାଯାଇଥିଲା।

## ସିଆଇଡି ଅଫିସରେ ହାଜର ହେଲେ ଅଭିଷେକ ବାନାର୍ଜୀ

କୋଲକାତା/ଗୁଆହାଟୀ, ୧୧।୬(ଏଜେନ୍ସି): ବିଧାୟକଙ୍କ ଦସ୍ତଖତ ଜାଲିଆତି ମାମଲାରେ ଟିଏମ୍‌ସି ନେତା ଅଭିଷେକ ବାନାର୍ଜୀ ଆଜି ସିଆଇଡି ଅଫିସରେ ହାଜର ହୋଇଛନ୍ତି। ଏହି ମାମଲାରେ ଦୀର୍ଘ ସମୟ ଧରି ଅଧିକାରୀମାନେ ତାଙ୍କୁ ପଚରାଉଚରା କରିଛନ୍ତି। ଏହି ମାମଲାରେ ତାଙ୍କୁ ଗିରଫ କରାଯାଇପାରିବ ନାହିଁ ବୋଲି କଲିକତା ହାଇକୋର୍ଟ ଆଜି ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ୨୦୨୧ ମସିହାର ଏକ ପୁରୁଣା ମାମଲାରେ ତ୍ରିପୁରାର ଏକ କୋର୍ଟ ଅଭିଷେକଙ୍କୁ ସମନ ଜାରି କରି ଆସନ୍ତା ଜୁନ୍ ୨୨ ତାରିଖରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୧ ମସିହାରେ କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ଗିରଫ ହୋଇଥିବା ୧୪ ଜଣ ଟିଏମସି କର୍ମୀଙ୍କୁ ମୁକ୍ତ କରିବା ପାଇଁ ଅଭିଷେକ ଏବଂ ଅନ୍ୟ ନେତାମାନେ ତ୍ରିପୁରାର ଖୋୱାଇ ଥାନାକୁ ଯାଇଥିଲେ। ସେଠାରେ ସେମାନେ ପୋଲିସ ଅଧିକାରୀଙ୍କ ସହ ଦୁର୍ବ୍ୟବହାର ଓ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା।

## ପେଣ୍ଟାଗନରେ ବିଷାକ୍ତ ଗ୍ୟାସ୍ ଲିକ୍, ତାଲା ପଡ଼ିଲା

ୱାସିଂଟନ୍, ୧୧।୬(ଏଜେନ୍ସି): ଆମେରିକା ପ୍ରତିରକ୍ଷା ବିଭାଗର ମୁଖ୍ୟାଳୟ ପେଣ୍ଟାଗନରେ ଏକ ସମ୍ଭାବ୍ୟ ବିଷାକ୍ତ ପଦାର୍ଥ କିମ୍ବା ବାୟୁ ଗୁଣବତ୍ତା ସମସ୍ୟାକୁ ନେଇ ଗୁରୁବାର ହଇଚଇ ସୃଷ୍ଟି ହୋଇଛି। ପେଣ୍ଟାଗନ ପ୍ରବକ୍ତା ଶନ୍ ପାର୍ନେଲଙ୍କ ସୂଚନା ଅନୁଯାୟୀ, ବିଲ୍ଡିଂ ମଧ୍ୟରେ ଥିବା ସ୍ୱୟଂଚାଳିତ ମନିଟରିଂ ସିଷ୍ଟମ୍ ଏକ ଆଲର୍ଟ ଜାରି କରିଥିଲା। ସୁରକ୍ଷା ଦୃଷ୍ଟିରୁ ବିଲ୍ଡିଂର ଅନେକ ମହଲାକୁ ତୁରନ୍ତ ଲକଡାଉନ୍ କରାଯିବା ସହ କିଛି ଅଂଶରୁ କର୍ମଚାରୀମାନଙ୍କୁ ସ୍ଥାନାନ୍ତର କରାଯାଇଥିଲା। ବାୟୁର ମାନ ପରୀକ୍ଷା ପାଇଁ ଦୁଇ ଘଣ୍ଟା ସମୟ ଲାଗିଥିଲା। ଘଟଣାସ୍ଥଳରେ ବିଭିନ୍ନ ଏଜେନ୍ସିର ଜରୁରୀକାଳୀନ ପ୍ରତିକ୍ରିୟା ଦଳ ମୁତୟନ ହୋଇଥିଲେ। ପ୍ରାଥମିକ ସତର୍କତା ପରେ ସାରା ବିଶ୍ୱରେ ଚର୍ଚ୍ଚା ଜୋର ଧରିଥିଲେ ହେଁ, କିଛି ସମୟ ପରେ ସ୍ଥିତି ସ୍ପଷ୍ଟ ହୋଇଥିଲା। ସିଏନ୍‌ଏନ୍ ଅନୁଯାୟୀ, ଏହି ସମ୍ପୂର୍ଣ୍ଣ ଘଟଣାଟି ଏକ ମିଥ୍ୟା ସତର୍କତା ଥିଲା। ପରୀକ୍ଷା ପରେ କୌଣସି କ୍ଷତିକାରକ ବିଷାକ୍ତ ପଦାର୍ଥ ମିଳିନଥିବା ଜଣାପଡ଼ିଛି। ତେବେ ପେଣ୍ଟାଗନ ଅଧିକାରୀମାନେ ଏପର୍ଯ୍ୟନ୍ତ ଏହି ଆଲର୍ଟ କେଉଁ କାରଣରୁ ସୃଷ୍ଟି ହୋଇଥିଲା ସେ ନେଇ ସ୍ପଷ୍ଟ ସୂଚନା ପ୍ରଦାନ କରିନାହାଁନ୍ତି। କିନ୍ତୁ ସୁରକ୍ଷା ପ୍ରୋଟୋକଲ୍ ଅନୁଯାୟୀ ସମସ୍ତ ପଦକ୍ଷେପ ନିଆଯାଇଥିବାରୁ କୌଣସି ବଡ଼ ଧରଣର କ୍ଷତି ହୋଇନାହିଁ।

## ଆସାମରେ ଭୂମିକମ୍ପ

ନୂଆଦିଲ୍ଲୀ, ୧୧।୬(ଏଜେନ୍ସି): ଆଜି ରାତିରେ ଆସାମରେ ଭୂମିକଂପ ଅନୁଭୂତ ହୋଇଛି। ଆଜି ରାତି ୯ଟା ପରେ ହୋଇଥିବା କମ୍ପନର ତୀବ୍ରତା ୪.୭ ଥିବା ମପାଯାଇଛି। ଏହାର ଝଟକା ସମଗ୍ର ଉତ୍ତର ପୂର୍ବାଞ୍ଚଳ ରାଜ୍ୟରେ ଅନୁଭୂତ ହୋଇଛି। ତେବେ ଏହା ଯୋଗୁଁ କୌଣସି କ୍ଷୟକ୍ଷତି ହୋଇଛି କି ନାହିଁ, ତାହାର ରିପୋର୍ଟ ମିଳିନାହିଁ। ତେବେ ଏହାକୁ ନେଇ ଲୋକେ ଆତଙ୍କିତ ଅଛନ୍ତି।

# ହରିୟାଣାରେ ବିଷ୍ଣୋଇ ଗ୍ୟାଙ୍ଗର ଆତଙ୍କ
## ଜିମ୍ ମାଲିକଙ୍କୁ ଗୁଳି କରି ହତ୍ୟା



ହାନ୍ସି (ହରିୟାଣା), ୧୧।୬(ଏଜେନ୍ସି): ହରିୟାଣାର ହାନ୍ସି ସହରରେ ଗୁରୁବାର ସକାଳେ ଜଣେ ଜିମ୍ ମାଲିକଙ୍କୁ ଦିନଦ୍ୱିପ୍ରହରରେ ଗୁଳି କରି ହତ୍ୟା କରାଯାଇଛି। ବାଇକରେ ଆସିଥିବା ଦୁଇଜଣ ଦୁର୍ବୃତ୍ତ ମାତ୍ର ୫ ସେକେଣ୍ଡ ମଧ୍ୟରେ ପ୍ରାୟ ୧୦ ରାଉଣ୍ଡ ଗୁଳି ଚଳାଇ ଜିମ୍ ସଞ୍ଚାଳକ କପିଲଙ୍କୁ ହତ୍ୟା କରିଛନ୍ତି। କୁଖ୍ୟାତ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ଏହି ହତ୍ୟାକାଣ୍ଡ ପାଇଁ ନିଜକୁ ଦାୟୀ କରିଛି। ସକାଳ ପ୍ରାୟ ୫:୩୦ ସମୟରେ କପିଲ ଯୁବକ-ଯୁବତୀମାନଙ୍କୁ ବ୍ୟାୟାମ ଶିଖାଉଥିବା ବେଳେ ହେଲମେଟ ପିନ୍ଧିଥିବା ଦୁଇ ଆକ୍ରମଣକାରୀ ତାଙ୍କ ମୁଣ୍ଡ ଓ ପିଠିକୁ ଲକ୍ଷ୍ୟ କରି ଗୁଳି ଚଳାଇଥିଲେ। ଘଟଣାସ୍ଥଳରେ ହିଁ କପିଲଙ୍କ ମୃତ୍ୟୁ ହୋଇଥିଲା। ଏହି ଗୁଳିକାଣ୍ଡରେ ଶିଖା ନାମକ ଜଣେ ମହିଳା ମଧ୍ୟ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ହତ୍ୟାକାଣ୍ଡ ପରେ ବିଷ୍ଣୋଇ ଗ୍ୟାଙ୍ଗର ସଦସ୍ୟ ହରି ବକ୍ସର ଏକ ଅଡିଓ ବାର୍ତ୍ତା ଜାରି କରି ଏହି ହତ୍ୟା ପାଇଁ ନିଜ ଗ୍ୟାଙ୍ଗକୁ ଦାୟୀ କରିଛି। ପୂର୍ବ ଶତ୍ରୁତା ଓ ଚେତାବନୀକୁ ଅବଜ୍ଞା କରିବା ଯୋଗୁଁ କପିଲଙ୍କୁ ହତ୍ୟା କରାଯାଇଛି ବୋଲି ସେ କହିଛି। ଏହି ଅଡିଓ ବାର୍ତ୍ତାରେ ଦିଲ୍ଲୀରେ ହୋଇଥିବା ଏକ ଗୁଳିକାଣ୍ଡ ପାଇଁ ମଧ୍ୟ ଗ୍ୟାଙ୍ଗ ନିଜକୁ ଦାୟୀ କରିଛି। ଏଥିସହ ବଲିଉଡ ଅଭିନେତା ସଲମାନ ଖାନଙ୍କ ନିକଟତର ହେଉଥିବା ବ୍ୟକ୍ତିମାନଙ୍କୁ ଯେତେ ସୁରକ୍ଷା ମିଳିଲେ ବି ଛଡ଼ାଯିବ ନାହିଁ ବୋଲି ସେଥିରେ ଧମକ ଦିଆଯାଇଛି। ଏହି ସମ୍ପୂର୍ଣ୍ଣ ଘଟଣାର ସିସିଟିଭି ଚିତ୍ର ସାମ୍ନାକୁ ଆସିବା ପରେ ପୋଲିସ ଓ ଫୋରେନସିକ ଦଳ ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଛନ୍ତି। ବିଦେଶରେ ରହୁଥିବା ବିଷ୍ଣୋଇ ଗ୍ୟାଙ୍ଗର ସଦସ୍ୟମାନଙ୍କୁ ଗିରଫ କରିବା ପାଇଁ ପୁଲିସ ଉଦ୍ୟମ ଚଳାଇଛି।

# ତ୍ରିପୁରା ମେଡିକାଲ କଲେଜରେ 'ଆର ଜି କର' କାଣ୍ଡ



ଆଗରତାଲା, ୧୧।୬(ଏଜେନ୍ସି): ତ୍ରିପୁରା ଶାନ୍ତିନିକେତନ ମେଡିକାଲ କଲେଜ ପରିସରରୁ ଜଣେ ମହିଳା କର୍ମଚାରୀଙ୍କ ରହସ୍ୟମୟ ମୃତଦେହ ଉଦ୍ଧାର କରାଯାଇଛି, ଯାହା କୋଲକାତାର ଚର୍ଚ୍ଚିତ ଆର ଜି କର ମାମଲା ଭଳି ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। କଲେଜର ପରୀକ୍ଷା ବିଭାଗରେ କାର୍ଯ୍ୟରତ ୨୪ ବର୍ଷୀୟା ମନୀଷା ଦାସଙ୍କ ମୃତଦେହ ହଷ୍ଟେଲର ତୃତୀୟ ମହଲାରୁ ଝୁଲନ୍ତା ଅବସ୍ଥାରେ ମିଳିଛି। ମୃତ ମହିଳାଙ୍କ ମା' ଏହାକୁ ସ୍ପଷ୍ଟ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିବା ସହ କଲେଜ କର୍ତ୍ତୃପକ୍ଷ ଏଥିରେ ସାମିଲ ଥିବା ଦାବି କରିଛନ୍ତି। ଦୁଷ୍କର୍ମ ପରେ ହତଶ କରାଯାଇଥିବା ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି ଏବଂ ଜଣକୁ ଅଟକ ରଖି ପଚରାଉଚରା କରୁଛି। ସୂଚନାଯୋଗ୍ୟ ଯେ, ପୂର୍ବରୁ ମଧ୍ୟ ଏହି ମେଡିକାଲ କଲେଜ ବିଭିନ୍ନ ପ୍ରଶାସନିକ ଅନିୟମିତତା ପାଇଁ ବିବାଦ ଘେରରେ ରହିଆସିଛି।

## ଉପସାଗରରେ ଆମେରିକାର ଆକ୍ରମଣ

# ୩ ଭାରତୀୟ ନାବିକଙ୍କ ମୃତ୍ୟୁ




**■ ପ୍ରତିବାଦ ଜଣାଇଲା ଭାରତ**
**■ ଠିକ୍ କରିଛୁ, କହିଲା ଆମେରିକା**

ନୂଆଦିଲ୍ଲୀ, ୧୧।୬(ଏଜେନ୍ସି): ଓମାନ ଉପକୂଳ ନିକଟରେ ଆମେରିକା ସେନା ଦ୍ୱାରା ଏକ ତେଲ ବାହୀ ଜାହାଜ ଉପରେ ହୋଇଥିବା ଆକ୍ରମଣରେ ନିଖୋଜ ଥିବା ୩ ଜଣ ଭାରତୀୟ ନାବିକଙ୍କ ମୃତ୍ୟୁ ହୋଇଛି। କେନ୍ଦ୍ର ସେବାୟନ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଏହି ସୂଚନା ଦେଇ ଘଟଣାକୁ ଅତ୍ୟନ୍ତ 'ଦୁଃଖଦାୟକ' ବୋଲି ଆଖ୍ୟା ଦେଇଛନ୍ତି। ମୃତ ନାବିକମାନେ ହେଲେ- ଡେକ୍ କ୍ୟାଡେଟ୍ ଆଦିତ୍ୟ ଶର୍ମା, ଇଞ୍ଜିନ ଫିଟର ଶିବାନନ୍ଦ ଚୌରାସିଆ ଏବଂ ଚିଫ୍ ଇଞ୍ଜିନିୟର ପଟନାଲା ସୁରେଶ। ପାଲାଉର ପତାକା ଧାରୀ ତେଲ ଟ୍ୟାଙ୍କର୍ 'ଏମଟି ସେଟେବେଲୋ' ଉପରେ ଆମେରିକାର ସେଣ୍ଟ୍ରାଲ କମାଣ୍ଡ ବାୟୁସେନା ସଠିକ୍ ଗୋଳାବାରୁଦ ସାହାଯ୍ୟରେ ଆକ୍ରମଣ କରିଥିଲା। ଏହି ଜାହାଜରେ ୨୪ ଜଣ ଭାରତୀୟଙ୍କ ସମେତ ମୋଟ ୨୮ ଜଣ କ୍ରୁ ସଦସ୍ୟ ଥିଲେ। ସେମାନଙ୍କ ମଧ୍ୟରୁ ୨୧ ଜଣ ଭାରତୀୟଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି। ଆମେରିକା ସେନା ପକ୍ଷରୁ କୁହାଯାଇଛି ଯେ, ଇରାନୀୟ ତେଲ ଉପରେ ଲାଗିଥିବା କଟକଣାକୁ ଏହି ଜାହାଜ ଉଲ୍ଲଂଘନ କରୁଥିଲା। ଆମେରିକା ସେନାର ନିର୍ଦ୍ଦେଶକୁ ବାରମ୍ବାର ଅମାନ୍ୟ କରି ଜାହାଜଟି ଇରାନରୁ ତେଲ ପରିବହନ କରୁଥିବାରୁ ଓମାନ ଗଲ୍‌ଫରେ ଏହାକୁ ଆକ୍ରମଣ କରି ଅଚଳ କରାଯାଇଥିଲା। ମନ୍ତ୍ରୀ ସୋନୋୱାଲ କହିଛନ୍ତି ଯେ, ମୋଦୀ ସରକାର ଶୋକସନ୍ତପ୍ତ ପରିବାର ସହ ଦୃଢ଼ ଭାବରେ ଠିଆ ହୋଇଛନ୍ତି। ଉଦ୍ଧାର ହୋଇଥିବା ନାବିକମାନଙ୍କୁ ତୁରନ୍ତ ଦେଶକୁ ଫେରାଇ ଆଣିବା ଏବଂ ମୃତକଙ୍କ ପାର୍ଥିବ ଶରୀରକୁ ସମ୍ମାନର ସହ ସ୍ୱଦେଶ ଆଣିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଭାରତ ଏହି ଆକ୍ରମଣକୁ କଡ଼ା ନିନ୍ଦା କରିଛି। ଏହି ସାମୁଦ୍ରିକ ଅଞ୍ଚଳରେ ଚାଲିଥିବା ସଂଘର୍ଷ ଯୋଗୁଁ ଏପରି ଆକ୍ରମଣ ଚିନ୍ତାଜନକ ବୋଲି ଭାରତ କହିଛି ଏବଂ ସ୍ଥିତି ସୁଧାରିବାକୁ ଆହ୍ୱାନ ଦେଇଛି। ଏହି ଘଟଣାକୁ ନେଇ ନୂଆଦିଲ୍ଲୀରେ ଥିବା ଆମେରିକାର ରାଷ୍ଟ୍ରଦୂତଙ୍କୁ ସମନ କରାଯାଇ ଭାରତ ପକ୍ଷରୁ ଦୃଢ଼ ପ୍ରତିବାଦ ପତ୍ର ଦାଖଲ କରାଯାଇଛି। ମଧ୍ୟ-ପ୍ରାଚ୍ୟ ଯୁଦ୍ଧ କାରଣରୁ ହର୍ମୁଜ ପ୍ରଣାଳୀରେ ସାମୁଦ୍ରିକ ଚଳାଚଳ ପ୍ରଭାବିତ ହୋଇଛି। ଗୋଟିଏ ପଟେ ଇରାନ ଏହି ପଥକୁ ଅବରୋଧ କରିଥିବା ବେଳେ ଏପ୍ରିଲ ମାସରୁ ଆମେରିକା ମଧ୍ୟ ନିଜର କଟକଣା ଜାରି ରଖିଛି। ଏହି ଦୁଇ ଶକ୍ତିଙ୍କ ମଧ୍ୟରେ ଚାଲିଥିବା ଛାୟା ଯୁଦ୍ଧରେ ତିନି ଜଣ ନିରୀହ ଭାରତୀୟ ନାବିକଙ୍କ ଜୀବନ ଯିବା ଅନ୍ତର୍ଜାତୀୟ ସ୍ତରରେ ଏକ ସମ୍ବେଦନଶୀଳ ପରିସ୍ଥିତି ସୃଷ୍ଟି କରିଛି।

ସାମୁଦ୍ରିକ ବାଣିଜ୍ୟ ଜାହାଜ ଉପରେ ହେଉଥିବା ଆକ୍ରମଣକୁ ନେଇ ଭାରତ ଗଭୀର ଉଦ୍‌ବେଗ ପ୍ରକାଶ କରିଛି। ଗଲ୍‌ଫ ବା ଉପସାଗରୀୟ ଅଞ୍ଚଳରେ ଚାଲିଥିବା ଇରାନ ସଂଘର୍ଷ ଯୋଗୁଁ ଅନେକ ଭାରତୀୟ ନାଗରିକ ପ୍ରାଣ ହରାଇଛନ୍ତି ଏବଂ କେତେକ ନିଖୋଜ ଅଛନ୍ତି ବୋଲି ଭାରତ ଜାତିସଂଘକୁ ଜଣାଇଛି। ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ହରୀଶ ପର୍ବଥାନେନୀ କହିଛନ୍ତି ଯେ, ଗଲ୍‌ଫ ଅଞ୍ଚଳରେ ପ୍ରାୟ ୧ କୋଟି ଭାରତୀୟ ବସବାସ କରୁଛନ୍ତି ଏବଂ ସେମାନଙ୍କ ସୁରକ୍ଷା ଭାରତ ପାଇଁ ସର୍ବୋଚ୍ଚ ପ୍ରାଥମିକତା। ଓମାନ ଉପକୂଳରେ ଭାରତୀୟ କ୍ରୁ-ମେମ୍ବର ଥିବା ବାଣିଜ୍ୟିକ ଜାହାଜ 'ସେଟେବେଲୋ' ଉପରେ ଆମେରିକାର ଆକ୍ରମଣକୁ ନେଇ ଭାରତ ନୂଆଦିଲ୍ଲୀସ୍ଥିତ ଆମେରିକୀୟ ଦୂତଙ୍କ ନିକଟରେ ଦୃଢ଼ ପ୍ରତିବାଦ ମଧ୍ୟ ଜଣାଇଛି।

# ଜୋର୍‌ଦାର୍ ପ୍ରବେଶ ପରେ ଅଟକିଗଲା ମୌସୁମୀ

ନୂଆଦିଲ୍ଲୀ, ୧୧।୬(ଏଜେନ୍ସି): ଭାରତରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆରମ୍ଭରୁ ଦ୍ରୁତ ଗତିରେ ଆଗକୁ ବଢ଼ିବା ପରେ ଏବେ ଏହାର ଗତିପଥ ମନ୍ଥର ହୋଇଯାଇଛି। ଜୁନ୍ ୪ ରେ କେରଳ ଛୁଇଁବା ପରେ ଏହା ଦକ୍ଷିଣ ଭାରତ, ଆରବ ସାଗର, ବଙ୍ଗୋପସାଗର ଏବଂ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ଶୀଘ୍ର ବିସ୍ତାର ହୋଇଥିଲା। କିନ୍ତୁ ବର୍ତ୍ତମାନ ଏହାର ଗତି ସ୍ଥିର ହୋଇଯାଇଥିବାରୁ ମଧ୍ୟ, ପଶ୍ଚିମ ଏବଂ ଉତ୍ତର-ପଶ୍ଚିମ ଭାରତର ବଡ଼ ଅଂଶ ଏବେ ବି ମୌସୁମୀ ବର୍ଷାକୁ ଅପେକ୍ଷା କରିଛନ୍ତି। ଘରୋଇ ପାଣିପାଗ ସଂସ୍ଥା 'ସ୍କାଏମେଟ୍' ଅନୁଯାୟୀ, ମୌସୁମୀର ଗତି କମିବା ପଛରେ କିଛି ନିର୍ଦ୍ଦିଷ୍ଟ କାରଣ ରହିଛି। ଆରବ ସାଗର ଏବଂ ବଙ୍ଗୋପସାଗରରେ ଦୀର୍ଘ ସମୟ ହେବ କୌଣସି ଲଘୁଚାପ, ଅବପାତ କିମ୍ବା ବାତ୍ୟା ସୃଷ୍ଟି ହୋଇନାହିଁ। ୨୦୨୫ ଶେଷ ଆଡ଼କୁ ଆସିଥିବା 'ଦିତୱା' ବାତ୍ୟା ପରେ କୌଣସି ବଡ଼ ପାଣିପାଗ ପ୍ରକ୍ରିୟା ଦେଖାଯାଇ ନାହିଁ। ସାଧାରଣତଃ ଏହି ଲଘୁଚାପଗୁଡ଼ିକ ସମୁଦ୍ରରୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁକୁ ସ୍ଥଳଭାଗ ଆଡ଼କୁ ଟାଣିବାରେ ସାହାଯ୍ୟ କରନ୍ତି, ଯାହା ମୌସୁମୀକୁ ଦ୍ରୁତଗାମୀ କରେ। ଏହି ବ୍ୟବସ୍ଥା ଅଭାବରୁ ମୌସୁମୀ କେବଳ ନିଜର ସ୍ୱାଭାବିକ ପ୍ରବାହ ଉପରେ ନିର୍ଭର କରୁଛି, ଯାହାଫଳରେ ଗତି ଧିମା ହୋଇଛି। ବର୍ତ୍ତମାନ ମୌସୁମୀ ବାୟୁ କେବଳ ପଶ୍ଚିମ ଉପକୂଳବର୍ତ୍ତୀ ଅଞ୍ଚଳରେ ଶକ୍ତିଶାଳୀ ରହିଛି, ଯେଉଁଥିପାଇଁ ସେଠାରେ ଭଲ ବର୍ଷା ହେଉଛି। କିନ୍ତୁ ଦେଶର ଭିତର ଏବଂ କେନ୍ଦ୍ରୀୟ ଭାଗରେ ଏବେ ବି ଗରମ ଅନୁଭୂତ ହେଉଛି। ପାଣିପାଗ ବିଶେଷଜ୍ଞଙ୍କ ମତରେ, ମୌସୁମୀ ସବୁବେଳେ ସମାନ ଗତିରେ ଆଗକୁ ବଢେ ନାହିଁ। ଏହା ପର୍ଯ୍ୟାୟକ୍ରମେ ଗତି କରିଥାଏ; କିଛି ଦିନ ଦ୍ରୁତ ଗତିରେ ବଢ଼ିବା ପରେ କିଛି ସମୟ ପାଇଁ ଅଟକିଯାଏ ଏବଂ ପୁଣି ସକ୍ରିୟ ହୁଏ। ଏ ବର୍ଷ ମଧ୍ୟ ସେଭଳି ଦେଖିବାକୁ ମିଳୁଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଅନୁଯାୟୀ, ମୌସୁମୀ ଧିମା ହେଲେ ମଧ୍ୟ ଏହା ଉତ୍ତର-ପୂର୍ବର ସମସ୍ତ ରାଜ୍ୟ, ସିକିମ ଏବଂ ପଶ୍ଚିମବଙ୍ଗର କିଛି ଅଂଶକୁ ସଫଳତାର ସହ ଛୁଇଁ ସାରିଛି। ମୌସୁମୀର ଆଗାମୀ ଯାତ୍ରା ସମ୍ପୂର୍ଣ୍ଣ ଭାବେ ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ନୂଆ ଲଘୁଚାପ ଉପରେ ନିର୍ଭର କରେ।

# ମଣିପୁର ପୁଣି ଅଶାନ୍ତ

ଇମ୍ଫାଲ, ୧୧।୬(ଏଜେନ୍ସି): ମଣିପୁରରେ ଜାତିଗତ ହିଂସା ଘଟଣାରେ କାମଜୋଙ୍ଗ ଜିଲ୍ଲାର କୁଲ୍ଲା କୁକି ଗ୍ରାମରେ ସନ୍ତ୍ରାସବାଦୀମାନେ କୁକି ସମ୍ପ୍ରଦାୟର ୨ ଜଣଙ୍କୁ ଗୁଳି କରି ହତ୍ୟା କରିବା ସହ ୩୦ରୁ ଅଧିକ ଘର ପୋଡ଼ି ଦେଇଥିବା ସୂଚନା ମିଳିଛି। ଅନ୍ୟପଟେ, କାଙ୍ଗପୋକପି ଜିଲ୍ଲାରେ ନାଗା ସମ୍ପ୍ରଦାୟର ୬ ଜଣ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଗତ ମେ ୧୩ରେ ଲୈଲନ୍ ଭାଇଫେଇ ଗ୍ରାମରୁ ଅପହୃତ ହୋଇଥିବା ୬ ଜଣ ବ୍ୟକ୍ତିଙ୍କର ଏହି ମୃତଦେହ ବୋଲି ପୁଲିସ ସନ୍ଦେହ କରିଛି। ପ୍ରାୟ ୨୯ ଦିନ ପରେ କରମ ଭାଇଫେଇ ଗ୍ରାମରୁ ଏହି ଶବଗୁଡ଼ିକ ମିଳିଥିଲା। ବୁଧବାର ବିଳମ୍ବିତ ରାତିରେ ଏହି ୬ଟି ମୃତଦେହକୁ ପୋରୋମପାଟ ସ୍ଥିତ ଡାକ୍ତରଖାନାକୁ ଅଣାଯାଇଥିଲା।


**■ କୁକି ସମ୍ପ୍ରଦାୟର ୨ଜଣଙ୍କୁ ହତ୍ୟା**
**■ ୩୦ ଘରକୁ ଜାଳିଦେଲେ**

ସେଠାରେ ଶତାଧିକ ଲୋକ ରୁଣ୍ଡ ହୋଇଥିଲେ। ଭିଡ଼ ନିୟନ୍ତ୍ରଣ ବାହାରକୁ ଯିବାରୁ ପୁଲିସକୁ ଲୁହବୁହା ଗ୍ୟାସ ପ୍ରୟୋଗ କରିବା ସହ ଲାଠିଚାର୍ଜ କରିବାକୁ ପଡ଼ିଥିଲା। ଏହି ଘଟଣାର ତଦନ୍ତ ପାଇଁ ଏନଆଇଏ ଏବଂ ଅନ୍ୟାନ୍ୟ ସୁରକ୍ଷା ଏଜେନ୍ସି ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଏହି ହତ୍ୟାକାଣ୍ଡକୁ ବିରୋଧ କରି ବିଭିନ୍ନ ସ୍ଥାନରେ ପ୍ରତିବାଦ କରାଯାଇଛି। ସେନାପତି ଜିଲ୍ଲାର କାରୋଙ୍ଗ ଅଞ୍ଚଳରେ ଉତ୍ତ୍ୟକ୍ତ ଲୋକେ ମାଲବାହୀ ଟ୍ରକରେ ନିଆଁ ଲଗାଇବା ସହ ନାଗା ପିପୁଲ୍ସ ଫ୍ରଣ୍ଟ କାର୍ଯ୍ୟାଳୟରେ ଭଙ୍ଗାରୁଜା କରିଛନ୍ତି। ଏଥିସହିତ ତମେଙ୍ଗଲଙ୍ଗ ଜିଲ୍ଲାର ଟାମେଇ ଅଞ୍ଚଳରେ ମଧ୍ୟ ଅଶାନ୍ତି ଦେଖାଦେଇଛି। ପୂର୍ବରୁ ଜୁନ୍ ୮ ରେ କୁକି ବିଦ୍ରୋହୀଙ୍କ ଗୁଳିମାଡ଼ରେ ଜଣେ ନାଗା ଗ୍ରାମର ସୁରକ୍ଷାକର୍ମୀ ପ୍ରାଣ ହରାଇଥିଲେ। ଏକ ଆରଟିଆଇ ତଥ୍ୟରୁ ଗତ ୩ ବର୍ଷ ମଧ୍ୟରେ ମଣିପୁର ହିଂସା ଯୋଗୁଁ ୭୩୧ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

# ବିମାନ ଦେଖିଲେ ଡରୁଛନ୍ତି ପରିବାର



**ଅହମଦାବାଦ ବିମାନ ଦୁର୍ଘଟଣାକୁ ବର୍ଷେ**



ଅହମଦାବାଦ, ୧୧।୬(ଏଜେନ୍ସି): ଠିକ୍ ବର୍ଷକ ତଳେ ଗୁଜରାଟର ଅହମଦାବାଦଠାରେ ଘଟିଥିବା ସେହି ସେହି ଭୟଙ୍କର ବିମାନ ଦୁର୍ଘଟଣାକୁ ଆଜି ଏକ ବର୍ଷ ପୂରିଛି। ସମୟ ବଦଳି ଯାଇଛି ସତ, କିନ୍ତୁ ସେହି ଦୁର୍ଘଟଣାରେ ନିଜ ପ୍ରିୟଜନଙ୍କୁ ହରାଇଥିବା ପରିବାର ଲୋକଙ୍କ ଆଖିରୁ ଲୁହ ଶୁଖିନାହିଁ। ଆଜି ବି ସେହି ଭୟାବହ ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ଆନ୍ଦୋଳିତ କରୁଛି। ରିପୋର୍ଟ ଅନୁଯାୟୀ, ଦୁର୍ଘଟଣାର ବର୍ଷେ ପରେ ମଧ୍ୟ ପରିବାରର ସଦସ୍ୟମାନେ ଏଭଳି ମାନସିକ ଆଘାତରେ ଅଛନ୍ତି ଯେ ସେମାନେ ଏବେ ବିମାନରେ ବସିବାକୁ ଅତ୍ୟନ୍ତ ଭୟ କରୁଛନ୍ତି। ସେହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ଆତ୍ମୀୟମାନେ ଏବେ ଏକ ଗଭୀର ମାନସିକ ସମସ୍ୟା ଦେଇ ଗତି କରୁଛନ୍ତି। ଅନେକ ପରିବାରର ସଦସ୍ୟ ନିଜର ଦୈନନ୍ଦିନ ଜୀବନକୁ ସ୍ୱାଭାବିକ କରିବା ପାଇଁ ଆଜି ବି ମାନସିକ ରୋଗ ବିଶେଷଜ୍ଞଙ୍କ ସାହାଯ୍ୟ ନେଉଛନ୍ତି ଏବଂ ସେମାନଙ୍କର ନିୟମିତ କାଉନସେଲିଂ ଚାଲିଛି। ଗତ ବର୍ଷ ଆଜିର ଦିନରେ ଅହମଦାବାଦ ବିମାନବନ୍ଦର ନିକଟରେ ଏକ ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଯାନ୍ତ୍ରିକ ତ୍ରୁଟି ଏବଂ ଖରାପ ପାଣିପାଗ ଯୋଗୁଁ ଘଟିଥିବା ଏହି ଅଘଟଣରେ ଅନେକ ନିରୀହ ଯାତ୍ରୀ ପ୍ରାଣ ହରାଇଥିଲେ। ଏହି ଦୁର୍ଘଟଣା ସାରା ଦେଶକୁ ସ୍ତବ୍ଧ କରିଦେଇଥିଲା। ବର୍ଷେ ବିତିଯାଇଥିଲେ ମଧ୍ୟ ମୃତକଙ୍କ ପରିବାର ଲୋକେ ବିମାନ ସେବା ଏବଂ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଉଛନ୍ତି। ସରକାର ଓ ବିମାନ କମ୍ପାନୀଗୁଡ଼ିକ ପକ୍ଷରୁ ମିଳିଥିବା ଆର୍ଥିକ ସହାୟତା ସେମାନଙ୍କ ପରିବାରର ଶୂନ୍ୟସ୍ଥାନକୁ ପୂରଣ କରିପାରିନାହିଁ। ସେମାନଙ୍କର କହିବା କଥା ଯେ, ବିମାନ ଯାତ୍ରାକୁ ଏଭଳି ସୁରକ୍ଷିତ କରାଯାଉ ଯେମିତି ଭବିଷ୍ୟତରେ ଆଉ କେହି ନିଜର ପ୍ରିୟଜନଙ୍କୁ ଏମିତି ନ ହରାନ୍ତୁ। ଅହମଦାବାଦ ବିମାନ ଦୁର୍ଘଟଣାର ପ୍ରଥମ ବାର୍ଷିକୀ ଆମକୁ ମନେ ପକାଇଦିଏ ଯେ, ଯେକୌଣସି ବଡ଼ ଦୁର୍ଘଟଣା କେବଳ କିଛି ସେକେଣ୍ଡ ମଧ୍ୟରେ ଶେଷ ହୋଇଯାଏ, କିନ୍ତୁ ଏହା ପଛରେ ଛାଡ଼ିଯାଉଥିବା କ୍ଷତ ଏବଂ ମାନସିକ ଆଘାତ ସମ୍ପୃକ୍ତ ପରିବାରକୁ ସାରା ଜୀବନ ବହନ କରିବାକୁ ପଡ଼ିଥାଏ। ପୀଡ଼ିତ ପରିବାରକୁ ମାନସିକ ସ୍ତରରେ ସୁସ୍ଥ କରିବା ପାଇଁ ସାମାଜିକ ଏବଂ ପାରିବାରିକ ସମର୍ଥନର ଅତ୍ୟନ୍ତ ଆବଶ୍ୟକତା ରହିଛି।

## ବ୍ରିଟେନ୍ ପ୍ରତିରକ୍ଷା ମନ୍ତ୍ରୀଙ୍କ ଇସ୍ତଫା

ଲଣ୍ଡନ, ୧୧।୬(ଏଜେନ୍ସି): ବ୍ରିଟେନର ପ୍ରତିରକ୍ଷା ସଚିବ ଜନ୍ ହିଲି ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସରକାରଙ୍କ ସାମରିକ ଖର୍ଚ୍ଚ ଯୋଜନା ଦେଶର ସୁରକ୍ଷା ପାଇଁ ଆବଶ୍ୟକ ସମ୍ବଳ ଯୋଗାଇବାରେ ବିଫଳ ହୋଇଥିବା ଦର୍ଶାଇ ସେ ଏହି ନିଷ୍ପତ୍ତି ନେଇଛନ୍ତି। ପ୍ରଧାନମନ୍ତ୍ରୀ କିର ଷ୍ଟାରମର୍‌ଙ୍କ ନେତୃତ୍ୱାଧୀନ ସରକାର ପାଇଁ ଏହା ଏକ ବଡ଼ ଝଟକା ବୋଲି କୁହାଯାଉଛି। ଜନ୍ ହିଲି ପ୍ରଧାନମନ୍ତ୍ରୀଙ୍କୁ ଦେଇଥିବା ନିଜ ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ବର୍ତ୍ତମାନର ବିପଜ୍ଜନକ ସମୟରେ ଦେଶର ସୁରକ୍ଷା ପାଇଁ ଯେତିକି ପୁଞ୍ଜି ବିନିଯୋଗ ଆବଶ୍ୟକ, ସରକାରଙ୍କ ନୂତନ ଯୋଜନା ତା'ଠାରୁ ବହୁତ କମ୍ ଥିବା ଦର୍ଶାଇଛନ୍ତି।

# ଗୃହିଣୀମାନେ ହେଉଛନ୍ତି 'ରାଷ୍ଟ୍ର ନିର୍ମାତା': ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୧।୬(ଏଜେନ୍ସି): ସୁପ୍ରିମକୋର୍ଟ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ଶୁଣାଣିରେ ବିଚାର ସମୟରେ ଦେଶର କୋଟି କୋଟି ମହିଳାଙ୍କ ସମ୍ମାନ ଏବଂ ସେମାନଙ୍କ ଦେୟବିହୀନ ପରିଶ୍ରମକୁ ରାଷ୍ଟ୍ର ନିର୍ମାଣ ଦିଗରେ କରୁଥିବା କାର୍ଯ୍ୟ ବୋଲି କହିଛନ୍ତି। ଘର ସମ୍ଭାଳୁଥିବା ମହିଳାମାନଙ୍କ ପାଇଁ 'ଗୃହିଣୀ' ଶବ୍ଦଟି ଅତି ଛୋଟ ଏବଂ ବାସ୍ତବରେ ସେମାନେ ଜଣେ ଜଣେ 'ରାଷ୍ଟ୍ର ନିର୍ମାତା' ବୋଲି ଜଷ୍ଟିସ୍ ସଞ୍ଜୟ କରୋଲଙ୍କ ନେତୃତ୍ୱରେ ଗଠିତ ବେଞ୍ଚ କହିଛନ୍ତି। ଅଦାଲତ ସ୍ପଷ୍ଟ କରିଛନ୍ତି ଯେ, ଜଣେ ଗୃହିଣୀଙ୍କ ଦ୍ୱାରା କରାଯାଉଥିବା ବିନା ଦରମାର ପରିଶ୍ରମ ପରିବାରକୁ ସୁଦୃଢ଼ କରିବା ସହ ଭବିଷ୍ୟତ ପିଢ଼ିକୁ ଗଢ଼ିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଏହି ଅବଦାନର ଅସ୍ୱୀକାର୍ଯ୍ୟ ଆର୍ଥିକ ମୂଲ୍ୟ ରହିଛି। ଦୁର୍ଘଟଣାଜନିତ ମୃତ୍ୟୁ ମାମଲାରେ କ୍ଷତିପୂରଣ ଧାର୍ଯ୍ୟ କରିବା ସମୟରେ କେବଳ ଆର୍ଥିକ କ୍ଷତିକୁ ନୁହେଁ, ବରଂ ସେହି ମହିଳାଙ୍କ ଦ୍ୱାରା ପରିବାରକୁ ଦିଆଯାଉଥିବା ସେବା ଓ ଯତ୍ନର ମୂଲ୍ୟକୁ ମଧ୍ୟ ବିଚାରକୁ ନିଆଯିବା ଉଚିତ ବୋଲି କୋର୍ଟ କହିଛନ୍ତି। ମୋଟର ଦୁର୍ଘଟଣା ମାମଲାରେ କ୍ଷତିପୂରଣ ରାଶି ନିର୍ଦ୍ଧାରଣ କରିବା ମାମଲା ବିଚାର ବେଳେ ସୁପ୍ରିମକୋର୍ଟ ଏହି ରାୟ ଦେବା ସହ ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି। କୋର୍ଟ 'ଘରୋଇ ସେବା ହରାଇବା' ବାବଦକୁ ମାସିକ ୩୦, ୦୦୦ ଟଙ୍କା ଧାର୍ଯ୍ୟ କରିଛନ୍ତି। ଏହାସହ ଗୃହିଣୀଙ୍କ ଭବିଷ୍ୟତର ଅବଦାନକୁ ମଧ୍ୟ କ୍ଷତିପୂରଣ ଗଣନା ସମୟରେ ଅନ୍ତର୍ଭୁକ୍ତ କରିବାକୁ କୁହାଯାଇଛି। ସୁପ୍ରିମକୋର୍ଟ କହିଛନ୍ତି ଯେ, ବିବାହର ଅର୍ଥ ଜଣେ ଚାକରାଣୀ ନିଯୁକ୍ତି କରିବା ନୁହେଁ, ବରଂ ଘରୋଇ ଦାୟିତ୍ୱ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କର ମିଳିତ କର୍ତ୍ତବ୍ୟ। ଜଣେ ବିବାହିତା ଡାକ୍ତର ବା ଅନ୍ୟ କୌଣସି ପେଶାରେ ରହି ନିଜର କ୍ୟାରିୟର ଗଢ଼ିବାକୁ ଇଚ୍ଛା ପ୍ରକାଶକଲେ ତାହାକୁ ସ୍ୱାମୀ ବା ଶ୍ୱଶୁର ଘର ପ୍ରତି କ୍ରୁରତା ବୋଲି କୁହାଯାଇପାରିବ ନାହିଁ। ପୀଡ଼ିତ ପରିବାର ଯେପରି ଦୀର୍ଘ ଦିନ ଧରି ଆଇନଗତ ଲଢେଇ ନକରନ୍ତି, ସେଥିପାଇଁ ସମସ୍ତ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ମୋଟର ଦୁର୍ଘଟଣା କ୍ଷତିପୂରଣ ମାମଲାଗୁଡ଼ିକର ତଦାରଖ କରିବାକୁ କୋର୍ଟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

♦VOLUME- 43 ♦ISSUE-344 ♦FRIDAY ♦12 JUNE 2026 ♦PAGE-12 ♦₹ 7.00

♦ବର୍ଷ-୪୩ ♦ସଂଖ୍ୟା-୩୪୪ ♦ଶୁକ୍ରବାର ♦୧୨ ଜୁନ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




ଭାରତୀୟ ଜୁନିଅର ଦଳରେ ଦ୍ରାବିଡ୍‌ଙ୍କ ପୁଅ ଅନ୍ୱୟ

▶କ୍ରୀଡ଼ା ପୃଷ୍ଠାରେ...






10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE | 72198 21111 | Flipkart | amazon.in

*ସର୍ତ୍ତ ଓ ନିୟମାବଳୀ ଲାଗିବ । ଅଫର 30 ଜୁନ 2026 ପର୍ଯ୍ୟନ୍ତ ବୈଧ ଅଟେ । ପଲ୍‌ସର୍ N160 USD ସିଙ୍ଗଲ୍ ସିଟ୍ ଭାରିଆଣ୍ଟରେ ଇ-କମ ଅଫର୍, ସମ୍ପୃକ୍ତ ଇ-କମ୍ ପାର୍ଟନରଙ୍କ ସର୍ତ୍ତାବଳୀ ଉପରେ ନିର୍ଭର କରେ । ଇ-କମ୍ ଅଫର୍ ପାର୍ଟନରମାନଙ୍କ ମଧ୍ୟରେ ଭିନ୍ନ ହୋଇପାରେ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସୁରକ୍ଷା ନିୟମଗୁଡ଼ିକ ପାଳନ କରନ୍ତୁ ।

**Authorised Dealers for Bajaj Auto Ltd.: Sambalpur: UJJWAL BAJAJ 9853155550, Sonepur UJJWAL BAJAJ 9348711920 • Bargarh UJJWAL BAJAJ 9124042012 •Dungripalli UJJWAL BAJAJ 9937679753 • Rourkela** RM BAJAJ 9078083803 • **Sundergarh** RM BAJAJ 9078083500 • **Bolangir** URBASI BAJAJ 7381052046 • **Bhawanipatna** KALINGA AUTO SERVICE 8763863692 • **Jharsuguda UTKAL BAJAJ 9337200356.**

ସକାଳ
THE SAKALA

# ସମ୍ପାଦକୀୟ



ବୁଲେଟ୍(ଗୁଳି)ଠାରୁ ବାଲେଟ୍(ଭୋଟ) ଅଧିକ ଶକ୍ତିଶାଳୀ।
-ଆବ୍ରାହାମ୍ ଲିଙ୍କନ୍

## ସ୍ୱତ୍ୱାଧିକାର ଓ ଭାବାବେଗ

ପୁରୀ ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥ ସଂସ୍କୃତି ସହିତ ଓତପ୍ରୋତ ଭାବେ ସଂଶ୍ଳିଷ୍ଟ 'ପତିତପାବନ' ଓ 'ଆନନ୍ଦବଜାର' ଶବ୍ଦ ଏବଂ ନୀଳଚକ୍ର ଚିହ୍ନ(ଲୋଗୋ)କୁ ସ୍ୱତ୍ୱାଧିକାର ମିଳିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳା କ୍ଷେତ୍ର ପୁରୁଷୋତ୍ତମ ଧାମ ପୁରୀ ଏବଂ ଶ୍ରୀମନ୍ଦିର ସହିତ ସମ୍ପର୍କିତ ପ୍ରାୟ ୨୬ଟି ଅନନ୍ୟ ଶବ୍ଦାବଳୀର ପ୍ୟାଟେଣ୍ଟ(ସ୍ୱତ୍ୱାଧିକାର) କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଆବେଦନ କରିଥିବା ବେଳେ ପ୍ରାଥମିକ ପର୍ଯ୍ୟାୟରେ ଉପରୋକ୍ତ ତିନିଟି ଶବ୍ଦ ଓ ଲୋଗୋକୁ ସ୍ୱତ୍ୱାଧିକାର ମିଳିଛି ଏବଂ ଅନ୍ୟଗୁଡ଼ିକ ବିଚାରାଧୀନ ରହିଥିବା ସୂଚନା ମିଳିଛି। ପଶ୍ଚିମବଙ୍ଗର ଦୀଘାଠାରେ ନିର୍ମିତ ଶ୍ରୀଜଗନ୍ନାଥଙ୍କ ଭବ୍ୟ ମନ୍ଦିରକୁ 'ଧାମ' ଭାବରେ ନାମିତ କରିବା ପରେ ଓଡ଼ିଶାରେ ଯେଉଁ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା ସେହି ପୃଷ୍ଠଭୂମିରେ ଏବଂ ଜନମତର ସ୍ରୋତାନୁକୂଳରେ ଏହି ନବଚିନ୍ତନ ଜନ୍ମ ନେଇଥିବା ମନେହୁଏ। ସମ୍ପ୍ରତି ରାଜ୍ୟ-ରାଜ୍ୟ ଓ କେନ୍ଦ୍ର-ରାଜ୍ୟ ମଧ୍ୟରେ ଯେଭଳି ତଥାକଥିତ ଅସ୍ମିତା ହଡ଼ପ ପ୍ରତିଯୋଗିତା ଆରମ୍ଭ ହୋଇଛି ସେହି ଦୃଷ୍ଟିକୋଣରୁ ବିଚାରକଲେ ଶ୍ରୀମନ୍ଦିର ପ୍ରଶାସନର ଉପରୋକ୍ତ ନିଷ୍ପତ୍ତି ସ୍ୱାଗତଯୋଗ୍ୟ ଓ ସମୟୋପଯୋଗୀ। କିନ୍ତୁ ଏ ବିଷୟରେ ନିଗୂଢ଼ ଭାବେ ଚିନ୍ତା କଲେ କେତେକ ପ୍ରଶ୍ନ ଓ ଦ୍ୱନ୍ଦ୍ୱ ସ୍ୱତଃ ସୃଷ୍ଟି ହେଉଛି, ଯାହା କିଞ୍ଚିତ ଆଲୋଚନାର ଅବକାଶ ସୃଷ୍ଟି କରିଛି।

ଶ୍ରୀଜଗନ୍ନାଥ ଚେତନାର ସୌରଭ ସାତସମୁଦ୍ର, ପର୍ବତ, ଅରଣ୍ୟ ଭେଦି ବିଶ୍ୱାୟନରେ 'ଜଗତର ନାଥ' ଶବ୍ଦର ସାର୍ଥକତା ଓ ପ୍ରାମାଣିକତା ପ୍ରତିଷ୍ଠା କରିସାରିଛି ଏବଂ ଏବେ ଏହା ଆହୁରି ପରିବ୍ୟାପ୍ତ ହେଉଛି। ଏକପକ୍ଷରେ ଆମେ ନୀଳାଦ୍ରିନାଥଙ୍କୁ ବିଶ୍ୱାୟନରେ ଉପସ୍ଥାପନ କରିବା ବେଳେ ତତ୍‌ସଂଲଗ୍ନ ଶବ୍ଦ ଓ ଉଚ୍ଚାରଣକୁ ସ୍ୱତ୍ୱାଧିକାରରେ ଆବଦ୍ଧ କଲେ ଶ୍ରୀଜଗନ୍ନାଥ ଚେତନା ଓ ମହନୀୟତାକୁ ଏକ ସଂକୀର୍ଣ୍ଣତାବାଦୀ ରକ୍ଷଣଶୀଳ ଦୁନିଆରେ ସୀମାବଦ୍ଧ କରିଦେବା ଭଳି ହେବ ନି ତ? ଅନିଚ୍ଛା ସତ୍ତ୍ୱେ ଏଭଳି ପ୍ରଶ୍ନଟିଏ ଶ୍ରୀଜଗନ୍ନାଥଙ୍କୁ ବ୍ରହ୍ମାଣ୍ଡର ଠାକୁର ଭାବେ ଗ୍ରହଣ କରି ନେଇଥିବା ବିଶ୍ୱହିତୈଷୀ ଓଡ଼ିଆର ହୃଦୟ ଓ ମନ ଭିତରେ ଆନ୍ଦୋଳିତ ହେଉଛି। ଆମେ ଏହି ସ୍ତମ୍ଭରେ ପୂର୍ବରୁ ମଧ୍ୟ ଉଲ୍ଲେଖ କରିଥିଲୁ ଯେ ଯେପରି ରାମଚନ୍ଦ୍ର ନାମ ଧାରଣ କଲେ କେହି ମର୍ଯ୍ୟାଦା ପୁରୁଷୋତ୍ତମ ହୋଇପାରିବେ ନାହିଁ, ସେହିଭଳି 'ଶ୍ରୀକ୍ଷେତ୍ର', 'ଧାମ' ଆଦି ନାମ ବହନ ଓ ଧାରଣ କଲେ ସେହି ଅଞ୍ଚଳ ପାବନ ଶଙ୍ଖକ୍ଷେତ୍ର ହୋଇଯିବ ନାହିଁ। ଓଡ଼ିଶା ଓ ଓଡ଼ିଶା ବାହାରେ ଏଭଳି ଅନେକ '...ଶ୍ରୀକ୍ଷେତ୍ର', 'ଆନନ୍ଦବଜାର' ଆଦି ପ୍ରତିଷ୍ଠା ହୋଇଥିଲେ ମଧ୍ୟ ନୀଳାଚଳଧାମ ପ୍ରତି ଜନସମୁଦାୟର ଆବେଗ, ଶ୍ରଦ୍ଧା ଓ ଭକ୍ତିରେ ତିଳେମାତ୍ର ଆଞ୍ଚ ଆସିନାହିଁ, ବରଂ ଶ୍ରୀକ୍ଷେତ୍ର ପୁରୀକୁ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଦୀଘା 'ଧାମ' ନାମ ଧାରଣ କଲେ ପୁରୀ ତୀର୍ଥାଟନ ଓ ପର୍ଯ୍ୟଟନରେ ମର୍ଯ୍ୟାଦା ଓ ଗୁରୁତ୍ୱ ହରାଇବ ବୋଲି କତିପୟ ବିଭ୍ରାନ୍ତ ମସ୍ତିଷ୍କରୁ ସୃଷ୍ଟି ହୋଇଥିବା ଉଦ୍‌ଭ୍ରାନ୍ତ ଓ ଅବାନ୍ତର ଧାରଣା ହିଁ ବିବାଦକୁ ଜଟିଳ କରୁଛି ଏବଂ ଶ୍ରୀଜଗନ୍ନାଥ ଚେତନାକୁ ସଂକୁଚିତ କରୁଛି। ଏପରିକି ଓଡ଼ିଶାରେ ଏଭଳି ବିତର୍କ ଓ ଆଲୋଚନା ଦ୍ୱାରା ବଙ୍ଗୀୟମାନଙ୍କର ଗୁରୁତ୍ୱ ପରୋକ୍ଷରେ ବଢୁଛି।

ଯଦି ଶ୍ରୀମନ୍ଦିର ପ୍ରଶାସନ ଏକ ମହତ୍ ଭାବନା ନେଇ ସଂକୀର୍ଣ୍ଣତାରୁ ଊର୍ଦ୍ଧ୍ୱକୁ ଯାଇ ଏଭଳି ଚିନ୍ତା କରିଥିବେ ଏବଂ ବିହିତ ପଦକ୍ଷେପ ନେବେ ତେବେ ତାହାକୁ ଆମେ ସଶ୍ରଦ୍ଧ, ସବିନୟ ଓ ସସମ୍ମାନ ସ୍ୱାଗତ କରୁଛୁ। ତଥାପି କିଛି ଦ୍ୱନ୍ଦ୍ୱ ବିଜଡ଼ିତ ପ୍ରଶ୍ନ ଉତ୍‌ଥାପନ କରିବାର ଧୃଷ୍ଟତା କରୁଛୁ। କୋଟିକୋଟି ଓଡ଼ିଆର ପରମ ଆରାଧ୍ୟ, ଓଡ଼ିଆ ସଂସ୍କୃତିର ନାଭିକେନ୍ଦ୍ର, ଓଡ଼ିଆ ଜାତିର ମୁରବି ବିଶ୍ୱବ୍ରହ୍ମାଣ୍ଡର ନାୟକଙ୍କ ପ୍ରତି ଭକ୍ତି, ଶ୍ରଦ୍ଧା ଓ ଭରସାର ପ୍ରତୀକ ରୂପେ ବିଶ୍ୱର ଅନେକ ଅଞ୍ଚଳରେ ରଥଯାତ୍ରା ଅନୁଷ୍ଠିତ ହୋଇଆସୁଛି ଏବଂ ସେଥିସହିତ ଚାପଖେଳ, ସ୍ନାନପୂର୍ଣ୍ଣିମା, ଛେରାପହଁରା, ମାଉସୀମା', ଆଡ଼ପ ମଣ୍ଡପ, ଅଣସର, ନୀଳାଦ୍ରିବିଜେ, ଅଧରପଣା ଆଦି ନୀତିକାନ୍ତି ପାଳନ ହୋଇଆସୁଛି, ଯାହା ମୂଳତଃ ଶ୍ରୀକ୍ଷେତ୍ର ଶ୍ରୀମନ୍ଦିର ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତିରୁ ସୃଷ୍ଟ ଓ ପ୍ରଚଳିତ। ଏହା ଭକ୍ତଙ୍କର ପ୍ରଭୁଙ୍କ ପ୍ରତି ଆତ୍ମୀୟତା ଓ ଭାବାବେଗର ପ୍ରତୀକ। ଯଦି ସ୍ୱତ୍ୱାଧିକାରରେ ଏହି ସବୁ ଶବ୍ଦ ସାମିଲ୍ ହୋଇଯାଏ ତେବେ ଭକ୍ତ ଓ ଭଗବାନ ମଧ୍ୟରେ ପ୍ରତିବନ୍ଧକଟିଏ ସୃଷ୍ଟି ହେବ ନାହିଁ କି? ଯଦି କେବଳ ଦୀଘାକୁ ଦୃଷ୍ଟିରେ ରଖି ନିର୍ଦ୍ଦିଷ୍ଟ ଶବ୍ଦକୁ ସ୍ୱତ୍ୱାଧିକାରରେ ସାମିଲ୍ କରିବାକୁ ଯୋଜନା ହୋଇଥାଏ ତାହା କୋଟି ଓଡ଼ିଆର ମଉଡ଼ମଣି ବିଶ୍ୱାତ୍ମାଙ୍କ ଗରିମା ଓ ମହିମା ଦୃଷ୍ଟିରୁ ବୋଧହୁଏ ଶୋଭନୀୟ ହେବ ନାହିଁ ବୋଲି ଆମର ବିନମ୍ର ପରାମର୍ଶ। ଶ୍ରୀଜଗନ୍ନାଥ ସଂସ୍କୃତି ସହିତ ଜଡ଼ିତ ଶବ୍ଦର ସ୍ୱତ୍ୱାଧିକାର କହିବାକୁ ଯେତିକି ସରଳ, ତା'ର ରୂପାୟନ ଓ ପ୍ରଭାବ କାହିଁ କେତେ ଅଧିକ ଜଟିଳ। ତେଣୁ ଏ ସମ୍ପର୍କରେ ବ୍ୟାପକ ଓ ବିସ୍ତୃତ ଆଲୋଚନା ହେବା ଆବଶ୍ୟକ ଏବଂ ପରାମର୍ଶସବୁକୁ ଶ୍ରୀମନ୍ଦିର ପ୍ରଶାସନ ଗୁରୁତ୍ୱର ସହିତ ବିଚାର ପାଇଁ ଗ୍ରହଣ କରିବା ମଧ୍ୟ ଜରୁରୀ। ସର୍ବୋପରି ଶଙ୍କରାଚାର୍ଯ୍ୟଙ୍କ ମତାମତ ଏ କ୍ଷେତ୍ରରେ ସର୍ବାଦୌ ଗୁରୁତ୍ୱପୂର୍ଣ୍ଣ ଓ ବାଞ୍ଛନୀୟ।

ଏହି ପୃଷ୍ଠଭୂମିରେ ଆମେ ରଥଯାତ୍ରାକୁ ୟୁନେସ୍କୋର ଅସ୍ପୃଶ୍ୟମାନ ସାଂସ୍କୃତିକ ଐତିହ୍ୟ ତାଲିକାରେ ସାମିଲ୍ ବିଷୟ ପୁନଃଉପସ୍ଥାପନ କରିବାକୁ ପ୍ରାସଙ୍ଗିକ ମନେ କରୁଛୁ। ପଶ୍ଚିମବଙ୍ଗ ରସଗୋଲାକୁ ଜିଆଇ ଟ୍ୟାଗ୍ ଦାବି କରି ପ୍ରମାଣପତ୍ର ହାସଲ କରିସାରିବା ପରେ ଆମେ ତତ୍ପର ହେଲୁ; 'ଦୀଘା'କୁ 'ଧାମ' ଘୋଷଣା କରିବା ପରେ ଆମେ ଏବେ ପ୍ରତିକ୍ରିୟାଶୀଳ ହେଉଛୁ। କିନ୍ତୁ ମାତ୍ର ପ୍ରାୟ ଦେଢ଼ଶହବର୍ଷ ପୁରୁଣା ପଶ୍ଚିମବଙ୍ଗର ଦୁର୍ଗାପୂଜା ଏବଂ ବିହାରର ଛଟ ପୂଜା ୟୁନେସ୍କୋର ଏହି ତାଲିକାରେ ସାମିଲ୍ ହୋଇସାରିଥିବା ବେଳେ ହଜାରେ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପାଳିତ ଓ ବିଶ୍ୱଜନମନକୁ ମୋହିତ କରିଥିବା ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଏ ପର୍ଯ୍ୟନ୍ତ ତାଲିକାଭୁକ୍ତ ହୋଇପାରିନାହିଁ କି ଆମେ ସେ ଦିଗରେ ନିଷ୍ଠାବାନ ହୋଇପାରିଲୁ ନାହିଁ। ଶ୍ରୀମନ୍ଦିର ପ୍ରଶାସନ ବୈଠକରେ ଏହି ଐତିହାସିକ ଅନ୍ୟାୟ ଓ ଅବହେଳା ବିଷୟରେ ଆଲୋଚନା ହେଉଛି କି ନାହିଁ ତାହା ଜଣାନାହିଁ।

ଆମେ ପୁଣି ଦୃଷ୍ଟି ଆକର୍ଷଣ କରିବାକୁ ଚାହୁଁଛୁ ଯେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ବ୍ୟବସ୍ଥା ଏ ପର୍ଯ୍ୟନ୍ତ ଶୃଙ୍ଖଳିତ ହୋଇପାରିଲା ନାହିଁ। ଧାଡ଼ି ଦର୍ଶନ କେବଳ ଘୋଷଣାରେ ରହିଗଲା। ମହାପ୍ରସାଦର ଦର ନିର୍ଦ୍ଧାରଣ ମଧ୍ୟ ଗ୍ରହଣୀୟ ହୋଇପାରିନାହିଁ। ପୁରୀକୁ ଆସୁଥିବା କୋଟିକୋଟି ଶ୍ରୀଜଗନ୍ନାଥ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଏହା ଅସ୍ୱସ୍ତି ସୃଷ୍ଟି କରୁଛି। ଆଭ୍ୟନ୍ତରୀଣ ଶୃଙ୍ଖଳା ରକ୍ଷା ଏବଂ ତ୍ରୁଟି ସଜାଡ଼ିବାରେ ଅବହେଳାରୁ ସର୍ବସାଧାରଣଙ୍କ ଦୃଷ୍ଟି ଭ୍ରମିତ କରିବା ପାଇଁ ଶବ୍ଦ ସ୍ୱତ୍ୱାଧିକାର ଭଳି ଉଚ୍ଚାଟ ସୃଷ୍ଟିକାରୀ ଘୋଷଣା ହୋଇଥାଇପାରେ ବୋଲି ହେଉଥିବା ଅଭିଯୋଗକୁ ମଧ୍ୟ ଏହି ପୃଷ୍ଠଭୂମିରେ ହଠାତ୍ ହାଲ୍‌କା ଭାବେ ନିଆଯାଇପାରିବ ନାହିଁ।

## କର୍କଟ ଚିକିତ୍ସାର ନିଷ୍ଠୁର ସତ୍ୟ

**ତୁଷାରକାନ୍ତ**

ମୁଁ ୪ର୍ଥ ସ୍ତରର କର୍କଟ ରୋଗୀଟିଏ, ଯିଏ ପ୍ରତି ୨୧ ଦିନରେ ୨୦୦ ମିଲିଗ୍ରାମର କେଟ୍ରୁଡା ଇଞ୍ଜେକସନ ନେଉଛି। ଏହାର କମ୍ପାନୀ ସ୍ଥିରୀକୃତ ୧୦୦ ମିଲିଗ୍ରାମର ମୂଲ୍ୟ ୨,୧୬,୫୦୦ ଟଙ୍କା। ଭୁବନେଶ୍ୱରରେ ଏହାର ପାଇକାରୀ ମୂଲ୍ୟ ୧, ୮୧, ୦୦୦ ଟଙ୍କା। କିନ୍ତୁ କଟ୍ଟରପନ୍ଥୀ ଦେଶଭକ୍ତ ଓ ତଥାକଥିତ ସମାଜସେବୀଙ୍କ ଦ୍ୱାରା ପ୍ରତିଷ୍ଠିତ ଡାକ୍ତରଖାନାଗୁଡ଼ିକରେ ଚିକିତ୍ସିତ ରୋଗୀଙ୍କଠାରୁ ୧୦୦ ମିଲିଗ୍ରାମ ପାଇଁ ୨, ୧୬, ୫୦୦ ଟଙ୍କା ନିଆଯାଉଛି, ଯଦିଓ ସେମାନେ ନିଜେ ଏହାକୁ ୧, ୮୧, ୦୦୦ ଟଙ୍କାରେ କିଣୁଛନ୍ତି ଏବଂ ଏହାକୁ ଦେବା ବାବଦରେ ଅନ୍ୟାନ୍ୟ ଅନେକ ଖର୍ଚ୍ଚ ମଧ୍ୟ ନେଉଛନ୍ତି। ସାଲାଇନ ବୋତଲରୁ ହାତର ଛୁଞ୍ଚିକୁ ସଂଯୋଗ କରୁଥିବା ପ୍ଲାଷ୍ଟିକ ତାର ଖଣ୍ଡିକର ମୂଲ୍ୟ ୧, ୨୫୦ ଟଙ୍କା, ଛୁଞ୍ଚିର ଦାମ ୩୦୦ ଟଙ୍କା। ହାତପୋଛା, ତୁଳା, କ୍ୟାବିନ ଭଡ଼ା, ଫାଇଲ ରଖା ଖର୍ଚ୍ଚ ତଥା ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ ପ୍ରତିଥର ପାଖାପାଖି ୧୨, ୦୦୦ ଟଙ୍କା ବେଦାକୁ ପଡ଼େ। ତେଣୁ ୨୦୦ ମିଲିଗ୍ରାମ ଇଞ୍ଜେକ୍‌ସନ୍ ପାଇଁ ସେମାନେ ୭୦,୦୦୦ ଟଙ୍କା ଅଧିକ ଶୋଷି ନିଅନ୍ତି। ବାର୍ଷିକ ୨୦ ଲକ୍ଷ ଟଙ୍କାରୁ କମ ଆୟ କରୁଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ଔଷଧ ପ୍ରସ୍ତୁତକାରୀ କମ୍ପାନୀ ଦୁଇ ବର୍ଷରେ ୩୫ ଥର ପାଇଁ ସମୁଦାୟ ୭,୦୦୦ ମିଲିଗ୍ରାମରୁ ୬, ୦୦୦ ମିଲିଗ୍ରାମ ମାଗଣାରେ ଯୋଗାଉଥିବାରୁ ମୋତେ ୧, ୦୦୦ ମିଲିଗ୍ରାମ ପାଇଁ ୨୧,୬୫,୦୦୦ ଟଙ୍କା ଦେବାକୁ ପଡୁଛି, ଯାହା ମୁଁ ହୋଲସେଲରଙ୍କଠାରୁ କିଣିଲେ ୩,୫୦,୦୦୦ ଟଙ୍କା କମରେ, ଅର୍ଥାତ ୧୮,୧୫,୦୦୦ ଟଙ୍କାରେ କିଣନ୍ତି। କିନ୍ତୁ ଏହା କୁଆଡ଼େ ସମାଜସେବୀ ହସ୍ପିଟାଲ୍ ପ୍ରୋଟୋକଲ୍(ନିୟମ) ଉଲ୍ଲଂଘନ କରୁଥିବାରୁ ମୋର ତଥା ଅନ୍ୟମାନଙ୍କରଏତିକି କ୍ଷତି ହେଉଛି। ବାର୍ଷିକ ୨୦ ଲକ୍ଷ ଟଙ୍କାରୁ ଅଧିକ ଆୟକାରୀଙ୍କ ବାବଦରେ ଆପଣ ହିସାବ କରନ୍ତୁ ସେମାନଙ୍କର କ୍ଷତି କେତେ ହେଉଥିବ।

ଚାନ୍ଦା ମାର୍ଫତରେ କିନ୍ତୁ ଡାକ୍ତରଖାନା ମାଲିକମାନଙ୍କର ଏଭଳି କଳା କାରନାମା ଲୁଚି ଯାଉଛି। ଏବେ ଆଉ ଏକ ସାଂଘାତିକ ଖବର ବିଷୟରେ ଉଲ୍ଲେଖ କରୁଛି। ନେପାଳରୁ ଭାରତ ଦେଇ ମେକ୍ସିକୋ ପର୍ଯ୍ୟନ୍ତ ଉପରୋକ୍ତ ମୂଲ୍ୟ ରୋଗୀଙ୍କଠାରୁ ଆଦାୟ କରି ନିମ୍ନମାନର ଓ ଅଳ୍ପ ଦାମର ଇଞ୍ଜେକସନ ଦିଆଯାଉଥିବା ଅଭିଯୋଗ ସମ୍ପର୍କରେ ତା ୧୩/୧୪/୧୫/୧୬.୦୪.୨୦୨୬ ରିଖର 'ଇଣ୍ଡିଆନ୍ ଏକ୍ସପ୍ରେସ୍' ଦୈନିକ ସମ୍ବାଦପତ୍ରରେ ଏକ ବିରାଟ ଅନୁସନ୍ଧାନମୂଳକ ଲେଖା ଧାରାବାହିକ ଭାବରେ ପ୍ରକାଶିତ ହୋଇଥିଲା। ଏହି ଅନୁସନ୍ଧାନରେ ୩୬ଟି ଦେଶର ୧୨୪ ଜଣ ସାମ୍ବାଦିକ ଦୁଇ ବର୍ଷ ଧରି ନିୟୋଜିତ ଥିଲେ। ଆଇସିଆଜେ ସହଯୋଗରେ 'କ୍ୟାନସର କାଲକୁଲସ' ନାମରେ ହୋଇଥିବା ଏହି ଅନୁସନ୍ଧାନ ରିପୋର୍ଟରେ ଭାରତରେ 'କେଟ୍ରୁଡା ଇଞ୍ଜେକସନ'ର ଏକ ବଡ଼ କଳାବଜାର ବିଷୟରେ ଉଲ୍ଲେଖ ରହିଛି। ଆମେରିକାର ଫାର୍ମା କମ୍ପାନୀ ମେର୍କ ଆଣ୍ଡ କୋ ଦ୍ୱାରା ନିର୍ମିତ ଏହା ଏକ ଇମ୍ୟୁନୋଥେରାପି ଔଷଧ। ୧୦୦ ମିଲିଗ୍ରାମ ଭାଏଲ୍‌ର ସରକାରୀ ମୂଲ୍ୟ ୧.୫ ଲକ୍ଷ ଟଙ୍କା ହୋଇଥିବାରୁ ଅଧିକାଂଶ ପରିବାର ଏହା କିଣିବାକୁ ଅସମର୍ଥ। ଅନୁସନ୍ଧାନର ରିପୋର୍ଟ ଅନୁଯାୟୀ ଏହି ନକଲି ବଜାର ମୁଖ୍ୟତଃ ଔଷଧର ଅଭାବ ଏବଂ ହସ୍ପିଟାଲଗୁଡ଼ିକରେ ବ୍ୟବହୃତ ହେଉଥିବା 'ଷ୍ଟାଣ୍ଡାର୍ଡ ହାଇ ଡୋଜ(ଅତ୍ୟଧିକ ମାତ୍ରା)' ଯୋଗୁଁ ବୃଦ୍ଧି ପାଉଛି, ଯାହା ଖର୍ଚ୍ଚ ବଢ଼ାଇଥାଏ। ପୁଲିସ୍ ମଧ୍ୟ ଏଭଳି ପ୍ରମାଣ ପାଇଛି, ଯେଉଁଥିରେ ହସ୍ପିଟାଲ କର୍ମଚାରୀମାନେ ନକଲି ଔଷଧ ଯୋଗାଣ ସହିତ ଜଡ଼ିତ ଅଛନ୍ତି।

ଅନେକ ଘରୋଇ ହସ୍ପିଟାଲ ଫାର୍ମାସିକୁ ଲାଭର ଏକ ମୁଖ୍ୟ କେନ୍ଦ୍ର ଭାବେ ବ୍ୟବହାର କରନ୍ତି। ଔଷଧକୁ ସର୍ବାଧିକ ଖୁଚୁରା ମୂଲ୍ୟ(ଏମ୍‌ଆରପି)ରେ ବିକ୍ରି କରିବା ସହିତ ସେମାନେ ପ୍ରଶାସନିକ ଖର୍ଚ୍ଚ, ନର୍ସିଂ ଓ ଉପକରଣ ଫି', ଭିତ୍ତିଭୂମି ବ୍ୟବହାର ଖର୍ଚ୍ଚ, ଔଷଧର ସଂରକ୍ଷଣ(କୋଲ୍ଡ-ଚେନ୍) ଖର୍ଚ୍ଚ) ସହିତ ୫% ଜିଏସ୍‌ଟି ଯୋଗ କରନ୍ତି, ଯାହା ରୋଗୀର ମେଡିକାଲ୍ ବିଲ୍‌କୁ ଆକାଶଛୁଆଁ କରିଦିଏ। 'କିରଣ ପେସେଣ୍ଟ ଆକ୍ସେସ ପ୍ରୋଗ୍ରାମ' ନାମରେ ଏକ ସହାୟତା ସେବା ମର୍କ କମ୍ପାନୀ ଚଳାଉଛି। ଏଥିରେ ରୋଗୀଙ୍କୁ କିଛି ବୋତଲ ଅଧିକ ମୂଲ୍ୟରେ କିଣିବାକୁ ପଡ଼େ ଏବଂ ପରେ କିଛି ବୋତଲ ମାଗଣାରେ ମିଳେ। ରିପୋର୍ଟରେ ଥିବା ୧.୫ ଲକ୍ଷ ଟଙ୍କାର ହାରାହାରି ମୂଲ୍ୟ ଏହି ମାଗଣା ବୋତଲଗୁଡ଼ିକୁ ମିଶାଇ ଗଣନା କରାଯାଇଛି। କିନ୍ତୁ ଜଣେ ରୋଗୀ ଯଦି ଏହି ପ୍ରୋଗ୍ରାମରେ ପଞ୍ଜିକୃତ ହୋଇନାହାନ୍ତି, ତେବେ ତାଙ୍କୁ ପ୍ରତି ବୋତଲ ପାଇଁ ପୂରା ୨.୧୬ ଲକ୍ଷ ଟଙ୍କା ଦେବାକୁ ପଡ଼ିବ। ମୁଁ 'କିରଣ ଯୋଜନା' ଉପଭୋଗ କରୁଛି; କିନ୍ତୁ ଯେଉଁ ୧୦୦୦ ମିଲିଗ୍ରାମ କିଣୁଛି ସେଥିପାଇଁ ୧୦୦ ମିଲିଗ୍ରାମର ଦାମ ୨, ୧୬, ୫୦୦ ଟଙ୍କା ଦେଉଛି। ଏହାଛଡ଼ା ହସ୍ପିଟାଲଗୁଡ଼ିକ ଓଜନ ଅନୁସାରେ ଡୋଜ୍ ନଦେଇ ଏକ ନିର୍ଦ୍ଧାରିତ ଅଧିକ ଡୋଜ୍ (ଯଥା ୨୦୦ ମିଲିଗ୍ରାମ) ଦେଇଥା'ନ୍ତି, ଯାହାଫଳରେ ରୋଗୀଙ୍କୁ ଦୁଇଟି ଭାଏଲ୍ କିଣିବାକୁ ପଡ଼େ ଏବଂ ଖର୍ଚ୍ଚ ୪.୩ ଲକ୍ଷ ଟଙ୍କାରୁ ଅଧିକ ହୋଇଯାଏ।

୧୩.୦୪.୨୦୨୬ତାରିଖର 'ଇଣ୍ଡିଆନ୍ ଏକ୍ସପ୍ରେସ୍'ରେ ପ୍ରକାଶିତ ରିପୋର୍ଟର ସାରାଂଶ ହେଉଛି - ଦିଲ୍ଲୀ, ମୁମ୍ବାଇ ଏବଂ ବେଙ୍ଗାଲୁରୁରେ ଏକ ବଡ଼ ରାକେଟ୍ ଚାଲୁଛି। ସାମ୍ବାଦିକମାନେ ୧୨,୫୦୦ ପୃଷ୍ଠାର ତଥ୍ୟ, ହ୍ୱାଟସଆପ୍ ଚାଟ୍ ଏବଂ ବ୍ୟାଙ୍କ ଷ୍ଟେଟମେଣ୍ଟ ଯାଞ୍ଚ କରି ଏହା ଜାଣିବାକୁ ପାଇଛନ୍ତି। ନକଲି ବ୍ୟବସାୟୀମାନେ ନୂଆ ବୋତଲ ତିଆରି କରିବା ବଦଳରେ ହସ୍ପିଟାଲ ଭିତରର କର୍ମଚାରୀଙ୍କ ସହଯୋଗରେ ପୁରୁଣା ବା ଖାଲି ବୋତଲ ସଂଗ୍ରହ କରୁଥିଲେ ଏବଂ ପ୍ରତିବଦଳରେ ଫାର୍ମାସିଷ୍ଟ ଓ ନର୍ସମାନଙ୍କୁ ଟଙ୍କା ଦେଉଥିଲେ। ଗୋଟିଏ ଖାଲି ବୋତଲ ପାଇଁ ୩,୦୦୦ ଟଙ୍କା ଏବଂ ଭର୍ତ୍ତି ଇଞ୍ଜେକସନ (ଯାହା ରୋଗୀଙ୍କୁ ଦିଆନଯାଇ ଚୋରି କରାଯାଇଥିଲା) ପାଇଁ ୪୦,୦୦୦ ରୁ ୬୫,୦୦୦ ଟଙ୍କା ଦିଆଯାଉଥିଲା। ଖାଲି ବୋତଲରେ ସାଧାରଣ ଲୁଣ ପାଣି ବା ସାଲାଇନ୍ ୱାଟର ଭର୍ତ୍ତି କରାଯାଇ ପୁଣି ସିଲ୍ କରାଯାଉଥିଲା। ଏହି ନକଲି ଇଞ୍ଜେକସନକୁ ପ୍ରାୟ ୯୦,୦୦୦ ଟଙ୍କାରେ ଅସହାୟ ପରିବାରଙ୍କୁ ବିକ୍ରି କରାଯାଉଥିଲା। ହସ୍ପିଟାଲ କର୍ମଚାରୀଙ୍କ ମଧ୍ୟରେ ହୋଇଥିବା ହ୍ୱାଟସଆପ୍ ଚାଟ ଏବଂ ଜବତ ହୋଇଥିବା ନକଲି ବୋତଲର ବ୍ୟାଚ ନମ୍ବର ହସ୍ପିଟାଲକୁ ଦିଆଯାଇଥିବା ଅସଲି ବ୍ୟାଚ ନମ୍ବର ସହିତ ମିଶିଯାଇଥିଲା। ସିସିଟିଭି ଥିବା ସତ୍ତ୍ୱେ କର୍ମଚାରୀମାନେ ବ୍ୟକ୍ତିଗତ ବ୍ୟାଗରେ ବୋତଲ ଚୋରି କରି ବାହାରକୁ ନେଉଥିଲେ। ନକଲି ଇଞ୍ଜେକ୍‌ସନ୍ ଯୋଗୁଁ ରୋଗ ଉପଶମ ହେବା ବଦଳରେ ରୋଗ ଶୀଘ୍ର ବଢ଼ିଯାଉଥିଲା। ଏହି କାରଣରୁ ଅନେକ ରୋଗୀଙ୍କର ଅକାଳମୃତ୍ୟୁ ମଧ୍ୟ ହୋଇଛି। ବିଶେଷଜ୍ଞ ଡାକ୍ତରମାନେ ନକଲି ବୋତଲକୁ ଚିହ୍ନି ପାରୁନଥିଲେ। ଯଦିଓ କେଟ୍ରୁଡା କମ୍ପାନୀ ଆମେରିକା ଭିତ୍ତିକ, କିନ୍ତୁ ଭାରତରେ ବ୍ୟବହୃତ ଉତ୍ପାଦଗୁଡ଼ିକ ନେଦରଲ୍ୟାଣ୍ଡ (ହଲାଣ୍ଡ) ଫ୍ୟାକ୍ଟ୍ରିରୁ ଆସୁଥିବାରୁ ପ୍ୟାକେଟ୍ ଉପରେ 'ମେଡ୍ ଇନ୍ ହଲାଣ୍ଡ' ଲେଖାଥାଏ।

ଏହି ପୃଷ୍ଠଭୂମିରେ ସ୍ୱାଧୀନତା ସଂଗ୍ରାମୀ, ଦାର୍ଶନିକ ତଥା ବିଶିଷ୍ଟ ଲେଖକ ଶ୍ରୀ ଚିତ୍ତରଞ୍ଜନ ଦାସଙ୍କ ଦ୍ୱାରା ତା ୩୧.୦୫.୧୯୮୮ ରିଖରେ ଲିଖିତ 'ଯିଏ ଯେଝାପାଇଁ ଲାଗିଲେ' ଶୀର୍ଷକ ପ୍ରବନ୍ଧଟିର କିୟଦଂଶ ଉଦ୍ଧୃତି କରିବା ପ୍ରାସଙ୍ଗିକ ହେବ। - 'ଶିକ୍ଷକମାନେ ଶିକ୍ଷା ପାଇଁ ନ ଲାଗି ନିଜ ପାଇଁ ଲାଗିଲେ; ଚାକିରିଆମାନେ ଯେଉଁଥିପାଇଁ ଦରମା ପାଉଛନ୍ତି ସେଥିପାଇଁ ନଲାଗି ଗୋଟାସୁଦ୍ଧା ନିଜ ପାଇଁ ଲାଗିଲେ। ଆପଣାର ଆୟଗୁଡ଼ାକ ସେମାନଙ୍କୁ ପ୍ରାୟ କିଛି ବୋଲି ଦିଶିଲା ନାହିଁ ବୋଲି ପାରୁପର୍ଯ୍ୟନ୍ତ ଅଣଆୟଗୁଡ଼ାକୁ ବଢ଼ାଇଲେ; ମନ୍ତ୍ରୀ ବିଚରା ବା ଅଧିକ କ'ଣ କରି ପାରିଥା'ନ୍ତେ? ସେମାନେ ବି ତ ଠିକ ଆମରି ଭଳି ମଣିଷ। ତେଣୁ ସେମାନେ ବି ନିଜ ପାଇଁ ଲାଗିଗଲେ। ହାଉଆ ଯେଉଁଭଳି ବୋହୁଥିଲା, ସେମାନେ ତାହାରି ପ୍ରତିନିଧିତ୍ୱ କଲେ। ଯିଏ ପୁଲିସ ହୋଇଥିଲା, ସିଏ ଶାନ୍ତିରକ୍ଷା ପାଇଁ ନଲାଗି ନିଜ ପାଇଁ ଲାଗିବାକୁ ବାଧ୍ୟ ହେଲା; ଆମ ଓକିଲ ଓ ନ୍ୟାୟର ଅଧୀଶ୍ୱରମାନେ ଅନ୍ୟ ପ୍ରକାରେ ଆଚରଣ କରିଥିଲେ ଯୁଗର ଆଖିରେ ବୋକା ବନି ରହିଥା'ନ୍ତେ, ତେଣୁ ସେମାନେ ମଧ୍ୟ ଯୁଗକୁ କଦର ଦେଖାଇ ଯଥାସମ୍ଭବ ନିଜ ପାଇଁ ଲାଗିଲେ। ଧର୍ମଗୁଡ଼ାକ ମଧ୍ୟ ଆଉ ପୃଥିବୀ ପାଇଁ ହୋଇ ରହିପାରିଲା ନାହିଁ। ସେଗୁଡ଼ିକ ମଠରେ ପରିଣତ ହୋଇଗଲା ଏବଂ ନିଜ ପାଇଁ ଲାଗିଲା। ମଣିଷମାନେ ଦେଉଳ ଭିତରକୁ ଯାଇ ଭଗବାନଙ୍କୁ ପ୍ରଧାନତଃ ନିଜ ପାଇଁ ମାଗିଲେ। ଭଗବାନ ନିଲଠା ହୋଇ ଅନେଇ ରହିଲେ। ଯେଉଁମାନେ ତାଙ୍କ ପାଇଁ କୋଠାଘର କରିଦେଲେ, ତାଙ୍କ ମୁଣ୍ଡ ଉପରେ ଚାନ୍ଦୁଆ ଟଙ୍ଗାଇ ଦେଲେ ଓ ଶଂଖମର୍ମର ପଥରରେ ପାହାଚ ବସେଇଦେଲେ, ସିଏ ସେମାନଙ୍କୁ ମୁହଁ ଖୋଲି ଆଦୌ କିଛି କହି ପାରିଥା'ନ୍ତେ କିପରି? ତା' ପରେ ସଂଗ୍ରାମୀମାନେ ଆସି ପହଞ୍ଚିଲେ। ସଂଗ୍ରାମ ସରି ନ ଥିଲା। ମାତ୍ର ସେମାନେ ବୁଢ଼ା ହୋଇ ଯାଇଥିଲେ। ତେଣୁ ଭତ୍ତା ମାଗିଲେ, ନିଜ ପାଇଁ ଲାଗିଲେ। କଳାକାରମାନେ ନିଜକୁ ଦୁଃସ୍ଥ କହି ସେ ଖାତାରେ ନିଜର ନାଆଁ ଲେଖାଇବାକୁ ସଂଘ ଗଢ଼ିଲେ। ସାହିତ୍ୟିକମାନେ ବି ସହରରେ ସଭା ମଣ୍ଡାଇ ଦୁଃସ୍ଥ ହେଲେ, ହାତ ପତେଇଲେ। ସାହିତ୍ୟକୁ ନେଇ ସାହୁକାରଙ୍କ ଘରେ ବାନ୍ଧିଦେଇ ଆସିଲେ। ଯିଏ ଯେଝା ପାଇଁ ଲାଗି ଗୌରବ ଅନୁଭବ କଲେ। ଯେଝା ନିଶକୁ ଦର୍ପଣ ଭିତରେ ଦେଖି ଫୁଲେଇ ହେଲେ। ତେବେ ଦେଶ ପାଇଁ, ମଣିଷ ପାଇଁ କିମ୍ବା ନ୍ୟାୟ ପାଇଁ କଥା କହିବାକୁ ଆଉ କେଉଁମାନେ ବାକି ରହିଲେ? ମାତ୍ର ଅଧିକରୁ ଅଧିକ ମଣିଷ ତଥାପି ଦେଶ ବିଷୟରେ ଭାଷଣ ଦେଲେ। ଆଦର୍ଶ ବିଷୟରେ ପିଲାମାନଙ୍କୁ ତ୍ୟାଗର ଉଦବୋଧନ ଦେଲେ। ଏଣିକି ଚରିତ୍ର ବିଷୟରେ ଅଧିକ କଥା କୁହାଗଲା, ଧର୍ମସଭାରେ ଅଧିକ ଉତ୍ସାହ ଓ ଉଚ୍ଛନ୍ନପଣିଆ ଦେଖାଇ ଧର୍ମକଥାର ଉଦଗାର ହେଲା। ଶ୍ରଦ୍ଧାଳୁ ଶ୍ରୋତାମାନେ ରାତି ଅନିଦ୍ରା ହୋଇ ସେହି ଉଦଗାର ଶୁଣିଲେ, କୃତ୍ୟକୃତ୍ୟ ହେଲେ, ମର ଜୀବନକୁ ଧନ୍ୟ କଲେ। ପରଜୀବନ ପାଇଁ ପୁଣ୍ୟ କିଣି ରଖିଲେ।

ଯିଏ ତ ଯେଝା ପାଇଁ ଲାଗିଲେ। ତେବେ ମୋ ଭଳି କର୍କଟରୋଗୀ ତଥା ସମସ୍ତ ପ୍ରକାର ଶୋଷିତଙ୍କ ରକ୍ଷା ପାଇଁ ଆଉ କିଏ ରହିଲେ? ମଝିରେ ମଝିରେ ତ ପିଉଗ୍ରନ୍ଥି ଭିତରେ ରହିଥିବା କଥାଟିକୁ ଖୋଲି କହିଦେବାକୁ ପଞ୍ଚାଏ ପଞ୍ଚାଏ ବାହାରନ୍ତି; କିନ୍ତୁ ମହାମହିମଗଣଙ୍କର ପିତ୍ତଗ୍ରନ୍ଥି ଏତେ ଖାରିଆ ଯେ, ଏମାନେ ସେଠାରେ ମିଳେଇଯାଇ ସେମାନଙ୍କ ପଟିଆ ହୋଇଯାଆନ୍ତି। ଏବେ ବିଲେଇ ଅଛି, ଘଣ୍ଟି ଅଛି, କିନ୍ତୁ ବିଲେଇ ବେକରେ ବାନ୍ଧିବାକୁ ମୂଷାଟିଏ କାହିଁ? ଏ ହେଉଛି ଯୁଗ ଯୁଗର ଅସମାହିତ ପ୍ରଶ୍ନଟିଏ।

ଭୁବନେଶ୍ୱର, ମୋ: ୮୮୯୫୮୫୭୩୧୮

## ସାର୍ ଖୋଜୁଛନ୍ତି ପିଲାଙ୍କୁ

**ସତ୍ୟନାରାୟଣ ଦେହୁରୀ**

ସ୍କୁଲଗୁଡ଼ିକରେ ପିଲାଙ୍କ ଡ୍ରପ୍‌ଆଉଟ କମାଇବା ଏବଂ ପିଲାଙ୍କ ସଂଖ୍ୟା ବଢ଼ାଇବା ପାଇଁ ଏବେ ସାର୍‌ମାନଙ୍କୁ ଦାୟିତ୍ୱ ଦିଆଯାଇଛି। ସେମାନେ ଘରକୁ ଘର ବୁଲି ସ୍କୁଲକୁ ଆସୁନଥିବା ପିଲାଙ୍କୁ ଖୋଜିବେ। ନୂତନ ଭାବେ ନାମ ଲେଖାଇବାକୁ ଥିବା ପିଲା ମଧ୍ୟ ସଂଗ୍ରହ କରିବେ। ପିଲାସଂଖ୍ୟା କମିଗଲେ ସ୍କୁଲ ବନ୍ଦ ହୋଇଯିବାର ଭୟ ସହିତ ବିଭିନ୍ନ ପ୍ରକାର ସରକାରୀ ଅନୁଦାନ କଟିଯିବାର ଆଶଙ୍କା ଥାଏ କିମ୍ବା ଉପରିସ୍ଥ ଅଧିକାରୀଙ୍କୁ କୈଫିୟତ ଦେବାକୁ ପଡ଼ିଥାଏ।

ସରକାରଙ୍କର 'ସଭିଏଁ ପଢ଼ିବେ ସଭିଏଁ ବଢ଼ିବେ' ଯୋଜନାର ସଫଳ ରୂପାୟନ କରିବା ପାଇଁ ବା ସ୍କୁଲ ପ୍ରତି ପିଲାଙ୍କୁ ଆକୃଷ୍ଟ କରିବା ପାଇଁ ବହୁତ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ପ୍ରାଥମିକ ପର୍ଯ୍ୟାୟରେ ପିଲାଙ୍କୁ ଅଙ୍ଗନବାଡ଼ିରେ ୨ ବର୍ଷ ହସାଇ ଖେଳାଇ ଗପ ଗୀତ ମାଧ୍ୟମରେ କିଛି କିଛି ଶିକ୍ଷା ଦିଆଯାଉଛି। ଏଠାରେ ପିଲାଙ୍କୁ ଖାଦ୍ୟ, ପୋଷାକ ଓ ବହିପତ୍ର ଇତ୍ୟାଦି ସରକାର ଯୋଗାଇ ଦିଅନ୍ତି। ପିଲାଙ୍କୁ ୫ ବର୍ଷ ହୋଇଗଲେ 'ବାଲବାଟିକା'ରେ ନାମଲେଖା ଯାଉଛି। ବର୍ଷ ଆରମ୍ଭରେ ନୂଆ ପିଲା ସଂଗ୍ରହ କରି ପ୍ରବେଶ ଉତ୍ସବ ମାଧ୍ୟମରେ ପିଲାଙ୍କୁ ସ୍ୱାଗତ କରାଯାଉଛି। ପ୍ରବେଶ ଉତ୍ସବ ଦିନ ସାରମାନେ ପିଲାଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରୁଛନ୍ତି। ପିଲାମାନେ ସାରମାନଙ୍କୁ ପୂଜା କରିବାର ପରମ୍ପରା ବଦଳି ଗଲାଣି। ଗୁରୁଦିବସ ଦିନ ସାର୍‌ମାନଙ୍କୁ ଯେଉଁ ସମ୍ମାନ ମିଳୁଥିଲା ତାହା ଏବେ ପିଲାଙ୍କ ନିକଟକୁ ଚାଲିଗଲାଣି। ପିଲା ସ୍କୁଲରେ ରହିଲେ ଯାଇ ସାରଙ୍କ ଚୌକି ରହିବ। ପିଲାସଂଖ୍ୟା ୨୦ରୁ କମ ହେଲେ ବିଦ୍ୟାଳୟ ବନ୍ଦ ହୋଇଯିବ। ଏହି ନୀତିରେ ଅନେକ ସ୍କୁଲ୍ ବନ୍ଦ ହୋଇଗଲାଣି। ଯେଉଁ ଅଳ୍ପ କିଛି ପିଲା ଥିବେ ସେମାନଙ୍କ ସହିତ ସାରମାନେ ମଧ୍ୟ ନିକଟସ୍ଥ ବିଦ୍ୟାଳୟକୁ ଯିବାକୁ ପଡ଼ିବ।

ତେବେ ପିଲାଙ୍କୁ ଆକୃଷ୍ଟ କରିବା ପାଇଁ 'ବାଲବାଟିକା'ରେ ଏକ ଯାଦୁପେଡ଼ିର ବ୍ୟବସ୍ଥା କରାଯାଇଛି। ବିଭିନ୍ନ ପ୍ରକାର ଖେଳନା ସହାୟତାରେ ପିଲାମାନଙ୍କୁ ବିଭିନ୍ନ ଅକ୍ଷର, ଶବ୍ଦ ଓ ସଂଖ୍ୟା ସହିତ ପରିଚିତ କରାଯାଏ। ପିଲାଙ୍କୁ ପାଠର ବୋଝ ନଦେଇ ଆନନ୍ଦଦାୟକ ଭାବରେ କିପରି ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ହାସଲ କରିପାରିବେ ସେଥିପାଇଁ ଚେଷ୍ଟା କରାଯାଏ। ଆଗରୁ ପିଲାର ପରୀକ୍ଷା ଫଳ ଭଲ ନହେଲେ ଗୋଟିଏ କ୍ଲାସରେ ଏକାଧିକ ବର୍ଷ ଫେଲ କରାଯାଉଥିଲା। କିନ୍ତୁ ଯେଉଁ ଦିନଠାରୁ ଶିକ୍ଷାଅଧିକାର ଆଇନ କାର୍ଯ୍ୟକାରୀ ହେଲା ସେହିଦିନଠାରୁ ବିଦ୍ୟାଳୟକୁ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କରାଯିବା ସହିତ ଫେଲ ବ୍ୟବସ୍ଥାର ଉଚ୍ଛେଦ ହେଲା। ପିଲାଙ୍କ ମନରେ ଥିବା ପାଠଭୟ ଦୂର ହୋଇଗଲା। ପାଠ ଆସୁ ନଆସୁ ସବୁ ପିଲା ପାଠ ପଢ଼ନ୍ତୁ। ସ୍କୁଲରେ ପିଲାଙ୍କ ସଂଖ୍ୟା ବଢ଼ିବା ଦରକାର। ଆମ ରାଜ୍ୟର ସାକ୍ଷରତା ହାର ଅନ୍ୟ ରାଜ୍ୟ ତୁଳନାରେ ବଢ଼ିବା ଆବଶ୍ୟକ। ଦଶମ ଶ୍ରେଣୀରେ ଯାଇ ପିଲାମାନଙ୍କୁ ପାସ/ଫେଲର ସ୍ୱାଦ ଚାଖିବାକୁ ପଡୁଛି। ଦଶମ ଶ୍ରେଣୀରେ ଯେତେ ପିଲା ପଢୁଥାଆନ୍ତି ସବୁ ପିଲାଙ୍କ ଫର୍ମପୂରଣ କରାଯାଏ। ଆଗରୁ ଯେଉଁ ପିଲାମାନେ ପଇସା ଅଭାବରୁ ଫର୍ମପୂରଣ କରୁନଥିଲେ ସେମାନଙ୍କ ସେହି ଅସୁବିଧା ଦୂର ହୋଇଗଲା। ସାରମାନେ ପ୍ରତିପିଲା ସହିତ ଯୋଗାଯୋଗ କରି ଫର୍ମପୂରଣ କରିବାକୁ ବାଧ୍ୟ। ନଚେତ ସାରମାନଙ୍କୁ କୈଫିୟତ ଦେବାକୁ ପଡ଼ିବ। ପରୀକ୍ଷା ଦିନ କୌଣସି ପିଲା ପରୀକ୍ଷା ଦେବାକୁ ନଆସିଲେ ସାର ଯାଇ ତା'କୁ ଘରୁ ଡାକିଆଣିବେ। ସମସ୍ତେ ପରୀକ୍ଷା ଦେବାକୁ ପଡ଼ିବ। ମାଧ୍ୟମିକ ଶିକ୍ଷା ପରିଷଦ ମଧ୍ୟ ପିଲାଙ୍କୁ ପାସ କରାଇବାରେ ସକରାତ୍ମକ ମନୋଭାବ ପୋଷଣ କରନ୍ତି। ତେଣୁ ଭଲ ଭାବରେ ଲେଖି ପଢ଼ି ପାରୁନଥିବା ପିଲା ମଧ୍ୟ ବୋର୍ଡ ପରୀକ୍ଷାରେ ସଫଳ ହୁଅନ୍ତି। ସ୍କୁଲର ରେଜଲ୍ଟ ଭଲ ନ ହେଲେ ସାରମାନଙ୍କ ଉପରେ ପ୍ରଭାବ ପଡ଼େ। ଶତପ୍ରତିଶତ ରେଜଲ୍ଟ ହେବା ନିହାତି ଦରକାର। ଯେଉଁ ସ୍କୁଲଗୁଡ଼ିକର ରେଜଲ୍ଟ ଖରାପ ହୋଇଥାଏ ସେମାନଙ୍କୁ କୈଫିୟତ ଦେବାକୁ ହୁଏ।

ସ୍କୁଲରୁ ପାଉଥିବା ବିଭିନ୍ନ ସରକାରୀ ସୁବିଧା ପାଇଁ ସାରମାନେ ପିଲାଙ୍କୁ ଖୋଜନ୍ତି। ପିଲାଙ୍କର ୟୁନିଫର୍ମ ପୋଷାକ ଓ ବହି ବଣ୍ଟା ସମୟରେ ଯେଉଁମାନେ ଆସି ନ ଥା'ନ୍ତି ସେମାନଙ୍କୁ ଖୋଜିବାକୁ ପଡ଼େ। ବୃତ୍ତି ଟଙ୍କା ପାସବୁକରେ ଜମା ହେବା ପାଇଁ ପିଲାର ଆଧାରକାର୍ଡ, ପାସବୁକ ଇତ୍ୟାଦି ଅପଡେଟ ପାଇଁ ପିଲାଙ୍କ ନିକଟକୁ ଯିବାକୁ ପଡ଼େ। ସ୍କୁଲରେ ଉପସ୍ଥାନ ବଢ଼ାଇବା ପାଇଁ ଏବଂ ବିଭିନ୍ନ ସହଶିକ୍ଷା କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ପିଲାଙ୍କୁ ଖୋଜା ପଡ଼େ। ନବମ ଶ୍ରେଣୀ ଝିଅପିଲାଙ୍କ ପାସବୁକରେ ପ୍ରତିବର୍ଷ ସାଇକଲ କିଣିବା ପାଇଁ ସରକାର ଯେଉଁ ପଇସା ଦେଉଛନ୍ତି ତାହା ଜମା ହେଲା କି ନାହିଁ ଜାଣିବା ପାଇଁ ପିଲାଙ୍କୁ ଖୋଜା ପଡ଼େ।

ସମୟ ଥିଲା, ପିଲା ପାଠ ଦିଅକ୍ଷର ପଢ଼ିବ ବୋଲି ବାପା ମାଆମାନେ ସାରଙ୍କ ନିକଟକୁ ଯାଉଥିଲେ। ସାରଙ୍କୁ ଅନୁରୋଧ କରି କହୁଥିଲେ ତାଙ୍କ ପିଲାର ଭବିଷ୍ୟତ ଗଢ଼ିବା ପାଇଁ। ପିଲାଙ୍କୁ ଯେକୌଣସି ଦଣ୍ଡଦେଲେ ମଧ୍ୟ ପିତାମାତା କୌଣସି ଆପତ୍ତି କରୁ ନ ଥିଲେ। କିନ୍ତୁ ବର୍ତ୍ତମାନ ସବୁ ଓଲଟି ଗଲାଣି। ଏବେ ସାର୍‌ମାନଙ୍କ ଉପରେ ଦୟିତ୍ୱ ବଢ଼ିଛି। ପିଲାଙ୍କ ସବୁ ଆବଶ୍ୟକତା ପୂରଣ ପାଇଁ ସାର ଖୋଜୁଛନ୍ତି ପିଲାଙ୍କୁ।

ରାଧାନଗର(ବୌଦ୍ଧ), ମୋ: ୯୯୩୮୭୫୮୩୫୩

## ଶୁଆ ପୂଜନ

**ଓଜସ୍ୱିନୀ**

*ପୂର୍ବ ପ୍ରକାଶିତ ଉତ୍ତାରୁ...*

ବିଶେଷଭାବେ ମାର୍ଚ୍ଚ-ଏପ୍ରିଲ୍ ମାସରେ ଆୟୋଜିତ ପଙ୍ଗୁନି ଉତ୍ସବ ବା ମନ୍ଦିରର ବାର୍ଷିକ 'ବ୍ରହ୍ମୋତ୍ସବ' ପାଳନ ଅବସର ପୂର୍ବରୁ କିମ୍ବା ଉତ୍ସବ ସରିବାର ଦ୍ୱିତୀୟ ଦିନ 'କିଲ୍ଲି ବାହନମ୍' ନାମକ ଏକ ଭବ୍ୟ ଶୋଭାଯାତ୍ରା ଆୟୋଜିତ ହୁଏ। ତାମିଲ୍ ଭାଷାରେ 'କିଲ୍ଲି' ଶବ୍ଦର ଅର୍ଥ 'ଶୁଆ' ଓ 'ବାହନମ୍' ଅର୍ଥ ବାହନ। ଗୋଟିଏ ବିଶାଳ ଶୁଆର ଆକୃତି ପ୍ରସ୍ତୁତ କରି ମୀନାକ୍ଷୀ ଦେବୀ, ଅଣ୍ଡାଳ ଦେବୀ ଓ କାମାକ୍ଷୀ ଦେବୀଙ୍କ ଚଳନ୍ତି ପ୍ରତିମାଙ୍କୁ ଶୁଆ ଉପରେ ଉପବିଷ୍ଟ କରାଇ ପାରମ୍ପରିକ ବାଦ୍ୟ, ଆତସବାଜି ଓ ନୃତ୍ୟଗୀତ ସହିତ ଶୋଭାଯାତ୍ରା ସହରରେ ପରିକ୍ରମା କରାଯାଏ। ଭକ୍ତମାନେ ଏହି ଶୋଭାଯାତ୍ରାକୁ ଦର୍ଶନ କରିବା ସହିତ ଭୋଗ ସମର୍ପଣ କରିଥା'ନ୍ତି। ଚେନ୍ନାଇର କପାଳେଶ୍ୱର ମନ୍ଦିରରେ ମଧ୍ୟ ଏଭଳି ଭବ୍ୟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥାଏ।

ବିଦେଶୀୟ ସଂସ୍କୃତି ଓ ପରମ୍ପରାରେ ମଧ୍ୟ ଶୁଆର ଆଧ୍ୟାତ୍ମିକ ମହତ୍ତ୍ୱ ରହିଛି। ପ୍ରାଚୀନ ଆମେରିକୀୟ ଜନଜାତି ପୁଏବ୍‌ଲୋ ଓ ବୋରେରୋ ଶୁଆକୁ ଇନ୍ଦ୍ରଧନୁ ଓ ସ୍ୱର୍ଗର ପ୍ରତୀକ ଭାବେ ମାନ୍ୟତା ଦେଇଥା'ନ୍ତି। ଏହି ଦୁଇଟି ଜନଜାତିରେ ଆୟୋଜନ ହେଉଥିବା ଅଧିକାଂଶ ଆଧ୍ୟାତ୍ମିକ ଅନୁଷ୍ଠାନରେ ଶୁଆର ପର ବ୍ୟବହାର ହୋଇଥାଏ। ଏହାବ୍ୟତୀତ ପ୍ରାର୍ଥନାରେ ବ୍ୟବହୃତ ଗୋଟିଏ ପବିତ୍ର ବାଡ଼ି ଏବଂ ପୂଜାନୁଷ୍ଠାନରେ ବ୍ୟବହୃତ ବସ୍ତ୍ରଗୁଡ଼ିକରେ ମଧ୍ୟ ଶୁଆ ପର ଲଗାଯାଇଥାଏ। ବିଶ୍ୱାସ ରହିଛି ଯେ, ଶୁଆମାନେ ପୂର୍ବପୁରୁଷ ଓ ସ୍ୱର୍ଗର ଦେବତାଙ୍କ ମଧ୍ୟରେ ସନ୍ଦେଶବାହକ ଭାବେ କାର୍ଯ୍ୟ କରିଥା'ନ୍ତି ଏବଂ ସୁସ୍ଥ ଜୀବନର ବରଦାନ ଦେଇଥା'ନ୍ତି। 'ମାୟା' ସଭ୍ୟତାରେ ଶୁଆର ପ୍ରାଧାନ୍ୟ ରହିଛି। ଶୁଆକୁ ସୂର୍ଯ୍ୟ ଦେବତାଙ୍କ ସହିତ ଯୋଡ଼ା ଯାଇଛି ଏବଂ ବର୍ଷା ଓ ଅଗ୍ନିର କାରକ ବୋଲି ବିଶ୍ୱାସ କରାଯାଉଛି। ତେଣୁ କେତେକ ସ୍ଥଳରେ ଶୁଆଙ୍କର ପୂଜାର୍ଚ୍ଚନା କରିବା ସହିତ ପବିତ୍ର ପକ୍ଷୀ ଭାବେ ବିଶେଷ ସମ୍ମାନ ପ୍ରଦାନ କରାଯାଉଛି। ନ୍ୟୁଜିଲ୍ୟାଣ୍ଡର ମାଓରି ସଂସ୍କୃତିରେ କାକା ଓ କାକାପୋ(ଶୁଆର ପ୍ରଜାତି)କୁ ଆଧ୍ୟାତ୍ମିକ ଜ୍ଞାନ, ସଦ୍‌ବୁଦ୍ଧିର ପ୍ରତୀକ ଭାବେ ମାନ୍ୟତା ଦିଆଯାଇଛି ଏବଂ ଶୁଆ ଦେବତାଙ୍କଠାରୁ ମନୁଷ୍ୟ ସମାଜକୁ ଏହି ଦିବ୍ୟଜ୍ଞାନ ସମ୍ପର୍କରେ ବାର୍ତ୍ତା ପ୍ରେରଣ କରିଥାଏ ବୋଲି ବିଶ୍ୱାସ ରହିଆସିଛି। ମାଓରିର ଲୋକଥାଗୁଡ଼ିକରେ ମଧ୍ୟ ଶୁଆ ସମ୍ପର୍କିତ ଏଭଳି ଅନେକ ବର୍ଣ୍ଣନା କରାଯାଇଛି। ଚୀନ୍‌ର କେତେକ ପୌରାଣିକ କଥାରେ ଶୁଆକୁ ତା'ର ବାକ୍‌କ୍ଷମତା ପାଇଁ ଦେବତାଙ୍କ ଦ୍ୱାରା ସୃଷ୍ଟ ଯାଦୁକରୀ ପକ୍ଷୀ ବୋଲି ଉଲ୍ଲେଖ କରାଯାଇଛି। ବୌଦ୍ଧଧର୍ମର ପ୍ରସିଦ୍ଧ 'ଜାତକ କାହାଣୀ'ରେ ଶୁଆର ପ୍ରାଧାନ୍ୟ ରହିଛି। ଭଗବାନ ବୁଦ୍ଧ ପୂର୍ବଜନ୍ମରେ ଜ୍ଞାନର ପ୍ରତୀକ ଭାବେ ଶୁଆ ଯୋନି ଜନ୍ମ ନେଇଥିଲେ ବୋଲି ଜଣାଯାଏ।

### ବିଚିତ୍ର ବିଶ୍ୱାସ

ଭାରତର ପ୍ରାୟ ମନ୍ଦିର କାନ୍ଥ କିମ୍ବା ଖମ୍ବରେ ଶୁଆ ମୂର୍ତ୍ତି ଖୋଦିତ ହୋଇଛି। ଏହାର ମୁଖ୍ୟ କାରଣ ଶୁଭ ଓ ସକାରାତ୍ମକ ଶକ୍ତିର ସଞ୍ଚାରକ ବୋଲି ଗବେଷକମାନେ ମତ ଦିଅନ୍ତି। ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁ ଓ ଭକ୍ତଙ୍କ ମନରେ ଏହି ଚିତ୍ର ଐଶ୍ୱରୀୟ ସତ୍ତା ପ୍ରତି ସକାରାତ୍ମକ ଭାବନା ସୃଷ୍ଟି କରିଥାଏ। ଏହି ଆଧ୍ୟାତ୍ମ ଶକ୍ତିର ସର୍ବୋତ୍କୃଷ୍ଟ ଉଦାହରଣ ହେଉଛି ଶ୍ରୀଜଗନ୍ନାଥଙ୍କ ରଥ ନନ୍ଦିଘୋଷର ଦଧିନଉତିରେ ସଂଯୁକ୍ତ ହୋଇ ରହିଥିବା ଓଲଟ ଶୁଆ, ଯାହାକୁ 'ଜୀବ' ଓ 'ପରମ' ଭାବେ ଆଖ୍ୟାୟିତ କରାଯାଇଛି। 'ଜୀବ' ମନୁଷ୍ୟର ଏବଂ 'ପରମ' ପରମାତ୍ମାଙ୍କ ପ୍ରତୀକ। 'ଜୀବ' ନାମକ ଶୁଆ ଇନ୍ଦ୍ରୀୟସୁଖ ଭୋଗ କରୁଥିବା ବେଳେ 'ପରମ' ନାମକ ଶୁଆ ପରମାତ୍ମା ଭାବେ କେବଳ ସଂସାରକୁ ଅବଲୋକନ କରିଥା'ନ୍ତି। ତେଣୁ ଦୁହେଁ ଦୁହିଁଙ୍କର ବିପରୀତ ଚିନ୍ତାଧାରା ଅନୁସାରେ ଓଲଟା ଭାବେ ନିର୍ମିତ ଓ ଅବସ୍ଥାପିତ। ତେବେ ଏହି ଦୁଇଟି ଶୁଆ ମାନବ ଜୀବନର ମୁଖ୍ୟ ଉଦ୍ଦେଶ୍ୟ - ମୋହମାୟାଭରା ଇନ୍ଦ୍ରୀୟ ଜଗତରୁ ଅତିନ୍ଦ୍ରୀୟ ଜଗତକୁ ଗତି କରି ମୋକ୍ଷ ଲାଭ କରିବାର ମାର୍ଗକୁ ସୂଚାଇଥାଏ। ଶ୍ରାବଣ ସୋମବାରରେ ମହାଦେବଙ୍କୁ ଜଳଲାଗି କରିବା ପାଇଁ କାଉଡ଼ିଆମାନେ ଯେଉଁ ବାହୁଙ୍ଗି ନେଇ ଯାଇଥା'ନ୍ତି, ସେଥିରେ ମଧ୍ୟ ଶୁଆର ଆକୃତି ରହିଥାଏ, ଯାହାକି ଶୁଭ୍ରତା ଓ ପବିତ୍ରତାର ପ୍ରତୀକ।(ସମାପ୍ତ)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-344 ◆FRIDAY ◆12 JUNE 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୩୪୪ ◆ଶୁକ୍ରବାର ◆୧୨ ଜୁନ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ରାଜଧାନୀରେ ଦୁଇ ଟ୍ରେନ୍ ମୁହାଁମୁହିଁ ଧକ୍କା




■ ଭୁବନେଶ୍ୱର ୧୧।୬ (ସମିସ): ଭୁବନେଶ୍ୱର ମୁଖ୍ୟ ରେଳଷ୍ଟେସନ ସନ୍ନିକଟ ଝାରପଡ଼ା ରେଳ ଟ୍ରାକ ନିକଟରେ ଆଜି ଦୁଇଟି ଟ୍ରେନ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ଟ୍ରେନ ଦୁଇଟିର ସମ୍ମୁଖ ଇଞ୍ଜିନି ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ତେବେ ଏଥିରେ ଯାତ୍ରୀଙ୍କର କୌଣସି କ୍ଷୟକ୍ଷତି ହୋଇନାହିଁ।

ସୂଚନା ଅନୁସାରେ, ଆଜି(ଗୁରୁବାର) ସକାଳେ ଭୁବନେଶ୍ୱର ଷ୍ଟେସନରୁ ଆସୁଥିବା ଏକ ଯାତ୍ରୀବାହୀ ଟ୍ରେନ ମଞ୍ଚେଶ୍ୱର ଦିଗରୁ ଆସୁଥିବା ଏକ ଟ୍ରେନ୍‌କୁ ଦେଲା ଧକ୍କା ଦେଇଥିଲା। କୋଣାର୍କ ଏକ୍ସପ୍ରେସ ଭୁବନେଶ୍ୱରର ୪ ନମ୍ବର ପ୍ଲାଟଫର୍ମରେ ଲାଗିଥିଲା ଓ ଟ୍ରାକ ଚେଞ୍ଜ ବେଳେ, ବ୍ରେକରେ ସମସ୍ୟା ହେବାରୁ କିଛି ରାସ୍ତା ଗଡ଼ି ଯାଇଥିଲା। ଫଳରେ ଅନ୍ୟ ଟ୍ରେନ୍ ସହ ଧକ୍କା ହୋଇଥିଲା। ଯଦିଓ ଏଥିରେ କୌଣସି ମୃତାହତର ସୂଚନା ମିଳିପାରି ନାହିଁ, ତେବେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରେ ପୁଲିସ, ରେଳବାଇ କର୍ମଚାରୀ ପହଞ୍ଚି ସ୍ଥିତି ଯାଞ୍ଚ କରିଥିଲେ। ଘଟଣା ସମ୍ପର୍କରେ ପୂର୍ବତଟ ରେଳବାଇ ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି, ସମୟୋଚିତ ହସ୍ତକ୍ଷେପ ଯୋଗୁଁ ଏକ ସମ୍ଭାବ୍ୟ ଦୁର୍ଘଟଣାକୁ ଏଡାଇ ଦିଆଯାଇପାରିଛି। ଘଟଣା ସମୟରେ ଉଭୟ ରେକ୍ ଖାଲି ଥିବାରୁ ଦୁର୍ଘଟଣାରେ କୌଣସି ବ୍ୟକ୍ତି ଆହତ ହୋଇନାହାନ୍ତି। ରେଳ ଅଧିକାରୀ ଏବଂ ବୈଷୟିକ କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ରୋଲିଂ ଷ୍ଟକ୍ ସୁରକ୍ଷିତ ରଖିବା ଏବଂ ପରିସ୍ଥିତିର ମୂଲ୍ୟାଙ୍କନ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେଇଥିଲେ। ମୁଖ୍ୟ ଲାଇନରେ ଟ୍ରେନ୍ ପରିଚାଳନା ଏବଂ ଯାତ୍ରୀ ସେବା ସମ୍ପୂର୍ଣ୍ଣ ସ୍ୱାଭାବିକ ରହିଛି।

## ଓଡ଼ିଶା ଏରୁଣ୍ଡି ଡେଇଁ ଅଟକିବ ମୌସୁମୀ


■ ଭୁବନେଶ୍ୱର,୧୧।୬(ସମିସ): ରାଜ୍ୟକୁ ମୌସୁମୀ ଆସିବ ଆସିବ ବୋଲି ଆଇଏମ୍‌ଡି କହୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ମୌସୁମୀ ଓଡ଼ିଶା ଛୁଇଁପାରି ନାହିଁ। ଯଦିଓ ରଜ ପୂର୍ବରୁ ମୌସୁମୀ ଓଡ଼ିଶା ଛୁଇଁବା ନେଇ ଯଥେଷ୍ଟ ସମ୍ଭାବନା ରହିଛି, ମାତ୍ର ମୌସୁମୀ କିଛି ଜିଲ୍ଲାକୁ ଛୁଇଁ ଦେଇ ଏହା ପରେ ଏହି ପ୍ରକ୍ରିୟା ସ୍ଥଗିତ ରହିଯାଇପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ମୁଖ୍ୟତଃ ବଙ୍ଗୋପସାଗରରେ କୌଣସି ଲଘୁଚାପ କିମ୍ବା ଅବପାତ ସୃଷ୍ଟି ନ ହେଉ ଥିବାରୁ ଓଡ଼ିଶା ପାଇଁ ଏବେ ମୌସୁମୀ ଆହ୍ୱାନପୂର୍ଣ୍ଣ ସ୍ଥିତି ସୃଷ୍ଟି କରିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ବର୍ତ୍ତମାନ ଆନ୍ଧ୍ରପ୍ରଦେଶ ଉପକୂଳ ତୁଳନାରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ ଅଞ୍ଚଳରେ ଜଳୀୟବାଷ୍ପର ଜମାଟ ବାନ୍ଧିବା ପ୍ରକ୍ରିୟା ଅଧିକ ଶକ୍ତିଶାଳୀ ହେଉଛି। ଏହି ବଦଳୁଥିବା ପାଗର ପ୍ରଭାବ ଓଡ଼ିଶାରେ ମୌସୁମୀ ଆଗମନର ସମୟ ଏବଂ ବର୍ଷାର ବଣ୍ଟନ ଉପରେ ପଡ଼ିବ। ଏହି କ୍ରମରେ ଉପକୂଳରେ ମୌସୁମୀ ପ୍ରବେଶ ୧୨-୧୩ ଜୁନ୍ ମଧ୍ୟରେ ହୋଇପାରେ। ୧୨-୧୩ ତାରିଖ ମଧ୍ୟରେ ଓଡ଼ିଶାର କେତେକ ଅଞ୍ଚଳରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆନୁଷ୍ଠାନିକ ଭାବେ ପ୍ରବେଶ କରିବା ପାଇଁ ପରିବେଶ ଅନୁକୂଳ ରହିଛି। ସାଧାରଣତଃ ଦକ୍ଷିଣରୁ ଉତ୍ତରକୁ କ୍ରମାଗତ ଭାବେ ମୌସୁମୀ ଆଗକୁ ବଢ଼େ। କିନ୍ତୁ ଏଥର ସେପରି ନହୋଇ ଓଡ଼ିଶାର ପ୍ରାୟ ସମଗ୍ର ଉପକୂଳ ଅଞ୍ଚଳ ଏକ ସ୍ୱଳ୍ପ ସମୟ ବ୍ୟବଧାନ ମଧ୍ୟରେ ମୌସୁମୀ ଋତୁରେ ପ୍ରବେଶ କରିବ। ମୌସୁମୀର ପ୍ରଥମ ପ୍ରଭାବ ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ ଏବଂ ବାଲେଶ୍ୱର ଉପରେ ପଡ଼ିବାର ସମ୍ଭାବନା ଅଛି। ଏହି ସମୟରେ ମଧ୍ୟମରୁ ସ୍ଥାନେ ସ୍ଥାନେ ପ୍ରବଳ ଏବଂ ▶ପୃଷ୍ଠା-୯

## ଧମକ ଦେଲେ ରାଷ୍ଟ୍ରପତି ଟ୍ରମ୍ପ

# ଆଜି ରାତିରେ ଭୟଙ୍କର ଆକ୍ରମଣ

■ ୱାସିଂଟନ, ୧୧।୬ (ଏଜେନ୍ସି): ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା କୂଟନୈତିକ ଆଲୋଚନା ମଧ୍ୟରେ ମଧ୍ୟପ୍ରାଚ୍ୟରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଛି। ଦୁଇ ଦିନ ଦୁଇ ଦେଶ ମଧ୍ୟରେ ଆକ୍ରମଣ ଓ ପ୍ରତ୍ୟାକ୍ରମଣ ଚାଲିଥିବା ବେଳେ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ଧମକ ଦେଇଛନ୍ତି ଯେ ଆଜି ରାତିରେ ଇରାନ ଉପରେ ସବୁଠାରୁ ଭୟଙ୍କର ଆକ୍ରମଣ କରାଯିବ। ଇରାନର ତେଲ ଭଣ୍ଡାର ଥିବା ଖାର୍ଗ ଦ୍ୱୀପକୁ ଆମେରିକା ସେନା ଅକ୍ତିଆର କରିବ। କେବଳ ସେତିକି ନୁହେଁ, ଭେନେଜୁଏଲା ଭଳି ଇରାନର ସମସ୍ତ ତୈଳ ଓ ଗ୍ୟାସ ପ୍ରତିଷ୍ଠାନକୁ ଅକ୍ତିଆର କରାଯିବ।



### ଇରାନର ଖାର୍ଗ ତୈଳ ଦ୍ୱୀପ ଦଖଲ କରିବ ଆମେରିକା

### ଭେନେଜୁଏଲା ଭଳି ସମସ୍ତ ତୈଳ ଓ ଗ୍ୟାସ ଭଣ୍ଡାରକୁ ଅକ୍ତିଆର କରାଯିବ

ସାମାଜିକ ଗଣମାଧ୍ୟମ 'ଟ୍ରୁଥ' ସୋସିଆଲରେ ବିବୃତି ଦେଇ ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ ଆମରିକାର ଆକ୍ରମଣରେ ଇରାନର ନୌସେନା, ବାୟୁସେନା, ରଡାର ସମେତ ସମସ୍ତ ପ୍ରତିରକ୍ଷା ଶକ୍ତି ଓ ଭିତ୍ତିଭୂମି ଧ୍ୱଂସ ହୋଇଯାଇଛି। ଆଉ ଯାହା ବାକି ରହିଛି, ତାହାକୁ ଆଜି ରାତିରେ ଧ୍ୱଂସ କରିଦିଆଯିବ। ଏହାସହିତ ଇରାନର ସମସ୍ତ ତୈଳ ଓ ଗ୍ୟାସ ବଜାର ଆମେରିକା ନିୟନ୍ତ୍ରଣରେ ଆସିବ। ଭେନେଜୁଏଲାରେ ଆମେରିକାର ଏଭଳି ରଣନୀତି ସଫଳ ହୋଇଥିବାରୁ ଏହାକୁ ଇରାନରେ ମଧ୍ୟ କାର୍ଯ୍ୟକାରୀ କରାଯିବ। ସେ କହିଲେ ଯେ ହର୍ମୁଜରେ ଆମେରିକାର ଆପାଚେ ହେଲିକପଟର ଉପରେ ଆକ୍ରମଣ କରି ଇରାନ ଭୁଲ କରିଛି ଏବଂ ଏହାର ଜବାବରେ ତୀବ୍ର ଆକ୍ରମଣ କରାଯିବ। ପରେ ଏକ ସାକ୍ଷାତକାରରେ ଟ୍ରମ୍ପ କହିଲେ ଯେ ଆମେରିକୀୟ ଜନସାଧାରଣ ଏପରି ପଦକ୍ଷେପକୁ ସମର୍ଥନ କରିବେ କି ନାହିଁ, ସେନେଇ ସେ ନିଶ୍ଚିତ ନୁହନ୍ତି।

ଅନ୍ୟପକ୍ଷରେ, ଇରାନ ଓ ଆମେରିକା ମଧ୍ୟରେ ଏକ ଅସ୍ଥାୟୀ ଚୁକ୍ତି ପାଇଁ ଆଲୋଚନା ଜାରି ରହିଛି। ଉଭୟ ପକ୍ଷ ମଧ୍ୟରେ ଜବତ ହୋଇଥିବା ଇରାନୀୟ ପାଣ୍ଠିର ମୁକ୍ତିକୁ ନେଇ ମତଭେଦ ରହିଥିବା ଜଣାପଡ଼ିଛି। ଇରାନ ୬ରୁ ୧୨ ବିଲିୟନ ଡଲାର ତୁରନ୍ତ ମୁକ୍ତ କରିବାକୁ ଚାହୁଁଥିବା ବେଳେ ଆମେରିକା ପର୍ଯ୍ୟାୟକ୍ରମେ ସେହି ପାଣ୍ଠି ମୁକ୍ତ କରିବାକୁ ଚାହୁଁଛି। ସାମରିକ କାର୍ଯ୍ୟାନୁଷ୍ଠାନ ସହିତ ଓ କୂଟନୈତିକ ଆଲୋଚନା ଏକାସାଙ୍ଗରେ ଚାଲିଥିବାରୁ ମଧ୍ୟପ୍ରାଚ୍ୟର ପରିସ୍ଥିତି ଅଧିକ ସମ୍ବେଦନଶୀଳ ହୋଇପଡ଼ିଛି।

ଗତ ରାତିରେ ଆମେରିକା ପକ୍ଷରୁ ଇରାନ ଉପରେ ଜୋରଦାର ବିମାନ ଆକ୍ରମଣ କରାଯାଇଥିବା ବେଳେ, ଏହାର ଜବାବରେ ଇରାନ ମଧ୍ୟ ପାଲଟା ଆକ୍ରମଣ କରିଛି। ଆମେରିକୀୟ ସେନା (ସେଣ୍ଟକମ୍) ଇରାନର ସିରିକ, ମିନାବ, ବନ୍ଦର ଅବ୍ବାସ ଏବଂ ଗୋରଗାନ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ସାମରିକ ଘାଟିକୁ ଟାର୍ଗେଟ କରିଛି। ଟ୍ରମ୍ପଙ୍କ ଅନୁଯାୟୀ, ଇରାନ ଭିତରେ ୪୯ଟି 'ଟୋମାହକ୍' କ୍ରୁଜ୍ ମିସାଇଲ୍ ମାଧ୍ୟମରେ ଏହି ଆକ୍ରମଣ କରାଯାଇଛି। ଇରାନର ଆକ୍ରମଣାତ୍ମକ ଆଭିମୁଖ୍ୟର ଜବାବ ଏବଂ ଆତ୍ମରକ୍ଷା ପାଇଁ ଏହି ପଦକ୍ଷେପ ନିଆଯାଇଥିବା ଆମେରିକା କହିଛି।

ଆମେରିକାର ଏହି ଆକ୍ରମଣ ପରେ ଇରାନର 'ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କୋର୍ପ୍ସ' (ଆଇଆରଜିସି) ପକ୍ଷରୁ ମଧ୍ୟ ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଇରାନ ଜୋର୍ଡାନରେ ଥିବା ଆମେରିକାର 'ଅଲ୍-ଅଜରାକ' ଏୟାରବେସ୍ ଉପରେ ୧୨ଟି ବାଲିଷ୍ଟିକ ମିସାଇଲ୍ ମାଡ଼ କରିଥିବା ଦାବି କରିଛି। ଏହା ସହିତ କୁଏତ ଏବଂ ବହାରେନରେ ଥିବା ପ୍ରାୟ ୧୮ଟି ଆମେରିକୀୟ ସାମରିକ ଘାଟିକୁ ମଧ୍ୟ ଇରାନ ଟାର୍ଗେଟ କରିଛି। ଏହି ଆକ୍ରମଣ ପରେ ବହାରେନରେ ସାଇରନ ବାଜିବା ସହ କୁଏତ ନିଜର ଆକାଶମାର୍ଗକୁ ସ୍ଥଗିତ ରଖିଛି। ଉତ୍ତେଜନା ବୃଦ୍ଧି ପାଇବା ପରେ ଇରାନ ପକ୍ଷରୁ ସେହି ଅଞ୍ଚଳର ସବୁଠାରୁ ବ୍ୟସ୍ତବହୁଳ ଏବଂ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ମାର୍ଗ 'ହର୍ମୁଜ ପ୍ରଣାଳୀ'କୁ ବନ୍ଦ କରିଦିଆଯାଇଛି। ଏହି ବାଟ ଦେଇ ଯାଉଥିବା ଯେକୌଣସି ବାଣିଜ୍ୟିକ କିମ୍ବା ତେଲ ଟାଙ୍କି ଜାହାଜକୁ ଆକ୍ରମଣ କରାଯିବ ବୋଲି ଇରାନ ଚେତାବନୀ ଦେଇଛି।

'ନିତି' ଆୟୋଗ ପରିଚାଳନା ପରିଷଦର ୧୧ତମ ବୈଠକ

## ଦେଶର ବିକାଶରେ ଓଡ଼ିଶା ହେବ ସୁଦୃଢ଼ ସ୍ତମ୍ଭ: ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୧୧।୬ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପୂର୍ବୋଦୟ' ଦୂରଦୃଷ୍ଟି ପୂର୍ବ ଭାରତକୁ ଦେଶର ପରବର୍ତ୍ତୀ ବିକାଶର ପେଣ୍ଠସ୍ଥଳୀରେ ପରିଣତ କରୁଛି ଓ ଓଡ଼ିଶା ଏହି ପରିବର୍ତ୍ତନର ଅଗ୍ରଭାଗରେ ରହି ଗର୍ବିତ। ଦେଶର ବିକାଶରେ ଓଡ଼ିଶା ଏକ ସୁଦୃଢ଼ ସ୍ତମ୍ଭ ହେବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ 'ନିତି' ଆୟୋଗର ୧୧ତମ ପରିଚାଳନା ପରିଷଦ ବୈଠକରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଡବଲ୍-ଇଞ୍ଜିନ ସରକାରଙ୍କ ଅଧୀନରେ ଓଡ଼ିଶା ଆର୍ଥିକ ଶୃଙ୍ଖଳା ରକ୍ଷା କରିବା ସହ ଦୃଢ଼ ଅଭିବୃଦ୍ଧି ବଜାୟ ରଖିଛି। ୨୦୨୫-୨୬ ବର୍ଷରେ ଓଡ଼ିଶା ୭.୯ ପ୍ରତିଶତ ଅର୍ଥନୈତିକ ଅଭିବୃଦ୍ଧି ହାର ହାସଲ କରିଛି । 'ଫିସ୍କାଲ ହେଲ୍‌ଥ ଇଣ୍ଡେକ୍ସ ୨୦୨୬'ରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି। ଆଜି ରାଜ୍ୟରେ ୯୦,୦ ୦୦ କୋଟିରୁ ଅଧିକ ଟଙ୍କାର ରେଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି, ଯାହା ଯୋଗାଯୋଗକୁ ସୁଦୃଢ଼ କରିବା ସହ ନୂତନ ଅର୍ଥନୈତିକ ସୁଯୋଗ ସୃଷ୍ଟି କରୁଛି। ସାଗରମାଳା ଏବଂ ପିଏମ୍ ଗତି ଶକ୍ତି ଅଧୀନରେ ଓଡ଼ିଶା ଦ୍ରୁତ ଗତିରେ ଏକ ପ୍ରମୁଖ ସାମୁଦ୍ରିକ ଏବଂ ଲଜିଷ୍ଟିକ୍ସ ହବ୍ ଭାବରେ ଉଭା ହେଉଛି। "ବିକଶିତ ଭାରତ ପାଇଁ ସମାବେଶୀ ମାନବ ବିକାଶ", ଯାହା ▶ପୃଷ୍ଠା-୯

## ଦୁର୍ଘଟଣାରେ ବାପ-ଝିଅ ମୃତ

■ ସମ୍ବଲପୁର, ୧୧।୬ (ସମିସ) : ସମ୍ବଲପୁର ଜିଲ୍ଲା ଧନୁପାଲି ଥାନା ଭତରା ଶଙ୍କରମଠ ଝଙ୍କାର ବନ୍ଧ ନିକଟରେ ବୁଧବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ବାପା ଓ ଝିଅର ମୃତ୍ୟୁ ହୋଇଯାଇଛି। ସମ୍ବଲପୁର-ସୋନପୁର ରାଜ୍ୟ ରାଜପଥ ନଂ. ୧୫ରେ ଏକ କାର୍ ପ୍ରଥମେ ଏକ ବ୍ୟାଟେରୀ ଅଟୋକୁ ଧକ୍କା ଦେବାରୁ ତାହା ଯାଇ ସମ୍ମୁଖରେ ଯାଉଥିବା ସିମେଣ୍ଟ ମିକ୍ସର ଟ୍ରକ୍ ସହ ଧକ୍କା ହୋଇଥିଲା। ଫଳରେ ଧନୁପାଲିର ଅଟୋଚାଳକ ସୁରେନ୍ଦ୍ର ବେହେରା ଓରଫ କାଳିଆ (୩୫) ଏବଂ ତାଙ୍କ ନାବାଳିକା ଝିଅ ଶୁଭଶ୍ରୀ (୫) ଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଧନୁପାଲି ପୁଲିସ ଉଭୟଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ବାପ ଝିଅଙ୍କ ଶବକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅପରପକ୍ଷରେ ଦୁର୍ଘଟଣା ଘଟାଇଥିବା କାର ଚାଳକ ସହ ଆରୋହୀମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବାବେଳେ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।





ସୂଚନାନୁଯାୟୀ, ଗତକାଲି ବିଳମ୍ବିତ ରାତିରେ ସୁରେନ୍ଦ୍ର ନିଜ ବ୍ୟାଟେରୀ ଚାଳିତ ଅଟୋରେ ତାଙ୍କ ଝିଅ ଶୁଭଶ୍ରୀଙ୍କୁ ସାଙ୍ଗରେ ନେଇ ଯାଉଥିଲେ। ଏହି ସମୟରେ ଦ୍ରୁତ ଗତିରେ ଆସି ଏକ କାର୍ ତାଙ୍କ ଅଟୋକୁ ପଛପଟୁ ଧକ୍କାଦେଇ ଭାରସାମ୍ୟ ହରାଇ ନିକଟସ୍ଥ ଏକ ପୋଖରୀ ▶ପୃଷ୍ଠା-୯

# ମମତାଙ୍କ ପାଇଁ ଅଣ୍ଟା ଭିଡ଼ିଲେ ଶତ୍ରୁଘ୍ନ

■ ନୂଆଦିଲ୍ଲୀ / କୋଲକାତା, ୧୧।୬ (ଏଜେନ୍ସି): ନିଜ ଦଳ ଭିତରେ ଭୀଷଣ ବିଦ୍ରୋହର ସମ୍ମୁଖୀନ ହୋଇଥିବା ଟିଏମ୍‌ସି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପାଇଁ ଦିନକୁ ଦିନ ଅଡୁଆ ବଢ଼ି ଚାଲିଥିବା ବେଳେ ତାଙ୍କ ପ୍ରତି ସମର୍ଥନ ଘୋଷଣା କରିଛନ୍ତି ବରିଷ୍ଠ ଅଭିନେତା ତଥା ଦଳୀୟ ସାଂସଦ ଶତ୍ରୁଘ୍ନ ସିହ୍ନା। ବିଦ୍ରୋହୀ ଗୋଷ୍ଠୀରେ ସାମିଲ ହୋଇଥିବା ନେଇ ଚାଲିଥିବା ଚର୍ଚ୍ଚା ଉପରେ ବିରାମ ଲଗାଇ ମମତା ବାନାର୍ଜୀଙ୍କ ପ୍ରତି ନିଜର ଆନୁଗତ୍ୟ ପ୍ରକାଶ କରିଛନ୍ତି ଶତ୍ରୁଘ୍ନ ସିହ୍ନା। ସେ କେବେହେଲେ ଦିଦିଙ୍କ ସାଥ୍ ଛାଡ଼ିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଦଳର ଅନ୍ୟ ଦୁଇ ଜଣ ସାଂସଦ ବାବୁଲ ସୁପ୍ରିୟୋ ଏବଂ ଦୀପକ ଅଧିକାରୀ (ଦେବ) ମଧ୍ୟ ମମତାଙ୍କ ▶ପୃଷ୍ଠା-୯

### ଦୀପକ ଅଧିକାରୀ, ବାବୁଲ ସୁପ୍ରିୟୋ ମଧ୍ୟ ସମର୍ଥନ ଦୋହରାଇଲେ

### ଲୋକସଭାରେ 'ବିଦ୍ରୋହୀ' ଟିଏମ୍‌ସି ସାଂସଦଙ୍କୁ ନେଇ ସସପେନ୍ସ



## କଲ୍ୟାଣ ବାନାର୍ଜୀଙ୍କ ଧମକ

■ କୋଲ୍‌କାତା, ୧୧।୬ (ଏଜେନ୍ସି): ଟିଏମ୍‌ସିର ବରିଷ୍ଠ ନେତା ତଥା ସାଂସଦ କଲ୍ୟାଣ ବାନାର୍ଜୀ ଦଳର ସର୍ବୋଚ୍ଚ ନେତ୍ରୀ ମମତା ବାନାର୍ଜୀଙ୍କ ପୁତୁରା ଅଭିଷେକ ବାନାର୍ଜୀଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣି ଧମକ ଦେଇଛନ୍ତି। ମମତାଙ୍କୁ ସେ କହିଛନ୍ତି ଯେ ଅଭିଷେକ ଟିଏମସିରେ ରହିଲେ, ସେ ରହିପାରିବେ ନାହିଁ। ମମତାଙ୍କୁ ଆମ ଦୁଇ ଜଣଙ୍କ ମଧ୍ୟରୁ ଜଣଙ୍କୁ ବାଛିବାକୁ ପଡ଼ିବ। ଏକ ଜାଲ୍ ଦସ୍ତଖତ ମାମଲା ଏବଂ ସିଆଇଡି ଚଢ଼ଉ ସହ ଜଡ଼ିତ ଆଇନଗତ ମାମଲାରୁ ▶ପୃଷ୍ଠା-୯

## ରାଜ୍ୟସଭାରୁ ଇସ୍ତଫା ଦେଲେ ଟିଏମ୍‌ସିର ଆଉ ଜଣେ ସାଂସଦ

### ସୁଖେନ୍ଦୁ, ସୁସ୍ମିତାଙ୍କ ପରେ ପ୍ରକାଶ ବଡ଼ାଇକ

### ଗୋଟିଏ ସପ୍ତାହରେ ତୃତୀୟ ଘଟଣା







■ ନୂଆଦିଲ୍ଲୀ, ୮।୬(ଏଜେନ୍ସି): ପଶ୍ଚିମବଙ୍ଗ ରାଜନୀତିରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମୁଖ୍ୟ ମମତା ବାନାର୍ଜୀଙ୍କ ପାଇଁ ସଙ୍କଟ ଦିନକୁ ଦିନ ଗଭୀର ହେବାରେ ଲାଗିଛି। ସୁଖେନ୍ଦୁ ଶେଖର ରାୟ ଏବଂ ସୁସ୍ମିତା ଦେବଙ୍କ ପରେ ▶ପୃଷ୍ଠା-୯

## ଦୁର୍ଦ୍ଧାନ୍ତ ପ୍ରଫୁଲ୍ଲକୁ ଏନ୍‌କାଉଣ୍ଟର୍

■ ଭଦ୍ରକ, ୧୧।୬ (ସମିସ): ଦୁର୍ଦ୍ଧାନ୍ତ ଅପରାଧୀ ପ୍ରଫୁଲ୍ଲ ମଲ୍ଲିକ ଓରଫ ପପୁକୁ ଭଦ୍ରକ ଗ୍ରାମାଞ୍ଚଳ ପୁଲିସ ଏନ୍‌କାଉଣ୍ଟର କରି ଧରିଛି। ତା'ର ଡାହାଣ ଗୋଡ଼ରେ ଗୁଳି ବାଜିଛି। ତାକୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ରାଜ୍ୟର ବିଭିନ୍ନ ଥାନାରେ ପପୁ ନାମରେ ୨୨ଟି ଅପରାଧିକ ମାମଲା ରହିଥିବା ସୂଚନା ମିଳିଛି। ବୁଧବାର ବିଳମ୍ବିତ ରାତି ପ୍ରାୟ ସାଢ଼େ ୩ଟାରେ ଏହି ଘଟଣା ଘଟିଥିବା ଜଣାପଡ଼ିଛି।



ଅପରାଧିକ ଘଟଣା ଘଟାଇବା ପାଇଁ ଭଦ୍ରକ ଗ୍ରାମାଞ୍ଚଳ ଥାନା ଲ' କଲେଜ ନିକଟସ୍ଥ ନୂଆସାହିକୁ ନିଜ ଗ୍ରୁପ୍ ସହ ପପୁ ଆସିଥିଲା। ପପୁ ଓ ତା'ର ଜଣେ ସହଯୋଗୀ ସହ ପଲ୍‌ସର ବାଇକ୍‌ରେ ବନ୍ଧୁକ ଓ ଅନ୍ୟ ମାରଣାସ୍ତ୍ର ନେଇ ଆସିଥିବା ଖବର ପୁଲିସ ପାଇଥିଲା। ଭଦ୍ରକ ଗ୍ରାମାଞ୍ଚଳ ପୁଲିସ ଖବର ପାଇ ଇନ୍ସପେକ୍ଟର୍ ସୁବ୍ରତ ଦାସ ଓ ତାଙ୍କର ୩ ଜଣ ସହଯୋଗୀଙ୍କୁ ନେଇ ତାଙ୍କୁ ପିଛା କରିଥିଲେ। ପୁଲିସକୁ ଦେଖି ପ୍ରଥମେ ପପୁ ପୁଲିସ ଉପରକୁ ଦୁଇ ରାଉଣ୍ଡ ଗୁଳି ଚଳେଇଥିଲା। ପୁଲିସ ପ୍ରତି ଉତ୍ତରରେ ଫାୟାରିଂ କରିଥିଲେ ଓ ଗୁଳି ତା'ର ଡାହାଣ ଗୋଡ଼ରେ ବାଜିଥିଲା। ଅନ୍ୟ ସହଯୋଗୀ ଫେରାର୍ ହୋଇଥିବା ସୂଚନା ମିଳିଛି।

ପପୁ ନାମରେ ବାଲେଶ୍ୱର ଜିଲ୍ଲାର ସୋର, ଖଇରା ଥାନା, ▶ପୃଷ୍ଠା-୯

# ସରକାରକୁ ପୂରିଲା ୨ ବର୍ଷ: ଆଗକୁ ଅନେକ ଆହ୍ୱାନ

■ ଭୁବନେଶ୍ୱର, ୧୧।୬ (ସମିସ): ଆସନ୍ତାକାଲି ରାଜ୍ୟରେ ବିଜେପି ସରକାରଙ୍କୁ ୨ ବର୍ଷ ପୂରଣ ହେବାକୁ ଯାଉଛି। ବିଗତ ୨ ବର୍ଷ ମଧ୍ୟରେ ରାଜ୍ୟରେ ବ୍ୟାପକ ବିକାଶ ନେଇ ସରକାରୀ ଦଳ ଦୃଢ଼ୋକ୍ତି ପ୍ରକାଶ କରୁଥିବାବେଳେ ବିରୋଧୀ ସରକାରଙ୍କୁ ପ୍ରତିଶ୍ରୁତି ଅପୂରଣୀୟତାର କାଠଗଡ଼ାକୁ ଟାଣୁଛନ୍ତି। ଆଇନଶୃଙ୍ଖଳା ସ୍ଥିତି ଏବଂ ବିକାଶମୂଳକ କାର୍ଯ୍ୟକୁ ସରକାରଙ୍କୁ କଡ଼ା ସମାଲୋଚନା କରୁଛନ୍ତି ବିରୋଧୀ। ତେବେ ଗତ ୨ ବର୍ଷ ତୁଳନାରେ ତୃତୀୟ ବର୍ଷ ସରକାରଙ୍କ ପାଇଁ ସବୁଠାରୁ ଆହ୍ୱାନ ତଥା ପରୀକ୍ଷାର ବର୍ଷ ହେବ ବୋଲି ରାଜନୀତିକ ମହଲରେ ମତ ପ୍ରକାଶ ପାଇଛି। ୨ ବର୍ଷ ପୂରଣ ହେବାକୁ ଯାଉଥିବାବେଳେ ଏଯାବତ୍ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଏବଂ ନିଗମ ଓ ବୋର୍ଡରେ ନିଯୁକ୍ତି ହୋଇପାରି ନାହିଁ। ଯାହାକୁ ନେଇ ଦଳୀୟ କର୍ମୀ ଓ ନେତାଙ୍କ ମଧ୍ୟରେ ଅସନ୍ତୋଷ ରହିଛି। ଏହି ସମୟରେ ସମସ୍ତଙ୍କୁ ସନ୍ତୁଷ୍ଟ କରିବା ପରି ମନ୍ତ୍ରୀ ପରିଷଦ ଗଠନ ଓ ନିଗମ ନିଯୁକ୍ତି ସରକାରଙ୍କ ପାଇଁ ଆହ୍ୱାନ ହୋଇପାରେ। ଅନ୍ୟପକ୍ଷରେ ଚଳିତ ବର୍ଷ ଶେଷାର୍ଦ୍ଧରେ ଛାତ୍ରସଂସଦ ନିର୍ବାଚନ, ଆସନ୍ତା ବର୍ଷ ପ୍ରଥମ ପ୍ରଥମାର୍ଦ୍ଧରେ ପଞ୍ଚାୟତ ଓ ପୌର ନିର୍ବାଚନ ସରକାରଙ୍କ ଲୋକପ୍ରିୟତା ତଉଲିବ ବୋଲି କୁହାଯାଉଛି।

ରାଜନୀତି ସମୀକ୍ଷକଙ୍କ ମତ ଅନୁସାରେ ବିଗତ ୨ ବର୍ଷରେ ବିଭିନ୍ନ କ୍ଷେତ୍ରରେ ସରକାରଙ୍କୁ ଅପବାଦ ମୁଣ୍ଡାଇବାକୁ ପଡ଼ିଛି। ଧାନ କ୍ରୟରେ ଅବ୍ୟବସ୍ଥା, ୩୦୦୦ ଟଙ୍କାର ଭତ୍ତା ପ୍ରଦାନ, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସ୍ଥିତି, ମହିଳା ସୁରକ୍ଷାକୁ ନେଇ ସରକାରଙ୍କୁ ବାରମ୍ବାର ସମାଲୋଚିତ ହେବାକୁ ପଡ଼ିଛି। ସେହିପରି ବିକାଶମୂଳକ କାର୍ଯ୍ୟ ଠପ୍ ହୋଇପଡ଼ିବା, ରଙ୍ଗବଦଳ

### ବର୍ଷପୂର୍ତ୍ତି ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ, ନିଗମ ନିଯୁକ୍ତି

### ଲୋକପ୍ରିୟତା ତଉଲିବ ପଞ୍ଚାୟତ ଓ ପୌର ନିର୍ବାଚନ

ନିଷ୍ପତ୍ତିକୁ ନେଇ ମଧ୍ୟ ସାଧାରଣ ଲୋକେ ସରକାରଙ୍କୁ କାଠଗଡ଼ାରେ ଠିଆ କରିଛନ୍ତି। ଅପରପକ୍ଷେ ସମାନ ସମୟରେ ସରକାର ମଧ୍ୟ ବିଭିନ୍ନ କ୍ଷେତ୍ରରେ ସଫଳତାକୁ ନେଇ ଦମ୍ଭୋକ୍ତି ଭରୁଛନ୍ତି। ତେବେ ଏହି ଦୁଇବର୍ଷ ମଧ୍ୟରେ ପୂର୍ଣ୍ଣାଙ୍ଗ ମନ୍ତ୍ରିମଣ୍ଡଳ ଗଠନ କରି ନ ପାରିବା ଏବଂ ବୋର୍ଡ, ନିଗମରେ ନିଯୁକ୍ତି ପ୍ରଦାନ କରିବାରେ ବିଫଳ ହେବା ଉଭୟ ସରକାର ଏବଂ ସଂଗଠନର ନିଷ୍ପତ୍ତି ନେବାରେ ଦକ୍ଷତା ତଥା ସମନ୍ୱୟ ଉପରେ ଗଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି।

ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କ୍ଷେତ୍ରରେ ମଧ୍ୟ ସମାନ ଅବସ୍ଥା। ତେଣୁ ତୃତୀୟ ବର୍ଷ ପ୍ରାରମ୍ଭରେ ଏହା ସରକାରଙ୍କ ପାଇଁ ବଡ଼ ଆହ୍ୱାନ ସାଜିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ସେହିପରି ଆସନ୍ତା ମାର୍ଚ୍ଚରେ ପଞ୍ଚାୟତ ଓ ପୌର ନିର୍ବାଚନ ଅନୁଷ୍ଠିତ ହେବ। ଏବେ ସୁଦ୍ଧା ମୁଖ୍ୟ ବିରୋଧୀ ଦଳ ବିଜେଡି ନିଜର ସଂଗଠନକୁ ତୃଣମୂଳ ସ୍ତରରେ ସୁଦୃଢ଼ ରଖିପାରିଛି। ସମାନ ସମୟରେ ବିଜେପି ଏଯାବତ୍ ସବୁ ଜିଲ୍ଲାରେ ସବୁ ନିର୍ବାଚନମଣ୍ଡଳୀରେ ନିଜର ପ୍ରଭାବ ବିସ୍ତାର କରିପାରେ ସକ୍ଷମ ହୋଇପାରି ନାହିଁ। ତେବେ ରାଜ୍ୟରେ ସରକାର ଥିବାବେଳେ ଉଭୟ ପଞ୍ଚାୟତ ଓ ପୌର ନିର୍ବାଚନ ସରକାରଙ୍କ ପାଇଁ ସମ୍ମାନର ପ୍ରଶ୍ନ ଭାବେ ଉଭା ହେବ। ଏହି ନିର୍ବାଚନ ହିଁ ରାଜ୍ୟ ସରକାରଙ୍କ ଲୋକପ୍ରିୟତା ନିର୍ଣ୍ଣୟ କରିବ ବୋଲି ରାଜନୈତିକ ମହଲରେ ମତପ୍ରକାଶ ପାଇଛି। ଏତଦ୍‌ବ୍ୟତୀତ ନିଜର ନିର୍ବାଚନୀ ପ୍ରତିଶ୍ରୁତି ଯଥା ଓଡ଼ିଶାରେ ଓଡ଼ିଆରେ ମେଡିକାଲ, ଇଞ୍ଜିନିୟରିଂ ଶିକ୍ଷା, ୧୫ ଲକ୍ଷଙ୍କୁ ପିଏମ୍ ଆବାସ, ୭୫ ହଜାର କିଲୋମିଟରର ରାସ୍ତା, ସମସ୍ତଙ୍କୁ ୩୫୦୦ ଟଙ୍କା ଭତ୍ତା ପ୍ରଦାନ ପୂରଣ ସରକାରଙ୍କ ପାଇଁ ପ୍ରମୁଖ ଆହ୍ୱାନ ପାଲଟିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

15001/63/2627



# ବିକାଶର ଧାରା, ଓଡ଼ିଶା ସାରା



**ସୁଭଦ୍ରା ଯୋଜନା**
**୧ କୋଟି**ରୁ
ଅଧିକ ମହିଳା ଆର୍ଥିକ ସଶକ୍ତ

**ଲକ୍ଷପତି ଦିଦି**
**୨୩.୪୭ ଲକ୍ଷ**
ମହିଳାଙ୍କ ନୂତନ ପରିଚୟ

**ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା**
କିଶୋରୀ, ମା' ଓ ଶିଶୁଙ୍କ ପୋଷଣ
ସଶକ୍ତିକରଣର ନୂଆ ଅଧ୍ୟାୟ

**ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା**
ଆର୍ଥିକ ଦୁର୍ବଳ ପରିବାର ପାଇଁ ବରଦାନ
୧,୩୦୦ରୁ ଉର୍ଦ୍ଧ୍ୱ ଦମ୍ପତିଙ୍କ ବିବାହ ସମ୍ପନ୍ନ



ଆୟୁଷ୍ମାନ ଭାରତ -
ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା
**୩.୪୭ କୋଟି** ଲୋକ ଉପକୃତ



ସାମାଜିକ ସୁରକ୍ଷା ପେନ୍ସନ ଯୋଜନା
**୫୭ଲକ୍ଷ**ରୁ ଅଧିକ ହିତାଧିକାରୀଙ୍କୁ
ସହାୟତା

ବୃତ୍ତିଗତ ଶିକ୍ଷାରେ
ଅନୁସୂଚିତ ଜନଜାତିଙ୍କ ପାଇଁ
**୨୨.୫%,**
ଅନୁସୂଚିତ ଜାତିଙ୍କ ପାଇଁ
**୧୬.୨୫%**
SEBC ପାଇଁ **୧୧.୨୫%**
ସଂରକ୍ଷଣ

**୪୪,୮୭୫** ଶିଶୁ ବାଟିକା ମାଧ୍ୟମରେ
**୩.୨ ଲକ୍ଷ** ଶିଶୁ ଉପକୃତ

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ
**୧୨ ହଜାର କୋଟି**ରେ **୨,୨୦୦** ବିଦ୍ୟାଳୟର
ସୁଦୃଢ଼ୀକରଣ ପରିକଳ୍ପନା



ସହିଦ ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା
୨ ବର୍ଷରେ **୩.୨୨ ଲକ୍ଷ** ଜନଜାତି
ଛାତ୍ରଛାତ୍ରୀ ଉପକୃତ



**₹୩.୬ ଲକ୍ଷ କୋଟି** ପୁଞ୍ଜିନିବେଶରେ
୩୪ ପ୍ରକଳ୍ପ ଯୋଗେ
**୨,୫୨,୦୦୦** ନିଯୁକ୍ତି ସୃଷ୍ଟି

**₹୬ ହଜାର କୋଟି**
ବ୍ୟୟରେ ରାଜ୍ୟରେ
ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ
୩୯,୭୬୦ ଗ୍ରାମୀଣ ପରିବାରକୁ
ବିଦ୍ୟୁତ ସଂଯୋଗ

**₹୧୭ ହଜାର କୋଟି**ରେ
୯,୦୦୦ କି.ମି. ରାସ୍ତା ଓ ୫୭ଟି
ସେତୁ ନିର୍ମିତ



MMSY
**୧୧,୫୯୬** କିଲୋମିଟର ସବୁଦିନିଆ ଗ୍ରାମ୍ୟ ରାସ୍ତା
ଏବଂ ସେତୁ ବନ୍ଧନ ଯୋଜନାରେ **୫୬୬**ଟି ସେତୁ ନିର୍ମିତ



ପ୍ରଧାନମନ୍ତ୍ରୀ ଆବାସ ଯୋଜନା
ଅନ୍ତ୍ୟୋଦୟ ଗୃହ ଯୋଜନା
ପ୍ରାୟ **୫ ଲକ୍ଷ** ପରିବାରଙ୍କୁ
ମିଳିଛି ପକ୍କାଘର

ଖାଦ୍ୟ ସୁରକ୍ଷା ଯୋଜନା
**୩ କୋଟି**ରୁ ଉର୍ଦ୍ଧ୍ୱ
ହିତାଧିକାରୀଙ୍କୁ ସହାୟତା

**₹ ୪,୮୭୦ କୋଟି**ରେ
ସମୃଦ୍ଧ ସହର ଯୋଜନା ଆରମ୍ଭ



ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା
**୪ ଲକ୍ଷ**ରୁ ଅଧିକ ଗୋପାଳକଙ୍କୁ
**₹୩୨୬ କୋଟି**ର ଆର୍ଥିକ ସହାୟତା ପ୍ରଦାନ



ସମୃଦ୍ଧ କୃଷକ ଯୋଜନା
**୧୯ ଲକ୍ଷ** ଚାଷୀଙ୍କୁ
**₹୧୩ ହଜାର କୋଟି**ର
ଇନ୍‌ପୁଟ୍ ସହାୟତା ପ୍ରଦାନ

ସିଏମ କିଷାନ ଯୋଜନା
୩ ହଜାର କୋଟିରେ
**୫୧ ଲକ୍ଷ** ଚାଷୀ ଉପକୃତ



ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା
ଯୋଜନାରେ
**୩ କୋଟି**ରୁ ଅଧିକ
ଲୋକ ହେବେ ଉପକୃତ

**୨.୭୮ ଲକ୍ଷ** ହେକ୍ଟର ଜମିକୁ
ନିଶ୍ଚିତ ଜଳସେଚନ ସୁବିଧା

ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର

OIPR-15001/15001/2/26-27/0063

■ ଟାର୍ଗେଟ ଥାଇ ଉଠୁନି ଧାନ; ଚିନ୍ତାରେ ଚାଷୀ

# ଭୁକ୍ତା ମାର୍କେଟ ୟାର୍ଡରେ ପଡ଼ିଛି ୧୫ହଜାର ପ୍ୟାକେଟ ଧାନ

ଅମ୍ବାଭୋନା, ୧୧।୬(ସମିସ)

ବରଗଡ଼ ଜିଲ୍ଲାରେ ଚଳିତ ବର୍ଷ ଧାନ ସଂଗ୍ରହ ପାଇଁ ସରକାର ପକ୍ଷରୁ ଟାର୍ଗେଟ ନିର୍ଦ୍ଧାରଣ କରାଯାଇଥିଲେ ମଧ୍ୟ ଅନେକ ସ୍ଥାନରେ ଚାଷୀଙ୍କ ଧାନ ଉଠାଯାଇ ନଥିବାରୁ ଅସନ୍ତୋଷ ଓ ଚିନ୍ତା ବଢ଼ିଛି। ଭୁକ୍ତା ମାର୍କେଟ ୟାର୍ଡରେ ୧୫ ହଜାରରୁ ଅଧିକ ପ୍ୟାଟ ଧାନ ଖୋଲା ଆକାଶ ତଳେ ପଡ଼ିରହିଥିବା ବେଳେ ଚାଷୀମାନେ ଶୀଘ୍ର ଉଠାଣ ପାଇଁ ଦାବି କରିଛନ୍ତି।ମଣ୍ଡିରେ ଧାନ ବିକ୍ରି ପାଇଁ ପଞ୍ଜୀକୃତ ଚାଷୀମାନେ ଦୀର୍ଘଦିନ ଧରି ଅପେକ୍ଷା କରୁଥିଲେ ମଧ୍ୟ ସେମାନଙ୍କ ଧାନ ଉଠାଣରେ ବିଳମ୍ବ ହେଉଥିବା ଅଭିଯୋଗ କରିଛନ୍ତି।ବର୍ଷା ଋତୁ ଆରମ୍ଭ ହେବାକୁ ଥିବାରୁ ମଣ୍ଡିରେ ଗଚ୍ଛିତ ଧାନ ଭିଜି ନଷ୍ଟ ହେବାର ଆଶଙ୍କା ରହିଛି।ଅନ୍ୟପକ୍ଷରେ ନୂତନ ଚାଷ ଋତୁ ପାଇଁ ଆବଶ୍ୟକ ଅର୍ଥ ହାତକୁ ନ ଆସିବାରୁ ଚାଷୀମାନେ ଆର୍ଥିକ ସଙ୍କଟର ସମ୍ମୁଖୀନ



ହେଉଛନ୍ତି। ସୂଚନା ଅନୁଯାୟୀ, ଭୁକ୍ତା ପକ୍ସରୁ କାବ୍ୟା ରାଇସ ମିଲ ପାଇଁ ୩୨୦୦କ୍ୱିଣ୍ଟାଲ ଏବଂ ଗୁରୁଜୀ ରାଇସ ମିଲ ପାଇଁ ୬୫୦ କୁଇଣ୍ଟାଲ ଟାର୍ଗେଟ ରହିଛି। ସେହିପରି କଣ୍ଡପଳା-ଭୁକ୍ତା ପକ୍ସରୁ କାବ୍ୟା ରାଇସ ମିଲ ପାଇଁ ୨୭୦୦ କୁଇଣ୍ଟାଲ ଏବଂ ଗୁରୁଜୀ ରାଇସ ମିଲ ପାଇଁ ୪୦୦ କୁଇଣ୍ଟାଲ ଟାର୍ଗେଟ ଧାର୍ଯ୍ୟ କରାଯାଇଛି। ଏହାଛଡ଼ା କଣ୍ଡପଳା ପ୍ୟାକ୍ସରୁ କାବ୍ୟା ରାଇସ ମିଲ ପାଇଁ ୨୮୦୦ କୁଇଣ୍ଟାଲ ଓ ଗୁରୁଜୀ ରାଇସ ମିଲ ପାଇଁ ୧୩୦୦ କୁଇଣ୍ଟାଲ ଟାର୍ଗେଟ ରହିଛି।ତେବେ ଟାର୍ଗେଟ ଥିଲେ ସୁଦ୍ଧା ଧାନ ଉଠାଣ ନ ହେବାରୁ ଚାଷୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଭୁକ୍ତା ପାକ୍ସର ୫, ୧୩୮ ପକେଟ ଓ କଣ୍ଡପଳା-ଭୁକ୍ତା ପାକ୍ସର ୯, ୨୦୧ ପକେଟ ଧାନ ଭୁକ୍ତା ମାର୍କେଟ ୟାର୍ଡରେ ପଡ଼ିରହିଛି। ମିଲରମାନଙ୍କ ମନମୁଖୀ କାର୍ଯ୍ୟକଳାପ ଯୋଗୁଁ ଚାଷୀମାନେ ହଇରାଣ ହେଉଥିବା ଅଭିଯୋଗ କରିଛନ୍ତି।ଚାଷୀମାନଙ୍କ ଅଭିଯୋଗ ଅନୁସାରେ, ଛତିଶଗଡ଼ରୁ ବ୍ୟବସାୟୀଙ୍କ ମାଧ୍ୟମରେ ଧାନ ଗଚ୍ଛିତ ରଖାଯାଉଥିବା ବେଳେ ସ୍ଥାନୀୟ ଚାଷୀଙ୍କ ଧାନ ଉଠାଣରେ ଅବହେଳା କରାଯାଉଛି। ଚାଷୀମାନେ ଶୀଘ୍ର ଧାନ ଉଠାଣ ସହ ବକେୟା ପ୍ରାପ୍ୟ ପ୍ରଦାନ କରିବାକୁ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଅନ୍ୟପକ୍ଷରେ, ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନିଆଯାଉଥିବା କହିଛନ୍ତି। ବର୍ଷା ପୂର୍ବରୁ ଧାନ ଉଠାଣ ସମ୍ପୂର୍ଣ୍ଣ ନ ହେଲେ ଚାଷୀଙ୍କ କ୍ଷତି ଆହୁରି ବଢ଼ିବ ବୋଲି ସ୍ଥାନୀୟ ମହଲରେ ଚର୍ଚ୍ଚା ହେଉଛି।

## ଏଗାର ଦିନରେ ଚାଷୀଙ୍କ ଆମରଣ ଅନଶନ

# ସମର୍ଥନ କଲେ କଂଗ୍ରେସ ନେତା



ଝାରବନ୍ଧ, ୧୧।୬ (ସମିସ): ରବି ଧାନ ବିକ୍ରି ପାଇଁ ଟୋକନ ପ୍ରଦାନରେ ହୋଇଥିବା ଅନିୟମିତତା ଓ ବହୁ ଚାଷୀ ଟୋକନ ପାଇବାରୁ ବଞ୍ଚିତ ହୋଇଥିବା ପ୍ରତିବାଦରେ ଡଭା ଆଞ୍ଚଳିକ କୃଷକ ସଂଗଠନ ପକ୍ଷରୁ ଚାଲିଥିବା ଆମରଣ ଅନଶନ ଗୁରୁବାର ଏକାଦଶ ଦିନରେ ପ୍ରବେଶ କରିଛି। ଦୀର୍ଘ ଦିନ ଧରି ଆନ୍ଦୋଳନ ଜାରି ରହିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ସମସ୍ୟା ସମାଧାନ ନେଇ କୌଣସି ଦୃଢ଼ ପଦକ୍ଷେପ ଦେଖିବାକୁ ମିଳିନଥିବାରୁ ଚାଷୀମାନଙ୍କ ଅସନ୍ତୋଷ ବଢ଼ିଚାଲିଛି। ଏହି ପରିସ୍ଥିତିରେ ପଦ୍ମପୁର ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ଟଙ୍କଧର ସାହୁ ଅନଶନସ୍ଥଳକୁ ଯାଇ ଅନଶନରତ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଚାଷୀଙ୍କ ଦାବିକୁ ନ୍ୟାୟସଙ୍ଗତ ବୋଲି ଦର୍ଶାଇ ସେ ଆନ୍ଦୋଳନ ପ୍ରତି ପୂର୍ଣ୍ଣ ସମର୍ଥନ ଘୋଷଣା କରିଥିଲେ। ଶ୍ରୀ ସାହୁ କହିଥିଲେ ଯେ, ଚାଷୀମାନେ ମାସ ମାସ ଧରି ନିଜର ଉତ୍ପାଦିତ ଧାନ ବିକ୍ରି ପାଇଁ ଅପେକ୍ଷା କରୁଥିବା ବେଳେ ସରକାର ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ବିଭିନ୍ନ ବାହାନା ଦେଖାଉଛନ୍ତି। ଟୋକନ ସମସ୍ୟା ଯୋଗୁଁ ହଜାର ହଜାର କୁଇଣ୍ଟାଲ ଧାନ ଚାଷୀଙ୍କ ଘରେ ପଡ଼ି ରହି ଥିବା ବେଳେ ଡଭା ବଜାରରେ କୋଡିଏ ହଜାର ଟଙ୍କା ପଡ଼ି ରହିଛି। ଯାହା ସେମାନଙ୍କ ଆର୍ଥିକ ସ୍ଥିତିକୁ ପ୍ରଭାବିତ କରୁଛି। ଅତିଶୀଘ୍ର ସମସ୍ୟାର ସମାଧାନ କରି ଚାଷୀଙ୍କ ଧାନ କ୍ରୟ ପ୍ରକ୍ରିୟା ସୁନିଶ୍ଚିତ କରିବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି ଉଠାଯିବ ବୋଲି ପ୍ରକାଶ କରିଥିଲେ। କଂଗ୍ରେସର ଯୁବ ନେତା ମୁଜାଫର ହୁସେନ ମଧ୍ୟ ଉପସ୍ଥିତ ରହି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ।

# ତହସିଲଦାରଙ୍କ ମାଣ୍ଡୋସିଲ ଧାନମଣ୍ଡି ପରିଦର୍ଶନ



ପାଇକମାଳ, ୧୧।୬(ସମିସ): ପାଇକମାଳ ବ୍ଲକ ମାଣ୍ଡୋସିଲ ଧାନମଣ୍ଡିକୁ ଗୁରୁବାର ପାଇକମାଳ ତହସିଲଦାର ସିନ୍ଧୁସୂତା ପାତ୍ର ପରିଦର୍ଶନ କରି ମଣ୍ଡିରସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ଏହି ଅବସରରେ ସେ ଉପସ୍ଥିତ ଚାଷୀ ଓ କର୍ମଚାରୀଙ୍କ ସହ ଆଲୋଚନା କରି ବିଭିନ୍ନ ସମସ୍ୟା ବିଷୟରେ ପଚାରି ବୁଝିଥିଲେ।ପରିଦର୍ଶନ ସମୟରେ ଚାଷୀମାନେ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ ଯେ, ନିର୍ଦ୍ଧାରିତ ପରିମାଣଠାରୁ ଅଧିକ ଧାନ ମଣ୍ଡିକୁ ଆସୁଥିବାରୁ ସଂରକ୍ଷଣ ଓ ଉଠାଣ ପ୍ରକ୍ରିୟାରେ ସମସ୍ୟା ସୃଷ୍ଟି ହେଉଛି। ଫଳରେ ବହୁ ପରିମାଣର ଧାନ ଖୋଲା ଆକାଶ ତଳେ ପଡ଼ି ରହୁଛି। ବର୍ଷା ଋତୁ ଆରମ୍ଭ ତଥା କାଳବୈଶାଖୀ ବର୍ଷା ଯୋଗୁଁ ଅନେକ ଧାନ ବସ୍ତା ଭିଜିଯାଉଥିବା ସହ କିଛି ବସ୍ତାରେ ଧାନ ଗଜା ହୋଇଯାଇଥିବା ଚାଷୀମାନେ ଜଣାଇଥିଲେ। ଚାଷୀମାନେ ଖୋଲା ମଣ୍ଡିରେ ରହିଥିବା ଧାନକୁ ସୁରକ୍ଷିତ ରଖିବା ପାଇଁ ପର୍ଯ୍ୟାପ୍ତ ପରିମାଣରେ ପଲିଥିନ ଯୋଗାଇ ଦେବାକୁ ଦାବି କରିଥିଲେ। ଏହାସହ ଗଜା ହୋଇଥିବା ଧାନକୁ ପ୍ରାଥମିକତା ଭିତ୍ତିରେ ଉଠାଣ କରିବାକୁ ଅନୁରୋଧ କରିଥିଲେ।ଏହାର ଉତ୍ତରରେ ତହସିଲଦାର ଗଜା ହେଉଥିବା ଧାନର ଯାଞ୍ଚ କରି ଶୀଘ୍ର ଉଠାଣ ବ୍ୟବସ୍ଥା କରାଯିବ ବୋଲି ଆଶ୍ୱାସନା ଦେଇଥିଲେ। ଧାନ ଉଠାଣରେ ବିଳମ୍ବ ହେଉଥିବାରୁ ଚାଷୀମାନଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ଧାନ ବିକ୍ରି ପରେ ସମୟମତେ ପାଉଣା ନ ମିଳିଲେ ଆଗାମୀ ଚାଷ କାର୍ଯ୍ୟ, ଋଣ ପରିଶୋଧ ଓ ପିଲାମାନଙ୍କ ପାଠପଢ଼ା ଖର୍ଚ୍ଚ ବହନ କରିବା କଷ୍ଟକର ହେବ ବୋଲି ଚାଷୀମାନେ ପ୍ରକାଶ କରିଥିଲେ। ସୂଚନା ଅନୁଯାୟୀ, ଏପର୍ଯ୍ୟନ୍ତ ୪୭୪ ଜଣ ଚାଷୀଙ୍କ ୫୯, ୦୯୪ ପ୍ୟାକେଟ ଧାନ ମଣ୍ଡିକୁ ଆସିଛି। ସେଥିମଧ୍ୟରୁ ୧୩୪ ଜଣ ଚାଷୀଙ୍କ ୧୭, ୮୬୮ ପ୍ୟାକେଟ ଧାନ, ଅର୍ଥାତ ୭, ୮୦୧.୯୬ କ୍ୱିଣ୍ଟାଲ ଧାନ ବିକ୍ରି ହୋଇଛି। ବର୍ତ୍ତମାନ ସୁଦ୍ଧା ୩୪୦ ଜଣ ଚାଷୀଙ୍କ ୪୧, ୨୨୬ ପ୍ୟାକେଟ ଧାନ ମଣ୍ଡି ପରିସରରେ ଖୋଲା ଆକାଶ ତଳେ ପଡ଼ି ରହିଛି। ଚାଷୀମାନଙ୍କ ଅଭିଯୋଗ ଅନୁସାରେ, ପ୍ରଶାସନ ପକ୍ଷରୁ ପର୍ଯ୍ୟାପ୍ତ ପରିମାଣରେ ଟାର୍ଗେଟ ନଦେବାରୁ ଅଧିକ ଟ୍ରକ୍ ବ୍ୟବସ୍ଥା ନ ହେବାରୁ ଧାନ ଉଠାଣ ପ୍ରକ୍ରିୟା ପ୍ରଭାବିତ ହେଉଛି। ଏହି ସମସ୍ତ ବିଷୟର ତଦାରଖ କରି ଶୀଘ୍ର ଧାନ ଉଠାଣ ବ୍ୟବସ୍ଥା କରାଯିବ ବୋଲି ତହସିଲଦାର ସିନ୍ଧୁସୂତା ପାତ୍ର ଚାଷୀମାନଙ୍କୁ ଆଶ୍ୱାସନା ଦେଇଛନ୍ତି। ବର୍ଷା ଋତୁକୁ ଦୃଷ୍ଟିରେ ରଖି ଧାନର ସୁରକ୍ଷା ଓ ଶୀଘ୍ର ଉଠାଣ ପାଇଁ ପ୍ରଶାସନ ତତ୍ପରତା ଦେଖାଇବାକୁ ଚାଷୀମହଲରେ ଦାବି ହେଉଛି।

## ବରଗଡ଼ ପୌର ପରିଷଦର ଅବହେଳା

# ଅଭିନବ ଉପାୟରେ ପ୍ରତିବାଦ କଲେ ଛାତ୍ର କଂଗ୍ରେସ





ବରଗଡ଼, ୧୧।୬(ସମିସ): ଗୁରୁବାର ଦିନ ରାଜ୍ୟ ଛାତ୍ର କଂଗ୍ରେସ ଉପସଭାପତି ଗୌରବ ପତି (ଆଜାଦ)ଙ୍କ ନେତୃତ୍ୱରେ ପଡ଼ାର ଯୁବକମାନେ ପୋଖରୀରୁ ଭାରରେ ପାଣି ଧରି ପୌର ପରିଷଦ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଚାଲି ଚାଲି ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବାନନ୍ଦ ସାହୁଙ୍କୁ ସମସ୍ୟା ଜଣାଇଛନ୍ତି। ବରଗଡ଼ ସହର ସ୍ଥିତ ମା'ଖଜୁରକଟିଏନବନ୍ଧ ଅତ୍ୟନ୍ତ ଖରାପ ଅବସ୍ଥାରେ ଥିବାବେଳେ ପଡ଼ାବାସୀ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପଡ଼ାବସୀ ନିଜର ଦୈନନ୍ଦୀନ କାର୍ଯ୍ୟ ପାଇଁ ବନ୍ଧଉପରେ ନିର୍ଭର କରୁଛନ୍ତି। ସେହି

### ବନ୍ଧରୁ ପାଣି ଆଣି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ହାତ ଧୁଆଇଲେ

ଖରାପ ପାଣିରେ ଦୈନନ୍ଦିନ ଜୀବନ ବିତାଉଥିବା ବେଳେ ଅନେକ ରୋଗରେ ଆକ୍ରାନ୍ତ ହେଉଛନ୍ତି। ବନ୍ଧରପାଣି ଆଣି ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ହାତ ଧୋଇବା ପାଇଁ କହିବା ସହ ପଡ଼ାବାସୀଙ୍କ ସମସ୍ୟାର ସମାଧାନ କରିବା ପାଇଁ ଗୁହାରି କରିଛି ଛାତ୍ର କଂଗ୍ରେସ। ଆସନ୍ତା ୧୬ ତାରିଖ ମଧ୍ୟରେ ଦାବି ପୂରଣ ନ ହେଲେ ଆନ୍ଦୋଳନ ଜୋରଦାର ହେବ ବୋଲି ଚେତାବନୀ ଦିଆଯାଇଛି। ଏହାର ସୌନ୍ଦର୍ଯ୍ୟକରଣ ପାଇ ୩୦ ଲକ୍ଷ ଟଙ୍କା ଅନୁଦାନ ଆସିଥିବା ବେଳେ ବିଭାଗୀୟ ଜେଇଙ୍କ ଅବହେଳାରୁ କାମ ଆରମ୍ଭ ହୋଇ ପାରିନାହିଁ। ସମସ୍ୟା ବିଷୟରେ ଆମେ ଅବଗତ ଅଛୁ ଆଉ ଖୁବ୍ ଶୀଘ୍ର କାମ ଆରମ୍ଭ ହେବ ବୋଲି ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ କହିଛନ୍ତି।

# ପାଣିରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ବରଗଡ଼, ୧୧। ୬(ସମିସ): ବରଗଡ଼ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଧାଙ୍ଗେର ଗ୍ରାମ ପୋଖରୀରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ସ୍ୱର୍ଗତ ମିଟୁ ବଂଛୁରଙ୍କ ପୁଅ ସଦାଶିବ ବଂଛୁର (୪୦)।ସେ ବୁଧବାର ଚାଷ କାମ ସାରି ଦିନ ଦ୍ୱିପହରେ ଗାଁ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ପୋଖରୀରେ ଗାଧୋଇବା ସମୟରେ ଗୋଡ ଖସି ଯିବାରୁ ପାଣିରେ ବୁଡି ଯାଇଥିଲେ। ରାତି ହେବାରୁ ଘର ଲୋକେ ବହୁତ ଖୋଜା ଖୋଜି କରିଥିଲେ ମଧ୍ୟ କୌଣସି ଖୋଜ ଖବର ମିଳିନଥିଲା ଗୁରୁବାର ସକାଳୁ ଗାଁ ଲୋକେ ପୋଖରୀକୁ ଗାଧୋଇବା ପାଇଁ ଯିବା ସମୟରେ ତାଙ୍କ ଚପଲ ଦେଖି ଘର ଲୋକଙ୍କୁ ଖବର ଦେଇଥିଲେ। ଘରଲୋକେ ଚପଲ ଦେଖି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ପୋଖରୀରେ ଖୋଜାଖୋଜି କରି ମୃତ ଦେହକୁ ଠାବ କରିଥିଲେ।ପରେ ପୋଷ୍ଟମର୍ଟମ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା।ମୃତ ସଦାଶିବ ବଂଛୁର ଘରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ସରକାରଙ୍କ ପକ୍ଷରୁ ଏହି ଅସହାୟ ପରିବାରକୁ ତୁରନ୍ତ ସହାୟତା ଯୋଗାଇ ଦେବାକୁ ଧାଙ୍ଗେର ଗ୍ରାମବାସୀ ଅନୁରୋଧ କରିଛନ୍ତି।

# ମୃତ ଭାବି କୂଅରେ ଫିଙ୍ଗି ଦେଇଥିଲେ ଦୁର୍ବୃତ୍ତ; ୪ ଦିନପରେ ଜୀବନ୍ତ ଉଦ୍ଧାର

ବିଜେପୁର, ୧୧।୬(ସମିସ): ଯାହାକୁ ରଖିବେ ଅନନ୍ତ କେ କରି ପାରେ ବଳବନ୍ତ। ଏହି ଉକ୍ତି ଜଣେ ବ୍ୟକ୍ତିଙ୍କ କ୍ଷେତ୍ରରେ ପ୍ରମାଣିତ ହୋଇଛି। କିଛି ଦୁର୍ବୃତ୍ତ ଜଣେ ଯୁବକଙ୍କ ଆକ୍ରମଣ କରିବା ପରେ ମରିଯାଇଥିବା ଭାବି ଏକ କୂଅରେ ଫିଙ୍ଗିଦେଇଥିଲେ। ହେଲେ ଉକ୍ତ ବ୍ୟକ୍ତିଙ୍କୁ ଘଟଣାର ୪ ଦିନପରେ ଜୀବନ୍ତ ଉଦ୍ଧାର କରାଯାଇଛି।

ସୂଚନା ଅନୁସାରେ, ବିଜେପୁର ବ୍ଲକ ଅଧୀନ ସମଲାଇପଦର ନର୍ସରୀ ଅଞ୍ଚଳର ଏକ ନିଛାଟିଆ କୂଅରୁ ଜଣେ ବ୍ୟକ୍ତିଙ୍କୁ ଜୀବନ୍ତ ଅବସ୍ଥାରେ ଉଦ୍ଧାର କରାଯାଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଉଦ୍ଧାର ହୋଇଥିବା ବ୍ୟକ୍ତି ହେଲେ ପଦ୍ମପୁର ନିକଟସ୍ଥ ପୁରେନା ଗ୍ରାମର ତୁଳସୀରାମ ଭୁଏ। ଉକ୍ତ ବ୍ୟକ୍ତିଙ୍କ କହିବା ଅନୁସାରେ, ଗତ ରବିବାର ପୂର୍ବାହ୍ନ ପ୍ରାୟ ୩ଟା ସମୟରେ ପାଞ୍ଚଜଣ ବ୍ୟକ୍ତି ତାଙ୍କୁ ମାଡ଼ ମାରିଥିଲେ। ମାଡ଼ ମାରିବା ପରେ ବ୍ୟକ୍ତି ଜଣକ ଚେତାଶୂନ୍ୟ ହୋଇପଡ଼ିଥିଲେ। ଫଳରେ ମୃତବୋଲି ଭାବି ତାଙ୍କୁ କୂଅରେ ପକାଇ ଦେଇ ଚାଲିଯାଇଥିଲେ। କୂଅ ଭିତରେ ଚାରି ଦିନ ଧରି ଭୋକ ଓ ଉପବାସରେ ରହି ସେ ଜୀବନ ସହ ସଂଘର୍ଷ କରିଥିବା ଜଣାପଡ଼ିଛି। ବୁଧବାର

### ଯାହାକୁ ରଖିବେ ଅନନ୍ତ...



ସମଲାଇପଦର ଗ୍ରାମର ଜଣେ ବ୍ୟକ୍ତି ଜଙ୍ଗଲକୁ କାଠ ସଂଗ୍ରହ ପାଇଁ ଯାଇଥିବା ବେଳେ କୂଅ ଭିତରୁ ଜଣେ ଲୋକଙ୍କ ଚିତ୍କାର ଶୁଣିଥିଲେ। ହେ ଭଗବାନ ରକ୍ଷା କର ବୋଲି ସେ ଡାକୁଥିବାର ସ୍ଥାନୀୟ ଲୋକ କହିଥିଲେ। ସେ ତୁରନ୍ତ ଗ୍ରାମକୁ ଫେରି ଏହି ସମ୍ପର୍କରେ ଅନ୍ୟମାନଙ୍କୁ ଜଣାଇଥିଲେ। ଖବର ପାଇ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ପୁଲିସ ଓ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଖବର ପାଇ ପୁଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲେ। ବହୁ ପ୍ରୟାସ ପରେ କୂଅରୁ ବ୍ୟକ୍ତିଙ୍କୁ ସୁରକ୍ଷିତ ଭାବେ ବାହାର କରାଯାଇଥିଲା। ଏହାପରେ ତାଙ୍କୁ ଚିକିତ୍ସା ପାଇଁ ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା।

# ଶୀତଳ ଷଷ୍ଠୀ ପାଇଁ ହିମାଦ୍ରୀନଗର ପ୍ରସ୍ତୁତି



ବରପାଲି, ୧୧।୬ (ସମିସ): ବରପାଲି ଶୀତଳ ଷଷ୍ଠୀ ଯାତ୍ରା ମହୋତ୍ସବର କନ୍ୟାପକ୍ଷ ହିମାଦ୍ରୀ ନଗରବାସୀଙ୍କ ପକ୍ଷରୁ ଚଳିତ ବର୍ଷର ଦେବବିବାହ ଉତ୍ସବକୁ ଅଧିକ ଆକର୍ଷଣୀୟ ଓ ଲୋକାଭିମୁଖି କରିବା ଉଦ୍ଦେଶ୍ୟ ନେଇ ୫୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ରଖାଯାଇ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଉଛି। ଚଳିତ ବର୍ଷ ନୂଆପଡ଼ାରେ ତଥା ଶୈବ ଭକ୍ତବୃନ୍ଦ କନ୍ୟା ପକ୍ଷର ଦାୟିତ୍ୱଭାର ନିର୍ବାହ କରୁଛନ୍ତି। ଗୁରୁବାର ସନ୍ଧ୍ୟା ସମୟରେ ମାତାପାର୍ବତୀଙ୍କ ବିବାହ ମଣ୍ଡପ କାର୍ଯ୍ୟାଳୟ ପରିସରରେ ପାର୍ବତୀ ବିବାହତ୍ସବ ପରିଚାଳନା କମିଟି ସଭାପତି ସୁବୋଧ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ଯାତ୍ରାକୁ ଅଧିକ ଆକର୍ଷଣୀୟ ଓ ଲୋକାଭିମୁଖି କରିବା ପାଇଁ ଅଯୋଧ୍ୟା ରାମଲାଲା ମନ୍ଦିର ଢାଞ୍ଚାରେ ଆକର୍ଷଣୀୟ ମଣ୍ଡପ ଏବଂ ତୋରଣ ନିର୍ମାଣ କାମ ଯୋରସୋରରେ ଆଗେଇଚାଲିଛି। ଆସନ୍ତା ୧୫ ତାରିଖରୁ ପ୍ରତ୍ୟହ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ। ମୁଖ୍ୟତଃ ସୁନୀତା ସାହୁ ଓ ସୈରେନ୍ଦ୍ରି ଜାଲଙ୍କ କୀର୍ତ୍ତନ, ଦୁଃଖୀ ଶ୍ୟାମ ତ୍ରିପାଠୀ ଙ୍କ ଭଜନ, ସୁଜ୍ଞାନି ମହାପାତ୍ର ଓ ଦୀପ୍ତି ରେଖା ପାଢ଼ୀଙ୍କ ଅର୍କେଷ୍ଟ୍ରା ଆଦି ମନୋରଞ୍ଜନ କାର୍ଯ୍ୟକ୍ରମ ରହିଛି। ଏହା ସହ ଲମ୍ବାନି ଶୋଭାଯାତ୍ରା ବା କନ୍ୟା ବିଦାୟ ଶୋଭାଯାତ୍ରାରେ ଉଜ୍ଜୟନ୍‌ର ଡମ୍ବରୁ, ରାୟପୁରର ଧୁମାଲ, ଗଞ୍ଜାମର ବାଘ ନୃତ୍ୟ, ମହକାଲ, ଆଲେକ୍ସ ବାବା ସହିତ ଡିଜେ, ଦୁଲ୍‌ଦୁଲି ଆଦି ସାମିଲ ରହିବେ। ପୂର୍ବଜନ୍ମର ପୁଣ୍ୟ ତଥା ପିତୃ ପୁରୁଷଙ୍କ ଆଶୀର୍ବାଦରୁ ମାତା ପାର୍ବତୀଙ୍କୁ କନ୍ୟା ଭାବରେ ପାଇ ନିଜକୁ ଧନ୍ୟ ମନେ କରୁଛି ବୋଲି କନ୍ୟା ପିତାମାତା ଭାବରେ ଶିବୁ ଅଗ୍ରୱାଲ ଓ ସହଧର୍ମଣୀ ପ୍ରକାଶ କରିଥିଲେ।କମିଟିର ସମ୍ପାଦକ ଧିରେନ ତ୍ରିପାଠୀ ମହୋତ୍ସବର ସମସ୍ତ ପଡ଼ାବାସୀ ଓ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି।

## ଅତାବିରା ଡେଲି ମାର୍କେଟ ପୁନର୍ନିର୍ମାଣ ଦାବି

# ଦୋକାନୀଙ୍କ ଜୀବିକା ସୁରକ୍ଷା ପାଇଁ ବିଜେଡିର ଆହ୍ୱାନ

ବରଗଡ଼, ୧୧।୬(ସମିସ)

ଅତାବିରା ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି) ଅଧୀନରେ ଥିବା ନିଜସ୍ୱ ଜମିରେ ଅବସ୍ଥିତ ଡେଲି ମାର୍କେଟକୁ ଭଙ୍ଗାଯାଉଥିବା ଘଟଣାକୁ ନେଇ ଦୋକାନୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବ୍ୟବସାୟୀଙ୍କ ଜୀବନ ଓ ଜୀବିକା ଉପରେ ଏହାର ପ୍ରଭାବ ପଡୁଥିବାରୁ ତୁରନ୍ତ ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଦାବି କରିଛନ୍ତି ପୂର୍ବତନ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ।ସୂଚନା ଅନୁଯାୟୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା (ଏମ୍ଏସ୍‌ବିୱାଇ) ଅଧୀନରେ ଅତାବିରା ଡେଲି ମାର୍କେଟ ସ୍ଥାନରେ ଏକ ଆଦର୍ଶ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ୧ କୋଟି ୨୭ ଲକ୍ଷ ୨୦ ହଜାର ଟଙ୍କାର ଅନୁଦାନ ମଞ୍ଜୁର କରାଯାଇଥିଲା। ଏହି ପ୍ରକଳ୍ପର ଶୁଭ



ଶିଳାନ୍ୟାସ ୨୦୨୩ ଅଗଷ୍ଟ ୩୧ ତାରିଖରେ ହୋଇଥିଲା। ତେବେ ସେତେବେଳେ ଡେଲି ମାର୍କେଟରେ ବ୍ୟବସାୟ କରୁଥିବା ଦୋକାନୀଙ୍କ ସୁବିଧା ଓ ଜୀବିକାକୁ ଦୃଷ୍ଟିରେ ରଖି ନିର୍ମାଣ କାର୍ଯ୍ୟକୁ ପରବର୍ତ୍ତୀ ସମୟ ପାଇଁ ସ୍ଥଗିତ ରଖାଯାଇଥିଲା। ଅଭିଯୋଗ ଅନୁସାରେ, ପ୍ରକଳ୍ପ ପାଇଁ ମଞ୍ଜୁର ହୋଇଥିବା ଅର୍ଥରାଶି ଏବେ ମଧ୍ୟ ଏନ୍ଏସି ଖାତାରେ ଜମା ରହିଛି, କିନ୍ତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ।ଏପରି ପରିସ୍ଥିତିରେ ଡେଲି ମାର୍କେଟ ଭଙ୍ଗାଯାଉଥିବାରୁ ଶତାଧିକ କ୍ଷୁଦ୍ର ବ୍ୟବସାୟୀ ଓ ସେମାନଙ୍କ ପରିବାର ଜୀବିକା ସଙ୍କଟରେ ପଡ଼ିଛନ୍ତି। ତେଣୁ ତୁରନ୍ତ ଉକ୍ତ ପ୍ରକଳ୍ପର କାମ ଆରମ୍ଭ କରି ଦୋକାନୀଙ୍କ ପାଇଁ ସ୍ଥାୟୀ ଦୋକାନ ଘର ବ୍ୟବସ୍ଥା କରିବାକୁ ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଦୃଢ଼ ଦାବି କରିଛନ୍ତି।ଏହାସହ ବିଜେଡି ସରକାର ଅମଳରେ ଅତାବିରା ଏନ୍ଏସି ପାଇଁ ମଞ୍ଜୁର ହୋଇଥିବା ଅନ୍ୟାନ୍ୟ ପାଣ୍ଠି ମଧ୍ୟ ବିଭିନ୍ନ କାର୍ଯ୍ୟରେ ବ୍ୟବହୃତ ନ ହୋଇ ପଡ଼ିରହିଥିବା ଅଭିଯୋଗ ହୋଇଛି। ଉକ୍ତ ପାଣ୍ଠିକୁ ଶୀଘ୍ର ବିନିଯୋଗ କରି ସମସ୍ତ ଯୋଗ୍ୟ ବ୍ୟବସାୟୀଙ୍କୁ ଦୋକାନ ଘର ଯୋଗାଇ ଦେବା ସହ ଅତାବିରା ସହରର ବିକାଶମୂଳକ କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ ଏନ୍ଏସି ଅଧ୍ୟକ୍ଷ ଓ କାଉନସିଲରମାନଙ୍କୁ ଅନୁରୋଧ କରାଯାଇଛି। ସ୍ଥାନୀୟ ବ୍ୟବସାୟୀ ଓ ସାଧାରଣ ଜନତା ମଧ୍ୟ ଡେଲିମାର୍କେଟର ଆଧୁନିକୀକରଣ ସହ ଦୋକାନୀମାନଙ୍କ ପୁନଃଥଇଥାନ ବ୍ୟବସ୍ଥାକୁ ପ୍ରାଥମିକତା ଦେବା ପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।

# ପଦ୍ମପୁରରେ ନୂତନ ଦୈନିକ ବଜାର ଉଦ୍‌ଘାଟିତ

ପଦ୍ମପୁର, ୧୧। ୬(ସମିସ): ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନରେ ନିର୍ମିତ ଆଧୁନିକ ଦୈନିକ ବଜାର ଗୁରୁବାର ବିଧିବଦ୍ଧ ଭାବେ ଉଦ୍‌ଘାଟନ କରାଯାଇଛି। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟକ ଯୋଜନା, ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଏବଂ ରାଜସ୍ୱ ହସ୍ତାନ୍ତର ପାଣ୍ଠି ସହାୟତାରେ ପ୍ରାୟ ୧.୫୦ କୋଟି ଟଙ୍କା ବ୍ୟୟରେ ପ୍ରକଳ୍ପ ନିର୍ମିତ ହୋଇଛି। ଏହି ନୂତନ ବଜାରରେ ବ୍ୟବସାୟୀଙ୍କ ପାଇଁ ୯୦ଟି ସେଲ୍‌ଫ (ଷ୍ଟଲ୍)ର ବ୍ୟବସ୍ଥା ରହିଛି, ଯାହା ଲଟେରୀ ମାଧ୍ୟମରେ ଆବଣ୍ଟନ କରାଯାଇସାରିଛି। ଏଠାରେ ପରିବା ବ୍ୟବସାୟୀ, ଚାଷୀ, କପଡ଼ା ବ୍ୟବସାୟୀ, ବହି ଦୋକାନ ଏବଂ ଫ୍ୟାନ୍ସି ଷ୍ଟୋର୍ ସମେତ ବିଭିନ୍ନ ବ୍ୟବସାୟୀ ନିଜର ବ୍ୟବସାୟ ସୁରୁଖୁରୁରେ କରିପାରିବେ। ଏହି ବଜାର ପରିସରରେ ଶୌଚାଳୟ, ପାନୀୟ ଜଳର ସୁବିଧା, ପାଚେରୀ, ଗେଟ୍ ଏବଂ ସୁରକ୍ଷା ପାଇଁ ସିସିଟିଭି କ୍ୟାମେରା ଭଳି ସୁବିଧା ରହିଛି। ଏହା ସହିତ ବଜାର ପ୍ରାଙ୍ଗଣର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ମଧ୍ୟ କରାଯାଇଛି।ବର୍ତ୍ତମାନ ସୁଦ୍ଧା ପ୍ରକଳ୍ପର ପ୍ରାୟ ୮୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇଥିବା ବେଳେ ବାକି କାର୍ଯ୍ୟ ଖୁବଶୀଘ୍ର ସମ୍ପୂର୍ଣ୍ଣ ହେବ ବୋଲି ଏନଏସି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଉଦ୍‌ଘାଟନ ଅବସରରେ ସାଂସଦ, ବିଧାୟିକା ଏବଂ ଏନ୍ଏସି ଅଧ୍ୟକ୍ଷଙ୍କ ଦ୍ୱାରା ଚାରାରୋପଣ କାର୍ଯ୍ୟକ୍ରମ



ଅନୁଷ୍ଠିତ ହୋଇଥିଲା।ଏନ୍ଏସି ଅଧ୍ୟକ୍ଷା ଭାବେ ସାବିତ୍ରୀ ବାଗ, ଉପାଧ୍ୟକ୍ଷା ଭାରତୀ ପଟ୍ଟନାୟକ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନତ ପାଢ଼ୀ, ପୌରଯନ୍ତ୍ରୀ ରାମ ଚନ୍ଦ୍ର ନାୟକ, ସହାୟକ ଯନ୍ତ୍ରୀ ଅଶୋକ କୁମାର ଭୋଇଙ୍କ ସମେତ ସମସ୍ତ କାଉନସିଲର ତଥା ୱାର୍ଡ ସଭ୍ୟମାନେ ଉପସ୍ଥିତ ଥିଲେ।

■ ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ମୃତ୍ୟୁ ମାମଲା

## ଅଗ୍ନିଶମ ଅଧିକାରୀଙ୍କ ବୟାନ ବଢ଼ାଇଲା ସନ୍ଦେହ

- ■ ଆସିଲା ପୋଷ୍ଟମର୍ଟମ ରିପୋର୍ଟ
- ■ ବୁଡ଼ିଯିବା କାରଣରୁ ଯାଇଛି ଜୀବନ
- ■ ପୁଲିସର ଭୂମିକାକୁ ନେଇ ଉଠିଲା ପ୍ରଶ୍ନ
- ■ ଫେରାର ପୁରୁଷ ବନ୍ଧୁଙ୍କ ଆଗୁଆ ଜାମିନକୁ ବିରୋଧ କରିବ ପୁଲିସ

କଟକ, ୧୧।୬ (ସମିସ): କଟକ କାଠଯୋଡ଼ି ନଦୀରୁ ଜୁନ୍ ୪ ତାରିଖରେ ଉଦ୍ଧାର ହୋଇଥିବା ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମଙ୍କ ମୃତ୍ୟୁ ମାମଲାରେ ଏକ ବଡ଼ ଖୁଲାସା ହୋଇଛି। ପୁଲିସ ହସ୍ତଗତ କରିଥିବା ଶବ ବ୍ୟବଚ୍ଛେଦ (ପୋଷ୍ଟମର୍ଟମ) ରିପୋର୍ଟ ଅନୁଯାୟୀ, ପାଣିରେ ବୁଡ଼ି ଅଣନିଶ୍ୱାସୀ ହେବା ଯୋଗୁଁ ଚନ୍ଦ୍ରିକାଙ୍କ ପ୍ରାଣହାନି ଘଟିଛି। ତେବେ ଏହି ରିପୋର୍ଟରେ ହତ୍ୟା ନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଅନ୍ୟପଟେ, ଚନ୍ଦ୍ରିକାଙ୍କ ପରିବାର ଲୋକେ ତାଙ୍କ ପୁରୁଷ ବନ୍ଧୁ ଭୀମସେନ ଟୁଡୁଙ୍କ ବିରୋଧରେ ହତ୍ୟା ଏବଂ ଆତ୍ମହତ୍ୟା ପାଇଁ ଉସୁକାଇବା ଭଳି ସଙ୍ଗିନ ଅଭିଯୋଗ ଆଣିଛନ୍ତି। ଏହି ଅଭିଯୋଗ ଆଧାରରେ ମାମଲା ରୁଜୁ କରି ପୁଲିସ ତଦନ୍ତକୁ ଜୋରଦାର କରିଛି।

ଏହି ଘଟଣା ପରଠାରୁ ଫେରାର୍ ଥିବା ମୁଖ୍ୟ ଅଭିଯୁକ୍ତ ତଥା ପୁରୁଷବନ୍ଧୁ ଭୀମସେନ ଟୁଡୁଙ୍କୁ ଗିରଫ କରିବା ପାଇଁ ପୁଲିସର ଏକ ବିଶେଷ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ଗିରଫଦାରୀ ଏଡ଼ାଇବା ପାଇଁ ଭୀମସେନ୍ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିବା ବେଳେ ଏହାକୁ ଜୋରଦାର ବିରୋଧ କରାଯିବ ବୋଲି କଟକ ଡିସିପି ରଷିକେଶ ଖିଲାରୀ ସୂଚନା ଦେଇଛନ୍ତି। ଡି ସି ପି ଙ୍କ କହିବାନୁଯାୟୀ, ଚନ୍ଦ୍ରିକାଙ୍କ କଲ୍ ଡିଟେଲ୍ସ ସମେତ ସମସ୍ତ ଟେକ୍ନିକାଲ ଡାଟାର ଯାଞ୍ଚ ଚାଲିଛି। ଏହି ଘଟଣାରେ ଯଦି ଅନ୍ୟ କାହାର ସମ୍ପୃକ୍ତି ଥାଏ, ତେବେ ସେମାନଙ୍କ ବିରୁଦ୍ଧରେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଶବ ବ୍ୟବଚ୍ଛେଦ ରିପୋର୍ଟ ପାଣିରେ ବୁଡ଼ି ମୃତ୍ୟୁ ହୋଇଥିବା ଦର୍ଶାଉଥିବା ବେଳେ ମୃତଦେହ ଉଦ୍ଧାର କରିଥିବା ଅଗ୍ନିଶମ ବାହିନୀର ବୟାନ ମାମଲାକୁ ଅଧିକ ରହସ୍ୟମୟ କରିଦେଇଛି। ବାରଙ୍ଗ ଅଗ୍ନିଶମ କେନ୍ଦ୍ର ଅଧିକାରୀ ପ୍ରକାଶ ପାତ୍ରଙ୍କ କହିବା ଅନୁଯାୟୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସେତୁ ତଳେ ମାତ୍ର ଏକରୁ ଦେଢ଼ ଫୁଟ୍‌ର ପାଣି ଥିଲା। ସେହି ଅଳ୍ପ ପାଣିରେ ମୃତଦେହଟି ଏକପାଖିଆ ହୋଇ ଉପରୁଆ ପଡ଼ି ରହିଥିଲା। ପ୍ରାୟ ୪୦ ରୁ ୪୫ ଫୁଟ ଉପର ବ୍ରିଜ୍‌ରୁ ଜଣେ ମଣିଷ ପଡ଼ିବା ସତ୍ତ୍ୱେ ଶରୀରରେ କୌଣସି ବାହ୍ୟ କ୍ଷତଚିହ୍ନ ନଥିବା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ। ଏତେ କମ୍ ପାଣିରେ ଜଣେ ବ୍ୟକ୍ତି କେମିତି ବୁଡ଼ି ପ୍ରାଣ ହରାଇବ, ସେ ନେଇ ସାଧାରଣରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

କାଠଯୋଡ଼ି ନଦୀ ଏବେ ମୃତଦେହ ପୋତିବା କିମ୍ବା ଫୋପାଡିବା ପାଇଁ ସେଫ୍ ଜୋନ୍ ପାଲଟିଛି କି ବୋଲି ସନ୍ଦେହ ପ୍ରକାଶ ପାଇଲାଣି। ଚଳିତ ମେ' ୨୧ରେ ବ୍ରାହ୍ମଣୀ ଗାଁ ନିକଟରୁ ଏବଂ ମେ' ୨୬ରେ ସିଟି କଲେଜ ସମ୍ମୁଖ କାଠଯୋଡ଼ିରୁ ଦୁଇଜଣ ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ମାତ୍ର ଦୁଃଖର ବିଷୟ, ସପ୍ତାହ ସପ୍ତାହ ବିତିଯାଇଥିଲେ ମଧ୍ୟ ପୁଲିସ ସେହି ଦୁଇଟି ମୃତ୍ୟୁ ମାମଲାର ପୋଷ୍ଟମର୍ଟମ ରିପୋର୍ଟକୁ ଏପର୍ଯ୍ୟନ୍ତ ସାର୍ବଜନୀନ କରିନାହିଁ। ପୁରୁଣା ମାମଲାରେ ପୁଲିସର ଏଭଳି ଶିଥିଳତା ଏବଂ ଚନ୍ଦ୍ରିକା ମୃତ୍ୟୁ ମାମଲାର ଜଟିଳତାକୁ ଦେଖିଲେ, ପୁଲିସ ନିରପେକ୍ଷ ଓ ତ୍ୱରିତ ତଦନ୍ତ କରି ପ୍ରକୃତ ସତ୍ୟ ସାମ୍ନାକୁ ଆଣିବା ଜରୁରୀ ହୋଇପଡ଼ିଛି।

ସ୍ଲିପର ବସରେ ବେଆଇନ ଡ୍ରାଇଭର ପାର୍ଟିସନ ଡୋର୍

## ୭ ଦିନରେ ୩,୩୦୪ଟି ବସ୍ ଯାଞ୍ଚ, ୩୮୯ଟି ଇ-ଚାଲାଣ ଜାରି

କଟକ,୧୧।୬(ସମିସ): ସ୍ଲିପର୍ ବସ୍‌ଗୁଡ଼ିକରେ ବେଆଇନ ଭାବେ ଲାଗିଥିବା ଡ୍ରାଇଭର ପାର୍ଟିସନ୍ ଡୋର୍ ବିରୋଧରେ ସାରା ରାଜ୍ୟରେ ସ୍ୱତନ୍ତ୍ର ଯାଞ୍ଚ କରାଯାଇଛି। ୭ଦିନ ଧରି ଚାଲିଥିବା ଏହି ଅଭିଯାନରେ ମୋଟ ୩,୩୦୪ଟି ଗାଡ଼ି ଯାଞ୍ଚ ହୋଇଥିବା ବେଳେ ୩୮୯ଟି ଚାଲାଣ ଜାରି ହୋଇଛି। କଟକ ଆରଟିଓରେ ୨୮୭ଟି ବସ୍ ଯାଞ୍ଚ ହୋଇଥିବା ବେଳେ ଯାଜପୁରରେ ୨୪୧ଟି, ଗଞ୍ଜାମରେ ୧୯୧ଟି, ରାଉରକେଲାରେ ୧୭୦ଟି, ସମ୍ବଲପୁର ଓ ଦେବଗଡ଼ରେ ୧୬୮ଟି ଲେଖାଏଁ ବସ୍ ଯାଞ୍ଚ ହୋଇଛି ଏବଂ ଚଣ୍ଡିଖୋଲ ଆରଟିଓରେ ୧୪୭ଟି ବସ୍ ଯାଞ୍ଚ କରାଯାଇଛି। କଟକରେ ନିୟମ ଉଲ୍ଲଙ୍ଘନ କରୁଥିବା ସର୍ବାଧିକ ୬୦ଟି ଗାଡ଼ି ବିରୋଧରେ ଚାଲାଣ ଜାରି ହୋଇଥିବା ବେଳେ ନୟାଗଡ଼ରେ ୩୬ଟି, ଭୁବନେଶ୍ୱର-୨ ଆରଟିଓଙ୍କ ପକ୍ଷରୁ ଏବଂ ଗଞ୍ଜାମ ଆରଟିଓଙ୍କ ପକ୍ଷରୁ ୨୫ଟି ଲେଖାଏଁ ଚାଲାଣ ଜାରି ହୋଇଛି। ଯାଜପୁରରେ ୧୮ଟି ଏବଂ ସମ୍ବଲପୁର ଓ ମୟୂରଭଞ୍ଜରେ ୧୫ଟି ଲେଖାଏଁ ଚାଲାଣ ଜାରି ହୋଇଛି। ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ଏହି ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଆଗକୁ ଜାରି ରହିବ। ବସ୍ ମାଲିକମାନଙ୍କୁ ସଡ଼କ ସୁରକ୍ଷା ନିୟମକୁ ପ୍ରାଧାନ୍ୟ ଦେଇ ଗାଡ଼ି ଚଳାଇବାକୁ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।

## ଦେବାଶିଷ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ଭୁବନେଶ୍ୱର,୧୧।୬(ସମିସ): ରାଜ୍ୟସଭା ଉପ-ନିର୍ବାଚନରେ ବିଜେପି ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଉପ-ନିର୍ବାଚନ ପରିଚାଳନା ପାଇଁ ନିଯୁକ୍ତ ରିଟର୍ଣ୍ଣିଂ ଅଫିସର ସତ୍ୟବ୍ରତ ରାଉତ ତାଙ୍କୁ ବିଜୟ ହୋଇଥିବା ନେଇ ସାର୍ଟିଫିକେଟ୍ ପ୍ରଦାନ କରିଛନ୍ତି। ରାଜ୍ୟସଭା ଉପ-ନିର୍ବାଚନ ପାଇଁ ସେ ବିଜେପି ପକ୍ଷରୁ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଆଜି ଅପରାହ୍ଣ ୩ଟା ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ସମୟ ଧାର୍ଯ୍ୟ ହୋଇଥିଲା। ତେବେ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିବାରୁ ଏହି ଉପ-ନିର୍ବାଚନ ପାଇଁ ଆଉ ଭୋଟିଂର ଆବଶ୍ୟକତା ପଡ଼ିନଥିଲା। ଫଳରେ ତାଙ୍କୁ ନିର୍ଦ୍ୱନ୍ଦ୍ୱରେ ବିଜୟୀ ଘୋଷଣା କରାଯାଇଛି।


**ପଶ୍ଚିମ ରେଳବାଇ – ରତଲାମ ମଣ୍ଡଳ**

**କନଷ୍ଟ୍ରକ୍ସନ୍ ଗତିଶକ୍ତି (ରତଲାମ)**

**ଇ-ଟେଣ୍ଡର ବିଜ୍ଞପ୍ତି**

ନଂ.: GS-C-RTM/NIT, ତାରିଖ: 09.06.2026। ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ପଶ୍ଚିମ ରେଳବାଇ, କନଷ୍ଟ୍ରକ୍ସନ୍ (ଗତିଶକ୍ତି), ରତଲାମ www.ireps.gov.in ୱେବସାଇଟ୍ ମାଧ୍ୟମରେ ଇ-ଟେଣ୍ଡର ପ୍ରଣାଳୀରେ ଖୋଲା ନିବିଦା (Open Tender) ଆହ୍ୱାନ କରୁଛି। ବିବରଣୀ ନିମ୍ନରୂପ: କ୍ରମିକ ସଂଖ୍ୟା – ୧ଇ-ଟେଣ୍ଡର ନଂ.: RTM-GSU-Engg-ROB-BMI-72R। କାର୍ଯ୍ୟର ନାମ: ପଶ୍ଚିମ ରେଳବାଇର ରତଲାମ ମଣ୍ଡଳ ଅନ୍ତର୍ଗତ ଗୋଧ୍ରା–ରତଲାମ ସେକ୍ସନର ବାମନିଆ ଓ ଭୈରୋନଗଡ଼ ଷ୍ଟେସନ୍ ମଧ୍ୟରେ ଅବସ୍ଥିତ ଲେଭେଲ୍ କ୍ରସିଂ ନଂ. ୭୨ ପରିବର୍ତ୍ତେ କି.ମି. ୬୦୯/୧୦–୧୨ ଠାରେ ଦୁଇ ଲେନ୍ ବିଶିଷ୍ଟ ରୋଡ୍ ଓଭର ବ୍ରିଜ୍ (୧ x ୭୨.୦୦ ମି. ବୋ-ଷ୍ଟ୍ରିଙ୍ଗ/କ୍ୟାମେଲ୍ ବ୍ୟାକ୍ ଷ୍ଟିଲ୍ ଗର୍ଡର + ୧ x ୩୬.୦୦ ମି. ଓ ୧ x ୨୪.୦୦ ମି. ସ୍ପାନ୍ କମ୍ପୋଜିଟ୍ ଷ୍ଟିଲ୍ ଗର୍ଡର) ର ରେଳବାଇ ଅଂଶର ନିର୍ମାଣ କାର୍ଯ୍ୟ। ଆନୁମାନିକ ମୂଲ୍ୟ: ଟ.24,47,62,803.16, ଜମାନତ ରାଶି (EMD): ଟ. 48,95,300.00, ଟେଣ୍ଡର ଖୋଲିବା ତାରିଖ: 06.07.2026 ବିସ୍ତୃତ ନିବିଦା ବିଜ୍ଞପ୍ତି, ଯୋଗ୍ୟତା ମାନଦଣ୍ଡ ଏବଂ ସର୍ତ୍ତାବଳୀ www.ireps.gov.in ୱେବସାଇଟରେ ଉପଲବ୍ଧ। ଟେଣ୍ଡର ଫର୍ମର ମୂଲ୍ୟ ଶୂନ୍ୟ (NIL)।

ADM/5/1/97

Follow us on: twitter.com/WesternRly



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. MSM-TWIN-PIPE-SBP-06-26

**କାର୍ଯ୍ୟର ନାମ :** ଏୟାର ବ୍ରେକ୍ ସିଷ୍ଟମ୍ ପାଇଁ ସମସ୍ତ ୱାଗନରେ ଟ୍ୱିନ୍ ପାଇପ୍ (Twin Pipe) ରେଟ୍ରୋ-ଫିଟମେଣ୍ଟର ଯୋଗାଣ ଏବଂ ସ୍ଥାପନ କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹58,92,212.00, EMD : ₹1,17,900/-, କାର୍ଯ୍ୟ ଶେଷ ହେବା ଅବଧି: 12 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** 26.06.2026, 1500 ଘଣ୍ଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଆସିଷ୍ଟାଣ୍ଟ ଡିଭିଜନାଲ ମେକାନିକାଲ ଇଞ୍ଜିନିୟର(ଏଫଆରଟି), ସମ୍ବଲପୁର

PR-229/R/26-27



**AFFIDAVIT**

By virtue of an Affidavit resident before Notary Public, Malkangiri, **I, Sriti Goldar,** aged about 28 Years, W/o.: Prakash Goldar, D/o.: Dipak Rango, of Village: M.V- 104, PO.: Tarlakota, P.S.: Orkel, Dist.: Malkangiri, Odisha declare by this Affidavit No.: 797/ 2026, Dated: 11/05/2026, That I have changed my name from Sriti Rango to Sriti Goldar. Henceforth I shall be known as **Sriti Goldar** for all future purposes.

**AFFIDAVIT**

By virtue of an affidavit no- 2018, dated- 2/6/2026 sworn before Executive Magistrate, Banpur, declare that I, Bidulata Pradhan, aged about- 41 years, W/o- Kalia Pradhan of Address At- Kapileswarpur, College road, Po./P.s- Banpur, Dist-Khordha, Odisha, Pin-752031, declare that I have changed the name of my minor son from Sarathi Pradhan to Sai Prasad Pradhan. Henceforth, he shall be known as **Sai Prasad Pradhan** for all purposes.

**Sai Prasad Pradhan**

**AFFIDAVIT**

By virtue of an affidavit No.09, sworn before the Executive Magistrate, Keonjhar on dtd- 19/05/2026, I **MD EJAJ HUSSAIN,** S/o- Mohammad Jauwad, permanent resident of Vill: Magurgadia, PO: Keonjhargarh, PS: Town, Odisha, Pin-758001, declare that I have changed my name from **IJAJ HUSEN** (old name) to **MD EJAJ HUSSAIN** (new name). Henceforth, I shall be known as **MD EJAJ HUSSAIN** for all future purposes.

**MD EJAJ HUSSAIN**

**AFFIDAVIT**

I, Moushumi Das, W/o- Sudipta Das, resident of Flat No-308, Maruti Residency Apartment, Raghunathpur, Po- Kalarahanga, Ps- Nandankanan, Dist- Khorda, Pin-751024, Odisha declare By this Affidavit No-458686, dtd- 09/06/2026 that now onwards I shall be known as **MOUSUMI DAS** for all future purposes

**AFFIDAVIT**

I, Neha Agrawal, aged about 40 years, W/o- Anil Kumar Agarwal, resident of At- Flat No-2A,Y-8, Bhagwati Elite, Civil Township, Near Forum Galeria Mall, Ps- Raghunath Palli, Rourkela, Dist-Sundargarh, Odisha, PIN- 769012, do hereby declare by this affidavit No.1206, dtd- 10.06.2026, that now onwards I shall be known as **NEHA AGARWAL** for all future purposes.

**AFFIDAVIT**

I, Rasmi Rekha Mishra, W/o- Debabrata Mishra, resident of Plot No-882/1319, Friend's Colony, Mahatab Road, Old Town, Bhubaneswar, PIN-751002, Dist- Khordha, Odisha declare by this affidavit No- 85AA378012, dated- 11/06/2026, that now onwards I shall be known as **RASHMIREKHA MISHRA** for all future purposes.

**Rashmirekha Mishra**

**AFFIDAVIT**

By virtue of an affidavit sworn before Notary Public, Kesinga, dated 04/05/2026. I, **Thakur Bibhar,** S/o- Dutiya Bibhar, Address: At/Po- Rengali, Ps- Kesinga, Dist- Kalahandi (Odisha) declare that I have changed my name from **Thakur Harijan** to **Thakur Bibhar.** Henceforth, I shall be known as **Thakur Bibhar** for all purposes.

**Thakur Bibhar**


## ଅବଶିଷ୍ଟାଂଶ

### ଓଡ଼ିଶା ଏରୁଣ୍ଡି...

ବ୍ୟାପକ ବର୍ଷା ହୋଇପାରେ। ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଜଳୀୟବାଷ୍ପ ଅଧିକ ସକ୍ରିୟ ଥିବାରୁ, ବର୍ତ୍ତମାନ ପୁରୀଠାରୁ ଆରମ୍ଭ କରି ଉତ୍ତରକୁ ବାଲେଶ୍ୱର ଏବଂ ସଂଲଗ୍ନ ଜିଲ୍ଲାଗୁଡ଼ିକରେ ସବୁଠାରୁ ଅଧିକ ଓ ବ୍ୟାପକ ବର୍ଷାର ସମ୍ଭାବନା ଦେଖାଯାଉଛି। ଯଦିଓ ଗଞ୍ଜାମ ଏବଂ ଦକ୍ଷିଣ ଓଡ଼ିଶା ମଧ୍ୟ ଏହି ସମୟରେ ମୌସୁମୀ ପ୍ରଭାବକୁ ଆସିବେ, ତଥାପି ସେଠାରେ ବର୍ଷାର ପରିମାଣ କମ୍ ଏବଂ ବିକ୍ଷିପ୍ତ ହୋଇପାରେ। ମାଲକାନଗିରି ଏବଂ ସଂଲଗ୍ନ ଦକ୍ଷିଣ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ଆରମ୍ଭ ପର୍ଯ୍ୟାୟରେ ମଧ୍ୟ ଓ ଉତ୍ତର ଉପକୂଳ ଭଳି ଅଧିକ ବର୍ଷା ନହୋଇପାରେ।

ଦ୍ୱିତୀୟ ପର୍ଯ୍ୟାୟରେ ମୌସୁମୀ ସାମୟିକ ମନ୍ଥରତା ଦେଇ ଗତି କରିପାରେ। ପ୍ରଥମ ସ୍ପେଲ୍ ପରେ ଜଳୀୟବାଷ୍ପ ଜମାଟ ବାନ୍ଧିବା ପ୍ରକ୍ରିୟା ଧୀରେ ଧୀରେ ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ଉତ୍ତର-ପୂର୍ବ ଭାରତ ଆଡ଼କୁ ଘୁଞ୍ଚିଯିବ। ଫଳରେ ଓଡ଼ିଶାରେ ବର୍ଷାର ପରିମାଣ ଓ ବ୍ୟାପକତା କମିଯିବ। ଏହି କାରଣରୁ ଓଡ଼ିଶାରେ ଲଗାତାର ବର୍ଷା ନହୋଇ ପାଗ କିଛି ଦିନ ପାଇଁ ସାମାନ୍ୟ ଶାନ୍ତ ରହିବ ଏବଂ କେବଳ ସ୍ଥାନେ ସ୍ଥାନେ ମଝିରେ ମଝିରେ ଘଡ଼ଘଡ଼ି ସହ ବର୍ଷା ଦେଖାଯିବ। ତୃତୀୟ ପର୍ଯ୍ୟାୟରେ ଉପକୂଳ ଓଡ଼ିଶା ତୁଳନାରେ ପଶ୍ଚିମ ଏବଂ ଉତ୍ତର-କେନ୍ଦ୍ରୀୟ ଓଡ଼ିଶାରେ ମୌସୁମୀର ଆନୁଷ୍ଠାନିକ ପ୍ରବେଶ ସ୍ପଷ୍ଟ ଜଣାପଡ଼ିବ ନାହିଁ; ଏଠାରେ ପାଗରେ ପରିବର୍ତ୍ତନ ଧୀରେ ଧୀରେ ଆସିବ। କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼ ଏବଂ ସୁବର୍ଣ୍ଣପୁର ସମେତ ପଶ୍ଚିମ ଓଡ଼ିଶାରେ ୧୩-୧୬ ଜୁନ୍ ମଧ୍ୟରେ ଆକାଶ ମେଘାଚ୍ଛନ୍ନ ରହିବା ସହ ଘଡ଼ଘଡ଼ି ବର୍ଷା ବୃଦ୍ଧି ପାଇବ। ଏହି ସବୁ ଜିଲ୍ଲାରେ ୧୪-୧୮ ଜୁନ୍ ମଧ୍ୟରେ ମୌସୁମୀ ପାଗ ବିସ୍ତାରିତ ହେବ ଏବଂ ଏହାପରେ ୧୬-୨୧ ଜୁନ୍ ମଧ୍ୟରେ ଚାଷ କାର୍ଯ୍ୟ ଅନୁକୂଳ ସ୍ଥାୟୀ ବର୍ଷା ପ୍ରତିଷ୍ଠିତ ହେବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ବୌଦ୍ଧ ଏବଂ କନ୍ଧମାଳ ଭଳି ଉତ୍ତର-କେନ୍ଦ୍ରୀୟ ଜିଲ୍ଲାଗୁଡ଼ିକରେ ଏହି ପରିବର୍ତ୍ତନ ଆହୁରି ଧୀମା ହେବ।

ବର୍ତ୍ତମାନର ସ୍ଥିତି ଅନୁଯାୟୀ ଓଡ଼ିଶାରେ ଏଥର ଆନ୍ଧ୍ର ଉପକୂଳ ଦେଇ ପାରମ୍ପରିକ ଗତିରେ କିମ୍ବା ପଶ୍ଚିମବଙ୍ଗ ଆଡୁ ସିଧାସଳଖ ଉତ୍ତର ଅଭିମୁଖୀ ପ୍ରବେଶ ହେବ ନାହିଁ। ବରଂ ୧୨-୧୩ ଜୁନ୍ ମଧ୍ୟରେ ପ୍ରାୟ ସମଗ୍ର ଓଡ଼ିଶା ଉପକୂଳରେ ବ୍ୟାପକ ଭାବେ ମୌସୁମୀ ଛୁଇଁବ, ଏହାପରେ କିଛି ଦିନ ପାଇଁ ଗତି ଧୀମା ହେବ ଏବଂ ଜୁନ୍ ତୃତୀୟ ସପ୍ତାହ ଆଡ଼କୁ ଏହା କ୍ରମାଗତ ଭାବେ ପଶ୍ଚିମ ଓ ଆଭ୍ୟନ୍ତରୀଣ ଜିଲ୍ଲା ଆଡ଼କୁ ସଂଗଠିତ ହେବ।

### ଦେଶର ବିକାଶରେ...

କେବଳ ଭିତ୍ତିଭୂମି ଦ୍ୱାରା ନୁହେଁ, ବରଂ ସଶକ୍ତ ନାଗରିକ, ଦକ୍ଷ ଯୁବକ, ସୁସ୍ଥ ପରିବାର, ଶିକ୍ଷିତ ଶିଶୁ ଏବଂ ସମାବେଶୀ ସୁଯୋଗ ମାଧ୍ୟମରେ ଗଠନ ହୋଇପାରିବ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ବିକଶିତ ଭାରତର ଜାତୀୟ ସଂକଳ୍ପ ଦ୍ୱାରା ଅନୁପ୍ରାଣିତ ହୋଇ, ଆମେ ମାନବ ବିକାଶରେ ନିରନ୍ତର ପୁଞ୍ଜିନିବେଶ ମାଧ୍ୟମରେ 'ବିକଶିତ ଓଡ଼ିଶା' ଗଠନ କରିବାକୁ ପ୍ରତିବଦ୍ଧ। ବିକାଶ ସଂକଳ୍ପର ତିନୋଟି ମୁଖ୍ୟ ସ୍ତମ୍ଭ ମଧ୍ୟରୁ ସମାବେଶିତା ଏବଂ ସମୃଦ୍ଧି ବ୍ୟତୀତ ସ୍ୱାସ୍ଥ୍ୟ, ପୋଷଣ ଏବଂ ଶିକ୍ଷା ସହିତ ସାମଗ୍ରିକ 'ସୁସ୍ଥତା' ଅନ୍ୟତମ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ 'ଆମ କୁନି ପିଲା''ସୁଖଦ ଲାଳନ ପାଳନ' 'ମୋ ବିକାଶ ପତ୍ର' 'ସକ୍ଷମ ଅଙ୍ଗନୱାଡ଼ି' ଏବଂ 'ବିଦ୍ୟା-ସାରଥୀ' ବିଷୟରେ ବିସ୍ତୃତ ବିବରଣୀ ରଖିଛନ୍ତି। ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' 'ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା' 'ଶହୀଦ ମାଧୋ ସିଂହ ହାତ ଖର୍ଚ୍ଚା ଯୋଜନା' ବିଷୟରେ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ ଉଚ୍ଚଶିକ୍ଷାରେ ରାଜ୍ୟ ୨୦୨୪ ମସିହାରେ ଆନୁଷ୍ଠାନିକ ଭାବରେ ଏନଇପି-୨୦୨୦ ଆଭିମୁଖ୍ୟକୁ ଗ୍ରହଣ କରିଛି ଏବଂ ଉଚ୍ଚଶିକ୍ଷା କ୍ଷେତ୍ରର ଦ୍ରୁତ ରୂପାନ୍ତରଣ କରୁଛି। କୃଷି, ସ୍ୱାସ୍ଥ୍ୟ ଏବଂ ପ୍ରଶାସନିକ ସଂସ୍କାର ମଧ୍ୟ ଓଡ଼ିସା ଅଗ୍ରଗାମୀ ରାଜ୍ୟରେ ପରିଣତ ହୋଇଛି। 'ଇଜ୍ ଅଫ୍ ଡୁଇଙ୍ଗ୍ ବିଜନେସ୍' ସଂସ୍କାର କାର୍ଯ୍ୟକାରୀ କରି ଆମେ ଦେଶରେ ଦ୍ୱିତୀୟ ସ୍ଥାନ ହାସଲ କରିଛୁ, ଯାହା ଓଡ଼ିଶାକୁ ପୁଞ୍ଜିନିବେଶ ଏବଂ ନିଯୁକ୍ତି ସୃଷ୍ଟି ପାଇଁ ଅଧିକ ଆକର୍ଷଣୀୟ କରିପାରିଛି। ପୁରୀ-କୋଣାର୍କ କରିଡରକୁ ଓଡ଼ିଶା ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ପର୍ଯ୍ୟଟନ ହବ୍ ଭାବରେ ବିକଶିତ କରୁଛି, ଯାହା ବ୍ୟାପକ ସ୍ତରରେ ନିଯୁକ୍ତି ସୃଷ୍ଟି କରିବ, ଉଦ୍ୟୋଗିତାକୁ ପ୍ରୋତ୍ସାହିତ କରିବ। ଶିକ୍ଷା ଏବଂ ଦକ୍ଷତା ବିକାଶ ବ୍ୟବସ୍ଥା ଯେପରି ବଜାରର ଆବଶ୍ୟକତାକୁ ପୂରଣ କରିପାରିବ, ସେଥିପାଇଁ ଶିଳ୍ପ-ଶିକ୍ଷାନୁଷ୍ଠାନ ସହଭାଗିତାକୁ ଅଧିକ ମଜବୁତ କରିବାକୁ ରାଜ୍ୟ ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଆମେ ନିଶ୍ଚିତ ଯେ 'ବିକଶିତ ଭାରତ'ର ସାମୂହିକ ଆକାଂକ୍ଷା ସାକାର ହେବ, ଯେଉଁଥିରେ ଓଡ଼ିଶା ଭାରତର ବିକାଶ, ପ୍ରଗତି ଏବଂ ସମୃଦ୍ଧିର ଏକ ସୁଦୃଢ଼ ସ୍ତମ୍ଭ ଭାବରେ ଗର୍ବର ସହ ଆଗଧାଡ଼ିରେ ଠିଆ ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

### ଦୁର୍ଘଟଣାରେ ବାପ-ଝିଅ...

ପଟକୁ ଗଡ଼ି ଯାଇଥିଲା। ଫଳରେ ଅଟୋରେ ଥିବା ସୁରେନ୍ଦ୍ର ଓ ତାଙ୍କ ଝିଅ ଶୁଭଶ୍ରୀ ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣାସ୍ଥଳରେ ଥିବା ସାକ୍ଷୀଗୋପୀନାଥ ବିଜେପି ମଣ୍ଡଳ ସଭାପତି ବଳରାମ ମହାପାତ୍ର ତୁରନ୍ତ ୧୦୮ ଆମ୍ବୁଲାନ୍ସକୁ ଫୋନ କରିବା ସହିତ ଗୁରୁତର ଆହତ ଶୁଭଶ୍ରୀଙ୍କୁ ନିଜ ବାଇକ୍ ଯୋଗେ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

ଅନ୍ୟପକ୍ଷରେ, ସୁରେନ୍ଦ୍ରଙ୍କୁ ପ୍ରଥମେ ବୁର୍ଲା ଭିମସାରକୁ ନିଆଯାଇଥିଲା, ମାତ୍ର ସେଠାରେ ଜରୁରୀକାଳୀନ ବିଭାଗରେ କୌଣସି ଡାକ୍ତର ନ ଥିବାରୁ ଚିକିତ୍ସା ପାଇଁ ବୁର୍ଲାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଆଜି ସକାଳେ ସୁରେନ୍ଦ୍ରଙ୍କ ମୃତ୍ୟୁ ହୋଇଯାଇଛି। ଧନୁପାଲି ଥାନାଧିକାରୀ ଆଦିତ୍ୟ ମହାକୁଡ଼ଙ୍କ ସୂଚନା ଅନୁଯାୟୀ, ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଘଟଣା ଘଟାଇଥିବା କାର୍‌ଟିକୁ ପୁଲିସ ଜବତ କରିଥିବାବେଳେ ଅଭିଯୁକ୍ତ କାର୍ ଚାଳକ ଧନୁପାଲିର ରାହୁଲ କୁମାର ନାୟକ (୨୯) ଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।

### ମମତାଙ୍କ ପାଇଁ...

ପ୍ରତି ସମର୍ଥନ ଘୋଷଣା କରି କହିଛନ୍ତି ଯେ ବିପଦ ସମୟରେ ସେମାନେ ମମତାଙ୍କୁ ଛାଡ଼ିବାର ପ୍ରଶ୍ନ ଉଠୁନାହିଁ।

ସୂଚନାଯୋଗ୍ୟ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସର୍ବାଧିକ ସମୟ ପ୍ରଧାନମନ୍ତ୍ରୀ ଭାବେ ୧୨ ବର୍ଷ କାର୍ଯ୍ୟକାଳ ପୂରଣ କରିଥିବାରୁ ଶତ୍ରୁଘ୍ନ ସିହ୍ନା ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହାପରେ ସେ ଟିଏମସିର ବିଦ୍ରୋହୀ ଗୋଷ୍ଠୀରେ ସାମିଲ ହେଉଥିବା ନେଇ ରାଜନୈତିକ ଚର୍ଚ୍ଚା ଜୋର ଧରିଥିଲା। ସାଂସଦ କାକୋଲି ଘୋଷ ଦସ୍ତିଦାରଙ୍କ ନେତୃତ୍ୱରେ ଗଠିତ ବିଦ୍ରୋହୀ ଶିବିରରେ ସେ ସାମିଲ ଥିବା ଖବର ବି ମିଳିଥିଲ। ତେବେ ଆଜି ସ୍ପଷ୍ଟୀକରଣ ଦେଇ ସିହ୍ନା ଏହିସବୁ ଖରବକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖ୍ୟାନ କରିଛନ୍ତି। ସେ କହିଛନ୍ତି, 'ମୋର ଖରାପ ସମୟରେ ମମତା ବାନାର୍ଜୀ ମୋ ସହ ଛିଡ଼ା ହୋଇଥିଲେ। ଏବେ କଠିନ ପରିସ୍ଥିତିରେ ମୁଁ ମଧ୍ୟ ତାଙ୍କ ସହ ରହିବି।' ଶତ୍ରୁଘ୍ନ ସିହ୍ନା ନିଜର ରାଜନୈତିକ ଜୀବନ ବିଜେପିରୁ ଆରମ୍ଭ କରି କେନ୍ଦ୍ର ମନ୍ତ୍ରୀ ମଧ୍ୟ ହୋଇଥିଲେ। ପରେ ମତଭେଦ ଯୋଗୁଁ ସେ ଦଳ ଛାଡ଼ି କଂଗ୍ରେସରେ ଯୋଗ ଦେଇଥିଲେ। ଶେଷରେ ୨୦୨୨ ମସିହାରେ ସେ ଟିଏମସିରେ ସାମିଲ ହୋଇ ଆସାନସୋଲ ଆସନରୁ ଉପ-ନିର୍ବାଚନ ଜିତିଥିଲେ ଏବଂ ୨୦୨୪ ସାଧାରଣ ନିର୍ବାଚନରେ ମଧ୍ୟ ଏହି ଆସନ ବଜାୟ ରଖିଛନ୍ତି।

ଶତ୍ରୁଘ୍ନ ସିହ୍ନାଙ୍କ ସହିତ ଅନ୍ୟ ଦୁଇ ଜଣ ଦଳୀୟ ସାଂସଦ ଦୀପକ ଅଧିକାରୀ ଏବଂ ବାବୁଲ ସୁପ୍ରିୟୋର ମଧ୍ୟ ମମତାଙ୍କ ପ୍ରତି ସମର୍ଥନ ଘୋଷଣା କରି କହିଛନ୍ତି ଯେ ଏଭଳି ସଙ୍କଟ ସମୟରେ ସେମାନେ ମମତାଙ୍କ ହାତ ଛାଡ଼ିବେ ନାହିଁ। ବିଦ୍ରୋହୀ ଗୋଷ୍ଠୀରେ ସାମିଲ ହୋଇଥିବା ଖବରକୁ ଖଣ୍ଡନ କରି ସେମାନେ ଏହି ମନ୍ତବ୍ୟ ଦେଇଛନ୍ତି। ଏହି ତିନି ନେତାଙ୍କ ଏଭଳି ବୟାନ ପରେ କାକୋଲି ଘୋଷଙ୍କ ନେତୃତ୍ୱରେ ଗଠିତ ବିଦ୍ରୋହୀ ଟିମରେ ୧୯ ଜଣ ସାଂସଦଙ୍କ ପ୍ରକୃତ ସଂଖ୍ୟାକୁ ନେଇ ସସପେନ୍ସ ବଢ଼ି ଯାଇଛି। କାରଣ ଏହି ତିନି ସାଂସଦଙ୍କ ନାମ ବିଦ୍ରୋହୀ ଗୋଷ୍ଠୀରେ ଥିଲା ବୋଲି କାକୋଲି ଦାବି କରୁଥିଲେ। ଏସଂପର୍କରେ ଟିଏମ୍‌ସିର ଜଣେ ନେତା କହିଛନ୍ତି ଯେ ବିଦ୍ରୋହୀ ଗୋଷ୍ଠୀରେ ୧୨ରୁ କମ୍ ସଭ୍ୟ ଅଛନ୍ତି। ବିଦ୍ରୋହୀମାନେ ଯେଉଁ ୧୯ ଜଣ ତାଲିକା ଦେଇଛନ୍ତି, ତାହା ମିଛ। ସତ ହୋଇଥିଲେ ବାଚସ୍ପତି କେବେଠାରୁ ସେମାନଙ୍କୁ ମାନ୍ୟତା ଦେଇ ସାରିଥାଆନ୍ତେ।

### କଲ୍ୟାଣ ବାନାର୍ଜୀଙ୍କ...

ତାଙ୍କୁ ଶେଷ ମୁହୂର୍ତ୍ତରେ ଓକିଲ ପଦରୁ ହଟାଇ ଦିଆଯିବା ପରେ ସେ ଏହି ଅସନ୍ତୋଷ ପ୍ରକାଶ କରିଛନ୍ତି। ୬୯ ବର୍ଷୀୟ କଲ୍ୟାଣ ବାନାର୍ଜୀ ଅଭିଯୋଗ କରିଛନ୍ତି ଯେ, ସେ ମାମଲା ପାଇଁ ପ୍ରସ୍ତୁତି କରୁଥିବା ବେଳେ ଗତକାଲି ମଧ୍ୟରାତ୍ରିରେ ତାଙ୍କୁ ନ ଜଣାଇ ଅନ୍ୟ ଜଣେ ଓକିଲଙ୍କୁ ନିଯୁକ୍ତ କରାଯାଇଥିଲା, ଯାହା ତାଙ୍କ ପାଇଁ ଅତ୍ୟନ୍ତ ଅପମାନଜନକ। ସେ ଦଳର ମୁଖ୍ୟ ମମତା ବାନାର୍ଜୀଙ୍କ ସାମ୍ନାରେ ସର୍ତ୍ତ ରଖିଛନ୍ତି ଯେ, 'ଆମକୁ ବାଛନ୍ତୁ ନଚେତ୍ ଅଭିଷେକଙ୍କୁ'। ଅଭିଷେକଙ୍କ ଅହଂକାର ଯୋଗୁଁ ଦଳ ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ବସିଛି ବୋଲି ସେ କହିଛନ୍ତି।

ଅନ୍ୟପକ୍ଷେରେ ଦଳର ଅନ୍ୟତମ ସାଂସଦ କିର୍ତ୍ତି ଆଜାଦ କହିଛନ୍ତି ଯେ ମମତାଙ୍କ ସହିତ କଲ୍ୟାଣ ଅଛନ୍ତି। ତାଙ୍କ ଅଭିଯୋଗ ଉପରେ ମମତା ପଦକ୍ଷେପ ନେବେ। ମମତାଙ୍କୁ କଲ୍ୟାଣ ଛାଡ଼ିବେ ନାହିଁ ବୋଲି ସେ କହିଛନ୍ତି।

### ରାଜ୍ୟସଭାରୁ ଇସ୍ତଫା...

ରାଜ୍ୟସଭା ସାଂସଦ ପ୍ରକାଶ ଚିକ ବଡ଼ାଇକ ଆଜି ରାଜ୍ୟସଭାରୁ ଇସ୍ତଫା ଦେଇଛନ୍ତି। ଚଳିତ ସପ୍ତାହ ରାଜ୍ୟସଭାରୁ ଏହାକୁ ମିଶାଇ ଟିଏମ୍‌ସିର ତିନି ଜଣ ସଭ୍ୟ ଇସ୍ତଫା ଦେଲେଣି। ଏହା ସହିତ ରାଜ୍ୟସଭାରେ ଟିଏମସିର ସଦସ୍ୟ ସଂଖ୍ୟା ୧୦କୁ ହ୍ରାସ ପାଇଛି। ଆଗାମୀ ସପ୍ତାହରେ ଆଉ ୩ ଜଣ ସାଂସଦ ଇସ୍ତଫା ଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ରାଜ୍ୟ ବିଧାନସଭାରେ ଟିଏମ୍‌ସି ଦୁଇ ଫାଳ ହେବା ପରେ ଲୋକସଭାରେ କେତେକ ଦଳୀୟ ସାଂସଦଙ୍କ ବିଦ୍ରୋହ ମମତାଙ୍କ ପାଇଁ ରଜନୈତିକ ଅସ୍ତିତ୍ୱର ପ୍ରଶ୍ନ ସୃଷ୍ଟି କରିଛି।

ପ୍ରକାଶ ଚିକ ବଡ଼ାଇକ ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନଙ୍କୁ ଭେଟି ନିଜର ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ଇସ୍ତଫା ପରେ ବଡ଼ାଇକ କହିଛନ୍ତି ଯେ ସେ କୌଣସି ଚାପରେ ଏହି ନିଷ୍ପତ୍ତି ନେଇନାହାନ୍ତି। ବରଂ ବେଙ୍ଗଲ ଜନସାଧାରଣଙ୍କ ଜନମତକୁ ସମ୍ମାନ ଜଣାଇ ଏହା କରିଛନ୍ତି। ଏଣିକି ସେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରିବେ।

### ଦୁର୍ଦ୍ଦାନ୍ତ ପ୍ରଫୁଲ୍ଲକୁ...

ଭଦ୍ରକର ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଥାନାରେ ୨୫ରୁ ଅଧିକ ମାମଲା ରହିଛି। ଘର ଓ ଏଟିଏମ୍ ଲୁଟ୍ ସହିତ ପୁଲିସ ଉପରକୁ ଫାୟାରିଂ ପରି ଅନେକ ସଙ୍ଗୀନ ମାମଲା ପୂର୍ବରୁ ପପୁ ନାମରେ ରହିଛି। ବୁଧବାର ପପୁ ଏକ କଳା ପଲ୍‌ସରରେ ଆରଡି ଛକ ସାତଭଉଣୀ ଅଞ୍ଚଳରେ ବୁଲୁଥିବା ପୁଲିସ ଖବର ପାଇଥିଲା। ଭଦ୍ରକ ଗ୍ରାମାଞ୍ଚଳ ଥାନା ପୁଲିସ ପପୁକୁ ପିଛା କରିଥିଲା। ପରେ ସେ ନୂଆସାହି ଜଙ୍ଗଲ ଦେଇ ଖସିଯିବାକୁ ଚେଷ୍ଟା କରିଥିଲା। ପୁଲିସ୍ ଆତ୍ମସମର୍ପଣ କରିବାକୁ କହିବା ପରେ ପୁଲିସ ଉପରକୁ ପପୁ ଗୁଳି ଚଳାଇଥିଲା। ତେଣୁ, ବାଧ ହୋଇ ପୁଲିସ୍ ଗୁଳି ଚଳାଇଥିଲା। ଗୁଳି ପପୁର ଡାହାଣ ଗୋଡ଼ରେ ବାଜିଥିଲା। ତାକୁ ପ୍ରଥମେ ଭଦ୍ରକ ଓ ପରେ ଚିକିତ୍ସା ପାଇଁ ଏସ୍‌ସିବିକୁ ପଠାଯାଇଛି। ଅନ୍ୟପଟେ, ପପୁ ବ୍ୟବହାର କରିଥିବା ବନ୍ଧୁକ ଆମେରିକା ନିର୍ମିତ ବୋଲି ଜଣାପଡ଼ିଛି। ଓଡ଼ିଶାର ଅପରାଧୀମାନେ ଏହି ବନ୍ଧୁକକୁ ବାଂଲାଦେଶ ମୁର୍ସିଦାବାଦରୁ ଆଣୁଥିବା ଜଣାପଡ଼ିଛି। ଏହି ବନ୍ଧୁକ କିପରି ଏମାନଙ୍କ ନିକଟରେ ପହଞ୍ଚୁଛି ତାକୁ ନେଇ ଅଧିକ ଖୋଳତାଡ଼ କରାଯିବ ବୋଲି ଭଦ୍ରକ ଏସ୍‌ପି ମନୋଜ ରାଉତ କହିଛନ୍ତି।


**OFFICE OF THE PRINCIPAL**

**TRUST FUND H.S SCHOOL, BARGARH**

E-mail – tfcbargarh@yahoo.com

Notice No. 834/TFHS/2026 Dt. 10.06.2026

**WALK-IN-INTERVIEW**

A walk-in-interview will be held in the H.S School campus for appointment of PGT in different subjects on the date and time as mentioned below. Eligible candidates may attend the interview.

**Dt. 23.06.2026, Time - 10 A.M**

Subjects: English, Odia, Physics, Chemistry, Botany, Mathematics

Guest Faculty (Remuneration on Class wise basis)

Minimum Qualification: 55% marks at PG level.

(Preference will be given to candidates having B.Ed. Qualification)

**Sd/- Principal-incharge-Cum-Secretary**

**Trust Fund H.S School, BARGARH**

**କଟକ ଉନ୍ନୟନ କର୍ତ୍ତୃପକ୍ଷ**

CDA

ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-12

13001/854/2627

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର - 11 ରେ ପ୍ଲଟ୍ ନଂ- 11-4C/1471 ଟିକୁ ଶ୍ରୀମତୀ ଅଞ୍ଜଳି ମେହେର, ସ୍ୱାମୀ-ଡଃ ଲଳିତ କୁମାର ମେହେର, ସା-ଟିଙ୍ଗେରବନ୍ଧ, ପୋ-ଗଙ୍ଗାସାଗର, ଥା-ପାଟଣାଗଡ଼, ଜିଲ୍ଲା- ବଲାଙ୍ଗୀର - ୭୬୭୦୨୫ କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ଅଞ୍ଜଳି ମେହେର ଉକ୍ତ ପ୍ଲଟ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ଡଃ ପ୍ରଜ୍ଞା ପରମିତା ଗିରି, ସ୍ୱାମୀ- ଡଃ କାଳୀ ପ୍ରସନ୍ନ ସ୍ୱାଇଁ, ସା/ପୋ-ବୋଧଙ୍ଗ, ଥା-ନିଶ୍ଚିନ୍ତକୋଇଲି, ଜିଲ୍ଲା-କଟକ-୭୫୪୨୦୭ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

OIPR-13001/13037/1/26-27/0051 **ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)**

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**

ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

13001/862/2627

ପତ୍ର ସଂଖ୍ୟା ୧୨୦୭୪/ ଭୁ.ଉ.କ., ଭୁବନେଶ୍ୱର KVH-223/96 **ସୂଚନା** ତା. ୦୪.୦୬.୨୦୨୬ରିଖ

ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କଳିଙ୍ଗ ବିହାର ହାଉସିଂ ସ୍କିମ୍, ସୁବୁପୁର, ଭୁବନେଶ୍ୱର ଅନ୍ତର୍ଗତ HIG ଗୃହ ନଂ. କେ.୫ - ୨୨୯ କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୫୬୩୫/AL ତା-୨୪.୦୭.୧୯୯୬ ରିଖ ଅନୁଯାୟୀ ଶ୍ରୀ ତୁଷାର ରଞ୍ଜନ ବିଶ୍ୱାଳ, ପିତା - ସ୍ୱର୍ଗତ ନୃସିଂହ ବିଶ୍ୱାଳ ଅତିର ପୋଷ୍ଟ-ବରୀ, ଥାନା-ବିଂଝାରପୁର, ଜିଲ୍ଲା-ଯାଜପୁରଙ୍କ ନାମରେ ଆବଣ୍ଟନ କରାଯାଇଥିଲା।

ଆବଣ୍ଟନଗ୍ରାହୀ ତୁଷାର ରଞ୍ଜନ ବିଶ୍ୱାଳ ଗତ ତା- ୧୫.୧୦.୨୦୨୦ ରିଖ ରେ ମୃତ୍ୟୁବରଣ କରିଅଛନ୍ତି (Death certificate No-7677/2020 Dated. 17.10.2020.

Legal heir certificate No- E-LHC/2020/76378) ବର୍ତ୍ତମାନ (1) ନମିତା ରାଉତରାୟ (ସ୍ତ୍ରୀ) (2) ସସ୍ମିତା ବିଶ୍ୱାଳ (ଝିଅ) (3) ଶ୍ୱେତାପଦ୍ମ ବିଶ୍ୱାଳ (ଝିଅ) ଉକ୍ତ ଗୃହର ଉତ୍ତରାଧିକାରୀ ଅଛନ୍ତି।

ଏଣୁ ଉକ୍ତ ଗୃହ ର ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହାଲେ ଏହି ସୂଚନା ପ୍ରକାଶନର ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ ତତ୍ ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି / ଅଭିଯୋଗ ଶୁଣା ଯିବ ନାହିଁ ଏବଂ ଉକ୍ତ ଗୃହର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସଂପାଦନ କରାଯିବ।

ସ୍ୱା/- ଆବଣ୍ଟନ ଅଧିକାରୀ-୧

OIPR-13001/13033/1/26-27/0058 ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର

38001/20/2627

**ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ, ରାୟଗଡା**

ପତ୍ର ସଂଖ୍ୟା: ୯୫୦ ତାରିଖ: ୨୯.୦୫.୨୦୨୬ରିଖ

**ମୋଟର ଯାନ ନିଲାମ. ନିମନ୍ତେ ବିଜ୍ଞପ୍ତି**

ଏତଦ ଦ୍ୱାରା ନିମ୍ନଲିଖିତ ମୋଟର ଯାନର ମାଲିକ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ସେମାନଙ୍କର ଯାନ ବିରୁଦ୍ଧରେ ବେକେୟା ମୋଟୋର ଯାନ ଟିକସ ବାକି ଥିବାରୁ ସେମାନଙ୍କ ନାମରେ ଟିକସ ଅସୁଲି ମାମଲା ରୁଜୁ କରଯାଇଥିଲା। ଯଥା ସମୟରେ ସେମାନେ ଟିକସ ଅସୁଲିକାରୀଙ୍କ କାର୍ଯ୍ୟାଳୟରେ ବକେୟା ଟିକସ ପଇଠ ନ କରିବାରୁ କିମ୍ବା କୌଣସି ଉତ୍ତର ନ ରଖିବାରୁ ସେମାନଙ୍କ ଯାନ ଗୁଡିକୁ ଓଡିଶା ମୋଟୋର ଯାନ କର ଆଇନ ୧୯୭୫ ଅନୁସୂଚୀ-II ଅନୁଯାୟୀ ଜବତ କରାଯାଇ ଅଛି।

ପୁନର୍ବାର ଉକ୍ତ ବିଜ୍ଞାପନ ମାଧ୍ୟମରେ ସମ୍ପୃକ୍ତ ଯାନ ମାଲିକ ମାନଙ୍କୁ ଅବଗତ କରାଯାଉଅଛି କି, ଯଦି ସେମାନେ ଆସନ୍ତା ତା ୧୭.୦୬.୨୦୨୬ ରିଖ ଅପରାହ୍ନ ୪ ଘଟିକା ସୁଦ୍ଧା ସେମାନଙ୍କର ବକେୟା ଅର୍ଥ ପଇଠ ନ କରନ୍ତି ତେବେ ତା ୧୯.୦୬.୨୦୨୬ ରିଖ ଅପରାହ୍ନ ୪ ଘଟିକା ସମୟରେ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟରେ ସମ୍ପୃକ୍ତ ଯାନ ଗୁଡିକ ନିଲାମ କରାଯିବ।

ଅତଏବ ସମସ୍ତ ଜନସାଧାରଣ ଏବଂ ନିମ୍ନ ଲିଖିତ ଗାଡି ଗୁଡିକର ଋଣ ପ୍ରଦାନ କରି ସଂସ୍ଥା (Financier) ମାନଙ୍କୁ ଉକ୍ତ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଉଛିକି, ଇଚ୍ଛୁକ ବ୍ୟକ୍ତି ଯଦି ନିମ୍ନ ଲିଖିତ ଯାନ ଗୁଡିକର ନିଲାମି ରେ ଅଂଶ ଗ୍ରହଣ କରିବାକୁ ଇଛା ପ୍ରକାଶ କରନ୍ତି ତେବେ ଏହି ବାବଦରେ ସମ୍ପୂର୍ଣ୍ଣ ବିବରଣୀ https://odishatransport.gov.in ୱେବସାଇଟରୁ ପ୍ରାପ୍ତ କରନ୍ତୁ।

**ନିଲାମ ହେବାକୁ ଥିବା ଗାଡି ଗୁଡିକର ପଞ୍ଜୀକରଣ ସଂଖ୍ୟା ନିମ୍ନ ରେ ପ୍ରଦାନ କରାଗଲା**

OD185937, OR18C0408, OR18C1651, OR181019, OR181438, OD188719, OR182421, OD18G6189, OR18C5698

ଟିକସ ଅସୁଲି ଅଧିକାରୀ ଏବଂ ଆଞ୍ଚଳିକ ପରିବହନ ଅଧିକାରୀ, ରାୟଗଡା

OIPR-38001/38049/1/26-27/0001

# ‘ଅଠର ହଜାର’କୁ ‘ନୋ ପିକ୍‌ନିକ୍ ଜୋନ୍’ ଘୋଷଣା ଦାବି

ସମ୍ବଲପୁର, ୧୧।୬ (ସମିସ)

ଗତ ରବିବାର ୭ ତାରିଖ ସହଯୋଗ ନଗରର ସ୍ୱସ୍ତିକ ପାଢ଼ୀ (୧୬) ବନ୍ଧୁମାନଙ୍କ ସହ ବୁର୍ଲା ‘ଅଠର ହଜାର’କୁ ପିକ୍‌ନିକ୍ କରିବାକୁ ଯାଇ ଏହି ସ୍ଥାନରେ ଗାଧୋଉଥିବା ସମୟରେ ପାଣିରେ ବୁଡ଼ି ପ୍ରାଣ ହରାଇଛନ୍ତି। ପାଣିର ପ୍ରଖର ସ୍ରୋତରେ ଭାସି ଯାଇଥିବାବେଳେ ଅଗ୍ନିଶମ ବାହିନୀ ଓ ଓଡ୍ରାଫ୍ ଟିମ୍ ପ୍ରାୟ ୩୦ ଘଣ୍ଟା ପରେ ତାଙ୍କ ମୃତଦେହ ଉଦ୍ଧାର କରିଥିଲେ। ସ୍ୱସ୍ତିକ ତାଙ୍କ ପରିବାରର ଏକମାତ୍ର ପୁତ୍ର ଥିଲେ ଏବଂ ଏହି ଘଟଣା ସହଯୋଗ ନଗର ତଥା ସମଗ୍ର ସମ୍ବଲପୁର ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି। ଏହା କେବଳ ଗୋଟିଏ ଘଟଣା ନୁହେଁ ଏହା ପୂର୍ବରୁ ମେଡିକାଲ କଲେଜ ଓ ଇଂଜିନିୟରିଂ କଲେଜ ଛାତ୍ରଛାତ୍ରୀ ପିକ୍‌ନିକ୍ କରିବାକୁ ଯାଇ ଏଠାରେ ମୃତ୍ୟୁବରଣ କରିଛନ୍ତି। ଆଜି ସ୍ୱସ୍ତିକଙ୍କ ଜନ୍ମଦିନ ଅବସରରେ ସହଯୋଗ ନଗର ବାସିନ୍ଦା ‘ଅଠର ହଜାର’ ଅଞ୍ଚଳକୁ ବ୍ୟାରିକେଡ୍ କରିବାସହ ‘ନୋ ପିକ୍‌ନିକ୍ ଜୋନ୍’ ଘୋଷଣା କରିବାକୁ ଦାବି ଜଣାଇଛନ୍ତି। ଏହାସହ ହୀରାକୁଦ ବନ୍ଧାଞ୍ଚଳରେ ଥିବା ବିଭିନ୍ନ ସ୍ଥାନରେ ଲୋକେ ପିକ୍‌ନିକ୍ କରୁଥିବାରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାପାଇଁ ଦାବି ଜଣାଇଛନ୍ତି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।



ସହଯୋଗ ନଗର ବାସିନ୍ଦା ମହିଳାମାନେ କୋହଭରା କଣ୍ଠରେ କହିଛନ୍ତି ଯେ, ହୀରାକୁଦ ଜଳଭଣ୍ଡାର ପାୱାର ଚେନାଲରେ ଏମିତି କେତୋଟି ଜାଗା ଅଛି ଯାହା ପିକ୍‌ନିକ୍ ଜାଗା ନୁହଁ, କିନ୍ତୁ ବର୍ଷ ବର୍ଷ ଧରି ଲୋକେ ସେହି ସ୍ଥାନ ଗୁଡ଼ିକୁ ଯାଉଛନ୍ତି। ‘ଅଠର ହଜାର’ ସ୍ଥାନଟି ଦେଖିବାକୁ ବେଶ୍ ଆକର୍ଷଣୀୟ ହୋଇଥିଲେ ମଧ୍ୟ ଏହାର ଗଭୀରତା ଓ ଜଳସ୍ରୋତ ପ୍ରଖରତା ଅତ୍ୟନ୍ତ ବିପଜ୍ଜନକ। ସେଠାରେ କୈଣସି ସୁରକ୍ଷା ବ୍ୟବସ୍ଥା କିମ୍ବା ପାଣିର ଗଭୀରତା ବିଷୟରେ ସୂଚନା ନ ଥିବା ଯୋଗୁଁ ଗାଧୋଇବା ପାଇଁ ଓହ୍ଲାଉଥିବା ବ୍ୟକ୍ତି ଏଭଳି ଅଘଟଣର ଶିକାର ହେଉଛନ୍ତି। ଏଠାରେ ପୂର୍ବରୁ ମଧ୍ୟ ଅନେକ ଛାତ୍ରଛାତ୍ରୀ ତଥା ବ୍ୟକ୍ତିବିଶେଷ ପ୍ରାଣ ହରାଇଛନ୍ତି। ତେଣୁ ପ୍ରଶାସନ ତରଫରୁ ‘ଅଠର ହଜାର’ ସ୍ପଟ୍‌କୁ ‘ନୋ ପିକନିକ୍ ଜୋନ୍’ ଭାବେ ସମ୍ପୂର୍ଣ୍ଣ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଉ। ଏହାସହ ଏଠାରେ ସୁରକ୍ଷା ବେରିକେଡ୍ ଓ ଫେନ୍ସିଂ ନିର୍ମାଣ ସହିତ ସତର୍କତା ସୂଚନାଫଳକ ଲଗାଯାଉ। ପିକ୍‌ନିକ୍ ଋତୁରେ ଏଠାରେ ପୁଲିସ ସୁରକ୍ଷାକର୍ମୀଙ୍କୁ ମୁତୟନ କରିବାକୁ ସେମାନେ ଦାବି ଜଣାଇଛନ୍ତି। ସେଠାରେ ପ୍ରତିବର୍ଷ ଅଘଟଣ ଘଟି ଜୀବନ ଯାଉଥିବାବେଳେ ସ୍ୱସ୍ତିକଙ୍କ ମୃତ୍ୟୁ ଶେଷଘଟଣା ହେଉ ବୋଲି ଅଞ୍ଚଳବାସୀ ଅତିରିକ୍ତ ଜିଲ୍ଲାପାଙ୍କଠାରେ ଅନୁରୋଧ କରିଥିଲେ। ଏହାସହ ସମ୍ବଲପୁର ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ସମସ୍ତ ପିକନିକ୍ ସ୍ପଟ୍ ରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ପାଇଁ ମଧ୍ୟ ଦାବି ଜଣାଇଥିଲେ।

ଅତିରିକ୍ତ ଜିଲାପାଳ ଅଶୋକ କୁମାର ଭୋଇ କହିଛନ୍ତି ଯେ, ଜନସାଧାରଣଙ୍କ ସୁରକ୍ଷା ପାଇଁ ଏହି ସ୍ଥାନରେ ବିପଦ ସୂଚନା ଫଳକ ଲଗାଇବା, ବାଡ଼ ଦେଇ ନିଷିଦ୍ଧାଞ୍ଚଳ କରିବା, ସୁରକ୍ଷାକର୍ମୀଙ୍କ ମୁତୟନ ଆଦି ପଦକ୍ଷେପ ନେବାସକାଶେ ସମ୍ପୃକ୍ତ ବିଭାଗ ଗୁଡ଼ିକୁ ଆବଶ୍ୟକୀୟ ନିର୍ଦ୍ଦେଶ ଦିଆଯାଇଛି। ଭବିଷ୍ୟତରେ ଯେପରି ଏଭଳି ଅଘଟଣ ନ ଘଟେ ଏବଂ ନିରୀହ ଜୀବନ ନ ଯାଏ, ସେଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିନିଧି ଦଳରେ ସହଯୋଗ ନଗର କମିଟି ସମ୍ପାଦକ ରଞ୍ଜନ ପାତ୍ର, ସଞ୍ଜୟ ମିଶ୍ର, ଭକ୍ତବନ୍ଧୁ ସାହୁ, ରବୀନ୍ଦ୍ର ପାତ୍ର, ସୁକାନ୍ତ ଦାସ, ସଞ୍ଜୟ ବର୍ମନ, ସୁରଜିତ ପଣ୍ଡା, ସୁନିଲ ଦାସ, ଧରଣୀଧର ଦେବତା, ଦେବୀପ୍ରସାଦ ଭୋଇ, ନିଳାମ୍ବର ସାହୁ, ଜୟନାରାୟଣ ସାହୁ, ସଦାନନ୍ଦ ପତି, ଯଦୁମଣି ପ୍ରଧାନ, ସୁଧାରାଣୀ ପୁରୋହିତ, ଅନୀତା ପାତ୍ର, ଶାନ୍ତିଲତା ପାତ୍ର, ସଙ୍ଗୀତା ଚାନ୍ଦ, ନିରୁପମା ପ୍ରଧାନ, ସ୍ୱରୂପା ମିଶ୍ର, ସୁମନ ରାଜପୁରୋହିତ, ସିମରନ ପୋପଟାନି, ଲିଜା ପାଢ଼ୀ, ସଂହିତା ବର୍ମନ, କାବ୍ୟା ପୋପଟାନି, ଆରତୀ ପଟେଲ, ସଂଘମିତ୍ରା ମିଶ୍ର ପ୍ରମୁଖ ସାମିଲ ଥିଲେ।

## ଜିଲ୍ଲାରେ ବ୍ୟାପକ ବଦଳି

# ଏକାକାଳୀନ ୨୦୭ ରାଜସ୍ୱ କର୍ମଚାରୀଙ୍କୁ ସ୍ଥାନାନ୍ତର

**ସମ୍ବଲପୁର, ୧୧।୬ (ସମିସ):** ସମ୍ବଲପୁର କ୍ଷେତ୍ରସ୍ତରୀୟ ରାଜସ୍ୱ ପ୍ରଶାସନକୁ ସୁଦୃଢ଼ କରିବା ଏବଂ ସାଧାରଣ ସେବା ପ୍ରଦାନରେ ଉନ୍ନତି ଆଣିବା ପାଇଁ ଏକ ପ୍ରମୁଖ ପ୍ରଶାସନିକ ପୁନର୍ଗଠନ ମାଧ୍ୟମରେ, ରାଜସ୍ୱ ବିଭାଗ ଆଜି ସାରା ଜିଲ୍ଲାରେ ରାଜସ୍ୱ କର୍ମଚାରୀଙ୍କ ଏକ ବଡ଼ ଧରଣର ସ୍ଥାନାନ୍ତର କରିଛି। ଜିଲ୍ଲାର ମୋଟ ୨୦୭ ଜଣ ରାଜସ୍ୱ କର୍ମଚାରୀଙ୍କୁ ଜିଲ୍ଲାପାଳ ବଦଳି କରିଛନ୍ତି। ସମ୍ବଲପୁର ଜିଲ୍ଲାରେ ପୂର୍ବରୁ କେବେ ଏକାକାଳୀନ ଏତେସଂଖ୍ୟକ କର୍ମଚାରୀଙ୍କ ବଦଳି ହୋଇ ନ ଥିଲା। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ନିଜ ଜିଲ୍ଲାରେ ଏହି ଦୁର୍ନୀତିକୁ ‘ଶୂନ୍ୟ ସହନଶୀଳତା’ ନୀତି କ୍ରମରେ ବହୁବର୍ଷ ଧରି ଜିଲ୍ଲାରେ ଗୋଟିଏ ପଦ ମାଡ଼ି ବସିଥିବା କର୍ମଚାରୀ ଓ ଅଧିକାରୀଙ୍କୁ ଅନ୍ୟ ସ୍ଥାନକୁ ବଦଳି କରାଯାଇଛି। ଏହାଦ୍ୱାରା ଦୁର୍ନୀତିରେ ରୋକ ଏବଂ ଲୋକସେବାରେ ଉନ୍ନତି ହେବ ବୋଲି ସାଧାରଣରେ ଆଶା ପ୍ରକାଶ ପାଇଛି।

ଜିଲ୍ଲାପାଳଙ୍କ ଏହି ସ୍ଥାନାନ୍ତର ଆଦେଶରେ ବରିଷ୍ଠ ରାଜସ୍ୱ ସହାୟକ, କନିଷ୍ଠ ରାଜସ୍ୱ ସହାୟକ, ରାଜସ୍ୱ ପର୍ଯ୍ୟବେକ୍ଷକ, ରାଜସ୍ୱ ନିରୀକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକ ଏବଂ ଅମିନଙ୍କ ସମେତ ବିଭିନ୍ନ କ୍ୟାଡରର ଅଧିକାରୀମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ମିଳିଥିବା ତଥ୍ୟ ଅନୁଯାୟୀ, ଜିଲ୍ଲାର ୮୨ ଜଣ ବରିଷ୍ଠ ରାଜସ୍ୱ ସହାୟକ (ଏସ୍‌ଆର୍‌ଏ), ୩୭ ଜଣ କନିଷ୍ଠ ରାଜସ୍ୱ ସହାୟକ (ଜେଆର୍‌ଏ), ୫ ଜଣ ରାଜସ୍ୱ ପର୍ଯ୍ୟବେକ୍ଷକ (ଆର୍‌ଏସ୍), ୩୮ ଜଣ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ), ୨୬ ଜଣ ସହକାରୀ ରାଜସ୍ୱ ନିରୀକ୍ଷକ (ଏଆର୍‌ଆଇ) ଏବଂ ୧୯ ଜଣ ଅମିନଙ୍କ ବଦଳି କରାଯାଇଛି। ଆଦେଶ ଅନୁଯାୟୀ ସମ୍ପୃକ୍ତ ଅଧିକାରୀ ବା ତହସିଲଦାର ରାଜସ୍ୱ କର୍ମଚାରୀଙ୍କୁ ୭ ଦିନ ମଧ୍ୟରେ ରିଲିଭ କରିବେ। ଯଦି ନ କରନ୍ତି, ଅଷ୍ଟମ ଦିନ ସମ୍ପୃକ୍ତ ରାଜସ୍ୱ କର୍ମଚାରୀ କେନ୍ଦ୍ରୀୟ ଭାବେ ରିଲିଭ ହେଲେ ବୋଲି ଗ୍ରହଣ କରାଯିବ। ଏହି ପଦକ୍ଷେପ ପ୍ରଶାସନିକ ଦକ୍ଷତା ବୃଦ୍ଧି କରିବା, ରାଜସ୍ୱ ସମ୍ବନ୍ଧୀୟ କାର୍ଯ୍ୟକଳାପର ଉତ୍ତମ ତଦାରଖ ସୁନିଶ୍ଚିତ କରିବା ଏବଂ ତୃଣମୂଳସ୍ତରରେ ସରକାରୀ କାର୍ଯ୍ୟକ୍ରମର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନକୁ ସହଜ କରିବା ଆଶା କରାଯାଉଛି। ପ୍ରଶାସନିକ ଆବଶ୍ୟକତା ଅନୁଯାୟୀ ଏବଂ ସାଧାରଣ ସେବାର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉପରୋକ୍ତ ବଦଳି କରାଯାଇଥିବା ପ୍ରଶାସନିକ ସୂତ୍ରରୁ ପ୍ରକାଶ।

# ଚନ୍ଦନନଗରର ବିପର୍ଯ୍ୟସ୍ତ ରାସ୍ତାଘାଟ ମରାମତି ଦାବି

**ସମ୍ବଲପୁର, ୧୧।୬ (ସମିସ) :** ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନଂ. ୧୫ର ଚନ୍ଦନ ନଗର, କ୍ଷେତରାଜପୁରରେ ରାସ୍ତାଘାଟ ବିପର୍ଯ୍ୟସ୍ତ ହେବାସହ ଡ୍ରେନେଜ୍ ବ୍ୟବସ୍ଥା ସମ୍ପୂର୍ଣ୍ଣ ଫେଲ୍ ମାରିଛି ବୋଲି ଅଞ୍ଚଳବାସୀ ଜଶବୀର ସିଂହ ସାଲୁଜା ଅଭିଯୋଗ କରିଛନ୍ତି। ରାସ୍ତାରେ ଅନେକ ଖାଲଖମା ଥିବାରୁ ଲୋକେ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣାର ଶିକାର ହେଉଛନ୍ତି। ନାଳନର୍ଦ୍ଦମା ଗୁଡ଼ିକ ଜାମ୍ ହୋଇ ପଡ଼ିରହିଛି। ନିୟମିତ ଭାବେ ସଫେଇ ନ ହେବା ଫଳରେ ନାଳ ପାଣି ରାସ୍ତାରେ ବହୁଛି। ସାମାନ୍ୟ ବର୍ଷା ହେଲେ ସ୍ଥିତି ଆହୁରି ବିଗିଡ଼ିଯାଉଛି। ଏଦିଗରେ ତୁରନ୍ତ ଧ୍ୟାନ ଦେଇ ବର୍ଷାଋତୁ ଆସିବା ପୂର୍ବରୁ ରାସ୍ତାଘାଟ ମରାମତି ସହ ନାଳନର୍ଦ୍ଦମା ସଫେଇ କରିବାକୁ ଶ୍ରୀ ସାଲୁଜାଙ୍କ ସହ ଦଲଜିତ କୌର, ଅଭିଶେକ ପାଠକ, ବିବେକ ସିଂହ, ରୋହିତ ମିଶ୍ର, ବିଭୁ ସିଂହ, ରଞ୍ଜନ ଦାସ, କାମିନୀ ପାଠକ, ପୂର୍ଣ୍ଣିମା ଦେୱାଙ୍ଗନ ପ୍ରମୁଖ ମହାନଗର ନିଗମ ଆୟୁକ୍ତଙ୍କଠାରେ ଦାବି ଜଣାଇଛନ୍ତି।

# ସମ୍ବଲପୁରରୁ ବିମାନ ବନ୍ଦର ବସ୍‌ସେବା ପୁନଃଆରମ୍ଭ ଦାବିକଲା ‘ଉତ୍କର୍ଷା’

**ସମ୍ବଲପୁର, ୧୧।୬ (ସମିସ) :** ଯାତ୍ରୀମାନଙ୍କ ସୁବିଧା ଓ ବିମାନବନ୍ଦର ସହ ସୁଗମ ଯାତାୟାତ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସମ୍ବଲପୁର ସହରରୁ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର ପର୍ଯ୍ୟନ୍ତ ନିୟମିତ ବସ୍ ସେବା ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରତି ୪୦ ମିନିଟ୍‌ରେ ବସ୍ ଚଳାଚଳ କରିବା ଏବଂ ସକାଳ ୬ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ସେବା ଉପଲବ୍ଧ କରାଇବାର ଘୋଷଣା କରାଯାଇଥିଲା। ଏହାକୁ ସମ୍ବଲପୁର ତଥା ପଶ୍ଚିମ ଓଡ଼ିଶାବାସୀ ସ୍ୱାଗତ କରିଥିଲେ। କିନ୍ତୁ ଦୁଃଖର ବିଷୟ ଯେ, ବସ୍ ସେବା କେବଳ ଗୋଟିଏ ଦିନ ଚାଲିବା ପରେ ହଠାତ୍ ବନ୍ଦ କରି ଦିଆଯାଇଛି। ଏହାର କାରଣ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ସାର୍ବଜନୀନ ଭାବେ ପ୍ରକାଶ ପାଇନାହିଁ। ଫଳରେ ବିମାନବନ୍ଦରକୁ ଯାତାୟାତ କରୁଥିବା ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏବଂ ସରକାରଙ୍କ ଘୋଷିତ ସେବା ପ୍ରତି ଲୋକଙ୍କ ବିଶ୍ୱାସ ମଧ୍ୟ ପ୍ରଭାବିତ ହେଉଛି ବୋଲି କହିଛନ୍ତି ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ଉତ୍କର୍ଷା’ର ସମ୍ପାଦକ ସଞ୍ଜିବ କୁମାର ମିଶ୍ର। ଏହି ପରିପ୍ରେକ୍ଷୀରେ, ସମ୍ବଲପୁର ତଥା ପଶ୍ଚିମ ଓଡ଼ିଶାବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ସମ୍ବଲପୁରରୁ ବିମାନବନ୍ଦରକୁ ବସ୍ ସେବାକୁ ଅବିଳମ୍ବେ ଏବଂ ସ୍ଥାୟୀ ଭାବରେ ପୁନଃଆରମ୍ଭ କରାଯାଉ ଏବଂ ଭବିଷ୍ୟତରେ ଏପରି ହଠାତ୍ ସେବା ବନ୍ଦ ନ ହେବା ପାଇଁ ଏକ ଦାୟିତ୍ୱବଦ୍ଧ ଏବଂ ସ୍ୱଚ୍ଛ ବ୍ୟବସ୍ଥା ପ୍ରଣୟନ କରାଯିବାକୁ ସେ ଦାବି ଜଣାଇଛନ୍ତି। ହଜାର ହଜାର ଯାତ୍ରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ଏହି ପ୍ରସଙ୍ଗରେ ତୁରନ୍ତ ହସ୍ତକ୍ଷେପ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ଶ୍ରୀ ମିଶ୍ର ଆଶାପ୍ରକାଶ କରିଛନ୍ତି।

## କାର୍ ଧକ୍କାରେ ବାଇକ୍ ଚାଳକ ମୃତ

# କ୍ଷତିପୂରଣ ଦାବିରେ ଶବରଖି ରାସ୍ତାରୋକ

**ସମ୍ବଲପୁର, ୧୧।୬ (ସମିସ) :** ହୀରାକୁଦ ଥାନା ଅନ୍ତର୍ଗତ ନୂଆଁଗୁଜାତଲ ନରଡିହି ଛକରେ ଗୁରୁବାର ଅପରାହ୍ନରେ କାର୍ ଦ୍ରୁତଗତିରେ ଆସି ବାଇକ୍‌କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଯାଇଛି। ମୃତକ ବାଇକ୍ ଚାଳକ ହୀରାକୁଦ ନୂଆଁଗୁଜାତଲ ଗ୍ରାମର ପିତାମ୍ବର ମେହେର (୫୯) ବୋଲି ଜଣାପଡ଼ିଛି। ସେ ତାଙ୍କ ବାଇକ୍‌ରେ କାର୍ଯ୍ୟାଳୟକୁ ଯିବା ସମୟରେ କାର୍ ନଂ-ଓଡି୧୫ଏକ୍ସ୮୧୦୨ତାଙ୍କୁ ଧକ୍କା ଦେଇ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ପଶି ଯାଇଥିଲା।





ସୂଚନା ଅନୁଯାୟୀ, ପିତାମ୍ବର ମେହେର ଟାଟା ପାୱାରରେ ସିକୁରିଟି ଗାର୍ଡ ଭାବେ କାର୍ଯ୍ୟ କରୁଥିଲେ ଏବଂ ତାଙ୍କ ଅବସର ପାଇଁ ଆଉ ମାତ୍ର ୮ ମାସ ବାକି ଥିଲା। ଗୁରୁବାର ଅପରାହ୍ନରେ ପିତାମ୍ବର ବାଇକ୍ ଯୋଗେ କାର୍ଯ୍ୟାଳୟକୁ ଯାଉଥିବା ବେଳେ କାର୍ କାର୍ ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି) ରେ ଭଡ଼ାରେ ନିୟୋଜିତ ଥିବା ଜଣାପଡ଼ିଛି। ଦୁର୍ଘଟଣା ପରେ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବାସହ ଲୋକେ ରାସ୍ତାରୋକ କରିଥିଲେ। ଘଟଣାସ୍ଥଳରେ ପୁଲିସ ମୁତୟନ ହୋଇଥିବା ସୂଚନା ମିଳିଛି।

ଆସି ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ହୀରାକୁଦ ରାସ୍ତାରେ କମ୍ପାନୀର ମାଲବାହୀ ଟ୍ରକ୍ ଓ ଅନ୍ୟାନ୍ୟ ଭାରୀଯାନ ଗୁଡ଼ିକ ଦ୍ରୁତଗତିରେ ଯାତାୟାତ କରୁଥିବାରୁ ସୁରକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ମାସକ ପୂର୍ବରୁ ମଧ୍ୟ ଏଠାରେ ଜଣେ ଶ୍ରମିକଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଗୁଜାତଲ ଅଞ୍ଚଳର ଲୋକେ ଶବ ରଖି କ୍ଷତିପୂରଣ ଦାବିକରି ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳରେ ପହଞ୍ଚି ପୁଲିସ ଲୋକମାନଙ୍କୁ ବୁଝାଶୁଝା କଲାପରେ ରାସ୍ତାରୋକ ହଟିଥିଲା। ଅନ୍ୟପକ୍ଷରେ ହୀରାକୁଦ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତ ଗାଡ଼ିଚାଳକକୁ ଗିରଫ କରିଥିବା ସୂଚନା ମିଳିଛି। ବାଇକ୍ ଚାଳକ ପିତାମ୍ବରଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ପୁଲିସ ସୂତ୍ରରୁ ପ୍ରକାଶ।

# ରାଷ୍ଟ୍ରପତି ଭବନରେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିବ ‘ଲହରୀ’



**ସମ୍ବଲପୁର, ୧୧।୬ (ସମିସ) :** ଆସନ୍ତ ୧୫ ଓ ୧୬ ତାରିଖରେ ରାଷ୍ଟ୍ରପତି ଭବନରେ ରଜପର୍ବ ପାଳନ କରାଯାଉଛି। ଏହି ଦୁଇଦିନିଆ ଉତ୍ସବ ପାଳନ ସମୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଓଡ଼ିଶାର ସମସ୍ତ ଲୋକସଭା ଓ ରାଜ୍ୟସଭା ସାଂସଦ ଓ ଅନ୍ୟମାନେ ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଛି। ଉକ୍ତ ଉତ୍ସବରେ ଗୁରୁ ଡଃ ମୋହିତ କୁମାର ସ୍ୱାଇଁଙ୍କ ନିର୍ଦ୍ଦେଶନାରେ ‘ଲହରୀ’ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ସମ୍ବଲପୁରୀ ଲୋକନୃତ୍ୟ ଏବଂ ବରିଷ୍ଠ ଲୋକଗାୟିକା ପଦ୍ମିନୀ ଦୋରା ସମ୍ବଲପୁରୀ ଲୋକ ସଙ୍ଗୀତ ପରିବେଷଣ କରିବେ। ରଜକୁ ନେଇ ଗୁରୁ ରତନ ପୁଜାହାରୀଙ୍କ ରଚନାରୁ ସମ୍ବଲପୁରୀ ଗୀତ ପରିବେଷଣ କରିବେ ଉସ୍ତାଦ ବିସ୍‌ମିଲ୍ଲା ଖାଁ ପୁରସ୍କାର ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ବିଜୟିନୀ ଶ୍ରୀମତୀ ଦୋରା। ଲହରୀ ସାଂସ୍କୃତିକ ଅନୁଷ୍ଠାନର କଳାକାର ସଙ୍ଗୀତା ଭୋଇ, ମାନସୀ ସେଠ, ଶ୍ରୀୟାନ୍ସୀ ଶୁଭଦର୍ଶିନୀ, ଅଙ୍କିତା ବହିଦାର, ବ୍ରହ୍ମା କୁମ୍ଭାର, ଅମିତ ଡୁଙ୍ଗୁରି, ଅଜିତ ଡୁଙ୍ଗୁରି, ସୁମିତ କୁମାର ପଧାନ, ଆଲୋକ ପଞ୍ଚବିହାର, ଅଜୟ ସୁନା ପ୍ରମୁଖ କାର୍ଯ୍ୟକ୍ରମରେ ସମ୍ବଲପୁରୀ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିବେ।

## ■ ରାଜନୈତିକ କାର୍ଯ୍ୟକ୍ରମରେ ସରକାରୀ ଶିକ୍ଷକଙ୍କ ସାମିଲ ପ୍ରସଙ୍ଗ

# ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ ପରେ ତଦନ୍ତ

**କୁଚିଣ୍ଡା, ୧୧।୬(ସମିସ):** କେଶାଇବାହାଲ ଠାରେ ଆୟୋଜିତ ରାଜନୈତିକ କାର୍ଯ୍ୟକ୍ରମରେ ସରକାରୀ ଶିକ୍ଷକଙ୍କ ଉପସ୍ଥିତିକୁ ନେଇ ବିବାଦ ପରେ ବିଭାଗୀୟ ତଦନ୍ତ ଆରମ୍ଭ ହୋଇଥିବା ସୂଚନା ରହିଛି। ଗତ ମେ’ ମାସ ୨୬ ଓ ୨୭ ତାରିଖରେ କେଶାଇବାହାଲ ବିଜିଡି କଲେଜ ପରିସରରେ ବିଜେପି ପକ୍ଷରୁ ଦୁଇଦିନିଆ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲା ବିଜେପି ସଭାପତି ରାମଚନ୍ଦ୍ର ମେହେରଙ୍କ ସମେତ ରାଜ୍ୟ କ୍ୟାବିନେଟ ମନ୍ତ୍ରୀ ରବି ନାରାୟଣ ନାଏକ, ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାୟକ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ବ୍ଲକ ଅଧ୍ୟକ୍ଷା ପିଙ୍କି ଧୁରୁଆ, ସାଂସଦ ପ୍ରତିନିଧି ନରେଶ ସିଂ ଠାକୁର ଓ ଅନ୍ୟାନ୍ୟ ଦଳୀୟ ନେତା ଏବଂ କର୍ମୀମାନେ ଉପସ୍ଥିତ ଥିଲେ।କାର୍ଯ୍ୟକ୍ରମରେ ଗଡ଼ପୋଷ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ରାଜେନ୍ଦ୍ର ପୃଷେଠ ସକ୍ରିୟ ଭାବେ ଯୋଗ ଦେଇଥିବା ଅଭିଯୋଗ ହୋଇଛି। କାର୍ଯ୍ୟକ୍ରମ ସମୟରେ ସେ ବିଜେପି ନେତାମାନଙ୍କ ସହ ଫଟୋ ଉଠାଇଥିବା ବେଳେ ସେହି ଫଟୋ ସୋସିଆଲ ମିଡିଆ ଏବଂ ଫେସବୁକରେ ଭାଇରାଲ ହୋଇଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିଲା। ଘଟଣାକୁ ନେଇ ବିଜେଡି ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ଦଳର ପୂର୍ବତନ ବ୍ଲକ ସଭାପତି ରାମଲାଲ ଓଝା ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଭେଟି ଘଟଣାର ତଦନ୍ତ ସହ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ।



ଅଭିଯୋଗ ପାଇବା ପରେ ବାମରା ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କ ଦାୟିତ୍ୱରେ ଥିବା ଗୀତା ପ୍ରଧାନ ସମ୍ପୃକ୍ତ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଏହାସହ ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ବିଇଓଙ୍କୁ ଘଟଣାର ତଦନ୍ତ କରି ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଇଓଙ୍କ ଅନୁପସ୍ଥିତିରେ ଏବିଇଓ କିଶୋର ଚନ୍ଦ୍ର ଅର୍କ ଓ ଏବିଇଓ ହୃଦାନନ୍ଦ ପ୍ରଧାନ ଗଡ଼ପୋଷ ପିଏମ୍‌ଶ୍ରୀ ହାଇସ୍କୁଲକୁ ଯାଇ ସମ୍ପୃକ୍ତ ଶିକ୍ଷକଙ୍କ ସହ ଅନ୍ୟ କର୍ମଚାରୀଙ୍କୁ ପଚରାଉଚରା କରିଥିଲେ। ତଦନ୍ତ ସମୟରେ ଶିକ୍ଷକ ଶ୍ରୀ ପୃଷେଠ ନିଜ ପକ୍ଷ ରଖି କହିଥିଲେ ଯେ, ସେ ନିଜ ଶିକ୍ଷକ ସଂଘର କିଛି ଦାବି ସମ୍ପର୍କରେ ମନ୍ତ୍ରୀଙ୍କୁ ଭେଟିବା ପାଇଁ ସେଠାକୁ ଯାଇଥିଲେ। ସେହି ସମୟରେ ଫଟୋ ସେସନ ଚାଲିଥିବା ବେଳେ ତାଙ୍କର ମଧ୍ୟ ଫଟୋ ଉଠିଯାଇଥିଲା ବୋଲି ସ୍ପଷ୍ଟୀକରଣ ଦେଇଥିବା ସୂଚନା ମିଳିଛି। ଏବିଇଓ କିଶୋର ଚନ୍ଦ୍ର ଅର୍କ କହିଛନ୍ତି ଯେ, ଘଟଣା ସମ୍ପର୍କରେ ସମସ୍ତ ତଥ୍ୟ ସଂଗ୍ରହ କରାଯାଇଛି ଏବଂ ତଦନ୍ତ ରିପୋର୍ଟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯିବ।ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଶିକ୍ଷା ବିଭାଗ ପକ୍ଷରୁ କି ପଦକ୍ଷେପ ଗ୍ରହଣ କରାଯିବ ସମସ୍ତଙ୍କ ନଜର ରହିଛି।

# ବ୍ଲକ୍‌ସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା



**ରେଢ଼ାଖୋଲ, ୧୧।୬(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆରେ ବ୍ଲକସ୍ତରୀୟ ଲକ୍ଷପତି ଦିଦି କର୍ମଶାଳାରେ ଆୟୋଜିତ ହୋଇଯାଇଛି। ଅତିଥି ମାନେ ମତବ୍ୟକ୍ତ କରିଛନ୍ତି। ସମୃଦ୍ଧ ଓଡ଼ିଶା ଗଠନ ପାଇଁ ମହିଳାମାନେ ସ୍ୱାବଲମ୍ବୀ ସହ ଉଦ୍ୟୋଗୀ ହୋଇ ଆତ୍ମନିର୍ଭରଶିଳ ହେବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ଜୀବିକା ମିଶନ ରେଢ଼ାଖୋଲ ବ୍ଲକ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହାନ୍ତ ଯୋଗ ଦେଇଥିଲେ। ସମ୍ମାନନିୟ ଅତିଥି ଭାବରେ ରେଢ଼ାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ବିଡିଓ ରାଜେନ୍ଦ୍ର ନାରାୟଣ ସେନାପତି, ଶିଶୁ ବିକାଶ ବିଭାଗ ଅଧିକାରୀ ଆରତୀ ମିଶ୍ର, ଜିଲ୍ଲା ପରିଷଦ ସଭ୍ୟ ଶରତ କୁମାର ପ୍ରଧାନ, ଅତିରିକ୍ତ ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ଏନ୍‌ଏସି ନିର୍ବାହୀ ଅଧିକାରୀ ରଞ୍ଜନ କୁମାର ମାର୍ଥା, ବିଜେପି ନଗର ସଭାପତି ସୁଷମା ମୁଣ୍ଡା, କୃଷି ବିଭାଗ ଅଧିକାରୀ ସମଲେଇ ପ୍ରସାଦ ପରିଡ଼ା ପ୍ରମୁଖ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ସଂୟ ସହାୟକ ଗୋଷ୍ଠୀ ମହିଳା ମାନେ ଯୋଗଦେଇ ନିଜ ଉତ୍ପାଦିତ ସାମଗ୍ରୀ ବିକ୍ରୟ ଷ୍ଟଲ ଖୋଲିଥିଲେ। ଶ୍ରେଷ୍ଠ ଏସଏଚ୍‌ଜି ଭାବରେ ଏନ୍‌ଏସି ୱାର୍ଡ ନଂ-୧୧ ବିଶ୍ୱ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରି ସମ୍ମାନିତ କରାଯାଇଥିଲା। କୃଷି ଭିତ୍ତିକ ଉତ୍ପାଦନ ପ୍ରସ୍ତୁତି ପାଇଁ ତ୍ରିବଣପୁର ମା’ଦେବୀ ବୁଢ଼ୀ, ଲୁହାପଙ୍କ ମା’ ମହାମାୟୀ, କରଡ଼ାପାଲ ମା’ଅନ୍ନପୂର୍ଣ୍ଣା, ସୁନ୍ଦର ପ୍ରସ୍ତୁତି ପାଇଁ ଚାରମାଳ ମା’ଉଗ୍ରତାରା, ଚାରମାଳ ଜୟ ଜଗନ୍ନାଥ, ତ୍ରିବଣପୁର ମା’ ଭୈରବୀ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ଶେଷରେ ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସମ୍ପୂର୍ଣ୍ଣ ବାଲ୍ୟବିବାହ ମୁକ୍ତ ହେବ ସମ୍ବଲପୁର ଜିଲ୍ଲା

# ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ ବୈଠକ

ସମ୍ବଲପୁର, ୧୧।୬ (ସମିସ)

ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥ ସମଗ୍ର ଶିକ୍ଷା ସମ୍ମିଳନୀ କକ୍ଷରେ ଆଜି ଅପରାହ୍ନରେ ବାଲ୍ୟ ବିବାହର ସମ୍ପୂର୍ଣ୍ଣ ବନ୍ଦ ଏବଂ କିଶୋରୀମାନଙ୍କ ସଶକ୍ତୀକରଣ ନିମନ୍ତେ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ବୈଠକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମାଜ ମଙ୍ଗଳ ବିଭାଗ, ସମ୍ବଲପୁର ଆନୁକୂଲ୍ୟରେ ଆୟୋଜିତ ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଅଲେଖ ମହାପାତ୍ର, ସଦର ଉପଜିଲ୍ଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା ଏବଂ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପ୍ରତିମା ତନ୍ତୀ ପ୍ରମୁଖ ଉପସ୍ଥିତ ରହି ବାଲ୍ୟବିବାହ ରୋକିବା ପାଇଁ ପ୍ରସ୍ତୁତ କରାଯାଇଥିବା ବିଭିନ୍ନ ରଣନୀତି ଉପରେ ବ୍ୟାପକ ଆଲୋଚନା କରିଥିଲେ। ବୈଠକରେ ଜିଲ୍ଲାପାଳ ଶ୍ରୀ ବୋନ୍ଦର ବାଲ୍ୟବିବାହକୁ ପ୍ରାଥମିକସ୍ତରରୁ ରୋକିବା ପାଇଁ ଜିଲ୍ଲାର ଗ୍ରାମଗୁଡ଼ିକରେ ହେଉଥିବା ସମସ୍ତ ବିବାହର ସଠିକ୍ ରେକର୍ଡ ରଖିବା ପାଇଁ କହିଥିଲେ। ବିବାହ ସରକାରୀ ଭାବେ ପଞ୍ଜୀକୃତ ହୋଇଥାଉ କିମ୍ବା ଅଣପଞ୍ଜୀକୃତ, ଗ୍ରାମସ୍ତରରେ ଏହାର ଏକ ସୂଚୀ ପ୍ରସ୍ତୁତ କରାଯିବ। ଚଳିତ ବର୍ଷ ଗୋଟିଏ ଗାଁରେ କେତୋଟି ବିବାହ ହେଲା ଏବଂ ସେମାନଙ୍କର ବୟସ କେତେ, ତାର ସମ୍ପୂର୍ଣ୍ଣ ତାଲିକା ପ୍ରଶାସନ ପାଖରେ ରହିବ, ଯାହାଦ୍ୱାରା କୌଣସି ବି ପରିସ୍ଥିତିରେ ନାବାଳିକାମାନଙ୍କ ବିବାହକୁ ସହଜରେ ଚିହ୍ନଟ କରାଯାଇ ରୋକାଯାଇପାରିବ। ବାଲ୍ୟ ବିବାହ ସମସ୍ୟା ସବୁ ସ୍ଥାନରେ ସମାନ ନୁହେଁ। ସହରାଞ୍ଚଳରେ ଶିକ୍ଷା ଓ ସଚେତନତା ଯୋଗୁଁ ଏହି ସମସ୍ୟା କମ୍ ଥିବା ବେଳେ, ଗ୍ରାମାଞ୍ଚଳ ଏବଂ ସ୍ୱତନ୍ତ୍ର ଆଦିବାସୀ ଅଞ୍ଚଳରେ କେତେକ ସାଂସ୍କୃତିକ ଓ ସାମାଜିକ କାରଣରୁ ଏହା ଏବେ ମଧ୍ୟ ଦେଖିବାକୁ ମିଳୁଛି ବୋଲି ଜିଲ୍ଲାପାଳ କହିଥିଲେ। ଜିଲ୍ଲା, ସବ୍‌ଡିଭିଜନ, ବ୍ଲକ ଏବଂ ଗ୍ରାମ ପଞ୍ଚାୟତ ସ୍ତରରେ ଗଠିତ ଟାସ୍କ ଫୋର୍ସକୁ ଅଧିକ ସକ୍ରିୟ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ପ୍ରଶାସନର ସଠିକ୍ ପଦକ୍ଷେପ ଯୋଗୁଁ ଅନେକ ବାଲ୍ୟବିବାହ ରୋକାଯାଇ ପାରିଛି। ଆଗାମୀ ସରକାରୀ ଦୁଇବର୍ଷ ପୂର୍ତ୍ତି ଉତ୍ସବ ସୁଦ୍ଧା ପ୍ରତ୍ୟେକ ଗ୍ରାମ ପଞ୍ଚାୟତକୁ ‘ବାଲ୍ୟ ବିବାହ ମୁକ୍ତ ଏବଂ ସୁପୋଷିତ ପଞ୍ଚାୟତ’ ଭାବେ ଗଢ଼ି ତୋଳିବାକୁ ଜିଲ୍ଲାପାଳ ଶ୍ରୀ ବୋନ୍ଦର ସମ୍ବଲପୁରବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ସୂଚନା ଅନୁଯାୟୀ, ସମଗ୍ର ଓଡ଼ିଶାରେ ବାଲ୍ୟ ବିବାହ ହାର ୨୦.୦୫ ପ୍ରତିଶତ ଥିବାବେଳେ ସମ୍ବଲପୁର ଜିଲ୍ଲାରେ ଏହି ହାର ୭.୪ ପ୍ରତିଶତ ରହିଛି। ଜିଲ୍ଲାରେ ଏହି ହାର ରାଜ୍ୟ ହାରଠାରୁ ଯଥେଷ୍ଟ କମ୍ ଥିଲେ ମଧ୍ୟ ଏହାକୁ ସମ୍ପୂର୍ଣ୍ଣ ‘ଶୂନ’ ସ୍ତରକୁ ଆଣିବାପାଇଁ ପ୍ରଶାସନ ପକ୍ଷରୁ ଦୃଢ଼ ସଂକଳ୍ପ ପ୍ରକାଶ କରାଯାଇଛି।




ବୈଠକରେ ଜିଲ୍ଲାର ତିନୋଟି ବ୍ଲକର ୧୨୫ଟି ଗ୍ରାମକୁ ବାଲ୍ୟ ବିବାହମୁକ୍ତ ଘୋଷଣା କରାଯାଇଥିଲା। ରେଙ୍ଗାଲି ବ୍ଲକର ସମସ୍ତ ଗ୍ରାମ ବାଲ୍ୟବିବାହ ମୁକ୍ତ ଘୋଷଣା ହେଲା। ଜିଲ୍ଲା ସଂଯୋଜିକା ଏଡ୍.ଏଟ.ଆକ୍ସନ ସୁନୀତା ତ୍ରିପାଠୀ ସମ୍ବଲପୁର ଜିଲ୍ଲାର ବାଲ୍ୟବିବାହର ସ୍ଥିତି, ସମ୍ପର୍କ ଓ ବାଲ୍ୟ ବିବାହକୁ ରୋକିବା ଓ କିଶୋରୀ ସଶକ୍ତିକରଣ ପାଇଁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥାପନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମ୍ବଲପୁର ମହାନଗର ନିଗମର ଡେପୁଟୀ କମିଶନର ଭିକ୍ଟର ସୋରେଙ୍ଗ, ଡିଏସପି ତାରାବତୀ ପ୍ରଧାନ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର ଜିବିକା ମିଶନ, ଉପଶ୍ରମ ଅଧିକାରୀ, ପାରା ଲିଗାଲ କର୍ମୀ, କିଶୋର ଓ କିଶୋରୀମାନେ ଯୋଗ ଦେଇଥିଲେ। ଆଦର୍ଶ ସ୍ୱେଚ୍ଛାସେବୀ ସଂଗଠନ ସମ୍ପାଦକ ପ୍ରଦୀପ ବେହେରା ଯୋଗଦେଇ ଗ୍ରାମ୍ୟସ୍ତରୀୟ ଶିଶୁ ସୁରକ୍ଷା ସମିତିକୁ କିପରି ସୁଦୃଢ଼ କରାଯାଇପାରିବ ମତପ୍ରଦାନ କରିଥିଲେ। ଶେଷରେ ସରିତା ଦାସ ପ୍ରୋଗ୍ରାମ ଅଫିସର କମ୍ ପ୍ରୋଟେକସନ୍ ଅଫିସର ଧନ୍ୟବାଦ ଅର୍ପଣ କରିଥିଲେ।



ହେମଗିର ଡକାୟତି ଘଟଣାର ପର୍ଦ୍ଦାଫାସ

# ୩ ନାବାଳକଙ୍କ ସମେତ ୬ ଗିରଫ





ରାଉରକେଲା,୧୧।୬(ସମିସ)

ସୁନ୍ଦରଗଡ଼ ଜିଲ୍ଲାର ହେମଗିର ଅଞ୍ଚଳରେ ଜଣେ କାର୍ ଚାଳକଙ୍କୁ ମାଡ଼ମାରି ଟଙ୍କା ଲୁଟ୍ ଘଟଣାର ପର୍ଦ୍ଦାଫାସ କରି ପୁଲିସ ୩ ନାବାଳକଙ୍କ ସମେତ ୬ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ପୁଲିସ ଗୋଟିଏ କାର୍, ୩ ବାଇକ୍, ୨ଟି ଛୁରି, ୪ ମୋବାଇଲ ଫୋନ, ନଗଦ ଟଙ୍କା ସମେତ ଅନ୍ୟାନ୍ୟ ଜିନିଷ ଜବତ କରିଥିବା ସୂଚନା ମିଳିଛି। ଗିରଫ ଅଭିଯୁକ୍ତମାନେ ହେଲେ ହେମଗିରର କରଣ ଦାସ (୨୦), ଅଭିଜିତ କାଉଡି ଓରଫ ପ୍ରଧାନ (୨୦), ପ୍ରେମରାଜ ଭୋଇ(୨୦) ଏବଂ ୩ ଜଣ ନାବାଳକ। ଏନେଇ ଆଜି ସୁନ୍ଦରଗଡ଼ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଅମ୍ରିତପାଲ କୌର ସୂଚନା ଦେଇ କହିଛନ୍ତି ଯେ ଗତ ୩ ତାରିଖ ସନ୍ଧ୍ୟା ସାଢେ ୭ଟାରେ କିଛି ଡକାୟତ ଗ୍ୟାଙ୍ଗ ହେମଗିର ଥାନା ଅଧୀନ କନିକା ଛକରୁ ଏକ ବାଇକ ଚୋରି ଚୋରି କରିଥିବା ନେଇ ଅଭିଯୋଗ ହୋଇଥିଲା। ଏହାପରେ ଗତ ୬ ତାରିଖ ସଂଧ୍ୟା ସାଢେ ୭ଟାରେ ହେମଗିର ଥାନା ଅଞ୍ଚଳରେ ଜଣେ ବାଇକ୍ ଆରୋହୀଙ୍କୁ ମରଣାନ୍ତକ ଆକ୍ରମଣ କରି ତାଙ୍କ ବାଇକକୁ ଲୁଟି ନେଇଥିବାନେଇ ହେମଗିର ଥାନାରେ ରିପୋର୍ଟ ହୋଇଥିଲା। ଏହାପରେ ସେହିଦିନ ବିଳମ୍ବିତ ରାତି ସାଢ଼େ ୧୧ଟାରେ ହେମଗିର ଥାନା ଅଧୀନ ଗର୍ଜନବାହାଲ ଛକରେ ଯଜ୍ଞସିଂହ ମାଝୀ ନାମକ ଜଣେ କାର୍ ଆରୋହୀଙ୍କୁ ଏହି ଗ୍ୟାଙ୍ଗ ଆକ୍ରମଣ କରି ତାଙ୍କ କାର, ନଗଦ ଟଙ୍କା ଓ ମୋବାଇଲ ଫୋନ୍ ଲୁଟି ନେଇଥିଲେ, ଯାହାକି ପୁଲିସର ମୁଣ୍ଡବ୍ୟଥାର କାରଣ ପାଲଟିଥିଲା। ଏହାପରେ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ୩ଟି ସ୍ୱତନ୍ତ୍ର ପୁଲିସ ସ୍କ୍ୱାର୍ଡ ଗଠନ କରାଯାଇଥିଲା। ଏହି ୩ଟି ପୁଲିସ ଦଳ ହେମଗିର ଥାନା ଅଞ୍ଚଳର ସମସ୍ତ ସିସିଟିଭି ଫୁଟେଜର ଆଧାରରେ ବିଭିନ୍ନସ୍ଥାନରେ ଚଢ଼ଉ କରିଥିଲା। ଏହାପରେ ଏହି ଡକାୟତି ଓ ଲୁଟ୍ ଘଟଣାରେ ପୁଲିସ ୩ ଜଣ ନାବାଳକଙ୍କ ସମେତ ୬ ଜଣଙ୍କୁ ଗିରଫ କରିଥିଲା। ୩ ନାବାଳକଙ୍କୁ ଶିଶୁ ସୁଧାର ଗୃହକୁ ପଠା ଯାଇଥିବା ସୂଚନା ଦେଇଥିଲେ। ଏହାସହ ଏହି ଅପରେସନ ବେଳେ ସମସ୍ତ ଲୁଟ୍ ଓ ଚୋରୀ ସାମଗ୍ରୀକୁ ପୁଲିସ ଜବତ କରିଥିବା ସୂଚନା ମିଳିଛି। ଗିରଫ ଅଭିଯୁକ୍ତମାନେ ହେମଗିର, ଭସ୍ମା ଓ ଲେଫ୍ରିପଡ଼ା ଥାନା ଅଞ୍ଚଳରେ ଏକାଧିକ ଚୋରି, ଡକାୟତି, ଘର ଦ୍ୱାର ଭାଙ୍ଗି ଡକାୟତି ଆଦି ଘଟଣାରେ ସମ୍ପୃକ୍ତ ରହିଥିବା ଏସ୍‌ପି ଶ୍ରୀମତୀ କୌର ସୂଚନା ଦେଇଛନ୍ତି। ଅଭିଯୁକ୍ତମାନଙ୍କ ନିକଟରୁ ଲୁଟ୍ ହୋଇଥିବା କାର୍, ୩ଟି ବାଇକ୍, ୫ଟି ମୋବାଇଲ ଫୋନ, ଅଭିଯୋଗକାରୀ ଯଜ୍ଞ ସିଂହ ମାଝୀଙ୍କ ଲୁଟ୍ ମୋବାଇଲ ଫୋନ ଏବଂ ବ୍ୟାଙ୍କ ଚେକ୍ ବୁକ୍, ନଗଦ ୧୫୫୦ ଟଙ୍କା, ୨ଟି ଛୁରୀ, ୪ଟି ଲୁହା ବଳା, ଏକ ଲାଇଟର ପିସ୍ତଲ, ମନିପର୍ସ ଆଦି ଜବତ କରାଯାଇଛି। ଅଭିଯୁକ୍ତ କରଣ ଦାସ ନାଁରେ ହେମଗିର ଥାନାରେ ଡକାୟତି ମାମଲା ରହିଥିବା ବେଳେ ଅଭିଜିତ୍ କାଉଡି ଓରଫ ପ୍ରଧାନ ନାଁରେ ହେମଗିର, ଲେଫ୍ରିପଡା ଏବଂ ଭସ୍ମା ଥାନା ଅଞ୍ଚଳରେ ୬ଟି ଡକାୟତି ଓ ଲୁଟ୍ ମାମଲା ରହିଛି। ଏହି ଗିରଫ ଅଭିଯୁକ୍ତମାନେ ଏକ ବିନା ନମ୍ବର ପ୍ଲେଟ ପଲସାର ବାଇକ୍‌ରେ ରାତିରେ ବୁଲି ପ୍ରଥମେ ଘର ଚିହ୍ନଟ କରୁଥିଲେ। ପରେ ସୁଯୋଗ ଦେଖି ଡକାୟତି, ଚୋରି ଏବ ଲୁଟ୍ ପରି ସଂଗୀନ ଅପାରଧ ଘଟାଉଥିଲେ ବୋଲି ଏସ୍‌ପି ଶ୍ରୀମତୀ କୌର କହିଥିଲେ।

## କାର୍, ୩ ବାଇକ୍, ଛୁରି ଓ ମୋବାଇଲ ଜବତ

# ଜିନ୍ଦଲ ଷ୍ଟିଲ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ




ରାଉରକେଲା,୧୧।୬(ସମିସ): ଜିନ୍ଦଲ ଷ୍ଟିଲ ପକ୍ଷରୁ ବଡ଼ବିଲ ପେଲେଟ ପ୍ଲାଣ୍ଟ, କାଶିଆ ଓ ଟେନସା ମାଇନ୍ସରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାପକ ଚାରାରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶ୍ୱ ପରିବେଶ ଦିବସ ଅବସରରେ ଜିନ୍ଦଲ ଷ୍ଟିଲର ଅଧକ୍ଷ ତଥା କୁରୁକ୍ଷେତ୍ର ସାଂସଦ ନବୀନ ଜିନ୍ଦଲ ସୋସିଆଲ ମିଡିଆରେ ଶୁଭେଚ୍ଛା ଜଣାଇବା ଅବସରରେ କହିଛନ୍ତି, ଭବିଷ୍ୟତ ପିଢ଼ି ପାଇଁ ଆମେ କେମିତି ପୃଥିବୀ ଛାଡ଼ିଯିବୁ, ତାହା କେବଳ ଆମେ କଣ ନିର୍ମାଣ କରିଛୁ ତାହା ଦ୍ୱାରା ନୁହେଁ, ବରଂ ଆମେ କଣ ସଂରକ୍ଷଣ କରିଛୁ ତାହା ଦ୍ୱାରା ମଧ ନିର୍ଦ୍ଧାରିତ ହେବ। ଦେଶ ଯେପରି ନିରନ୍ତର ଉନ୍ନତି ଓ ଅଗ୍ରଗତିର ପଥରେ ଆଗେଇ ଚାଲିଛି, ସେହିପରି ଆମ ବିକାଶର ଯାତ୍ରା, ଜୀବନ ଓ ଜୀବିକାର ଆଧାର ଥିବା ପ୍ରାକୃତିକ ସମ୍ପଦ ଏବଂ ପରିବେଶ ବ୍ୟବସ୍ଥା ପ୍ରତି ସଚେତନ ଓ ଦାୟିତ୍ୱଶୀଳ ହେବା ଆବଶ୍ୟକ। ଏହି ଅବସରରେ ବଡ଼ବିଲ ପେଲେଟ ପ୍ଲାଣ୍ଟ ପରିସରରେ ୟୁନିଟ ହେଡ୍ ସତୀଶ ସିନ୍ଦୁରିଆଙ୍କ ନେତୃତ୍ୱରେ ଏକ ମିନି ମାରାଥନର ଆୟୋଜନ ହୋଇଥିଲା। ଏହା ସହିତ ବ୍ୟାପକ ବୃକ୍ଷରୋପଣ ମଧ ହୋଇଥିଲା। ସେହିପରି କାଶିଆ ମାଇନ୍ସରେ ୟୁନିଟ ହେଡ୍ ପ୍ରମୋଦ ପାତ୍ରଙ୍କ ନେତୃତ୍ୱରେ "ଏକ ପେଡ୍ ମା କେ ନାମ' ଅଭିଯାନରେ ବ୍ୟାପକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ସହିତ ପରିବେଶ ଶପଥଗ୍ରହଣ ଉତ୍ସବ ଓ ପଥପ୍ରାନ୍ତ ନାଟକ ମଧ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ପରିଚାଳନା ଅଧିକାରୀ ରାଜୀବ କୁମାର ଏବଂ ବିକେଟି- ବିଜନେସ ହେଡ୍ ଆଶିଷ ପାଣ୍ଡେ ଯୋଗଦେଇଥିଲେ। ଟେନସା ମାଇନସରେ ମଧ ବିଶ୍ୱ ପରିବେଶ ଦିବସ ବେଶ ଉତ୍ସାହରେ ପାଳିତ ହୋଇଛି। ମାଇନ୍ସ ମୁଖ୍ୟ ରାଜେଶ ପଟେଲ ଓ ମାଇନ୍ସ ମ୍ୟାନେଜର ଭରଦ୍ୱାଜ ରାଉତଙ୍କ ତତ୍ତ୍ୱାବଧାନରେ ଚାରାରୋପଣ, ଶପଥ ଗ୍ରହଣ ଓ ସଫେଇ ଭଳି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକରେ ଫଳ ଚାରାରୋପଣ କରାଯାଇଥିଲା। ସ୍କୁଲ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ସହ ସଚେତନତାମୂଳକ ପଥପ୍ରାନ୍ତ ନାଟକ ଆୟୋଜିତ ହୋଇଥିଲା। ସନ୍ଧ୍ୟାରେ ଦେଓଝର ଜିନ୍ଦଲ ନଗରରେ ପ୍ରକୃତି ସୁରକ୍ଷା ଏବଂ ପ୍ଲାଷ୍ଟିକ ବ୍ୟବହାର ବର୍ଜନ ଆଧାରିତ ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା।

# ପ୍ରାକ୍ ଅବସର କର୍ମଚାରୀ ସଶକ୍ତୀକରଣ କର୍ମଶାଳା 'ରୋଶନୀ'

ରାଉରକେଲା,୧୧।୬(ସମିସ): ରାଉରକେଲା ଇସ୍ପାତ କାରଖାନାର ସିପିଟିଆଇ ଠାରେ ପ୍ରାକୟ ଅବସର କର୍ମଚାରୀ ସଶକ୍ତୀକରଣ କର୍ମଶାଳା "ରୋଶନୀ' ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଅଧିବେଶନରେ



ମୁଖ୍ୟ ମହାପ୍ରବନ୍ଧକ ଏତୱା ଓରାମ୍ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ଭରପ୍ରାପ୍ତ ମହାପ୍ରବନ୍ଧକ ଚିତ୍ତରଞ୍ଜନ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିଲେ। ଜୁଲାଇରେ ଅବସରଗ୍ରହଣ କରିବାକୁ ଥିବା କାରଖାନାର ଜଣେ ଅଧିକାରୀଙ୍କ ସମେତ ୫୭ଜଣ କର୍ମଚାରୀ ଏବଂ ଜୁନ୍ ମାସରେ ସ୍ୱେଚ୍ଛାକୃତ ଅବସର (ଭିଆର୍‌ଏସ୍) ପାଇଁ ସ୍ୱୀକୃତି ପାଇଥିବା ୨୦ ଜଣ କର୍ମଚାରୀ ଏହି ଅଧିବେଶନରେ ଯୋଗ ଦେଇଥିଲେ। ଅବସରକାଳୀନ ସମୟକୁ ସହଜ ଓ ସୁଗମ କରିବା ପାଇଁ ଆବଶ୍ୟକ ହେଉଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକୁ 'ରୋଶନୀ' କର୍ମଶାଳାରେ ସାମିଲ କରାଯାଇଥିଲା। ପରବର୍ତ୍ତୀ ଅଧିବେଶନରେ ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶିବାଲକର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ଏବଂ ଅବସରପରବର୍ତ୍ତୀ ଜୀବନକୁ ଅଧିକ ସୁସ୍ଥ ରଖିବାର କୌଶଳ ବିଷୟରେ ଆଲୋଚନା କରିଥିଲେ। ସାଇବର ସୁରକ୍ଷା ସମ୍ବନ୍ଧୀୟ ବିଷୟ ଉପରେ ଉପମହାପ୍ରବନ୍ଧକ ଭି.ପି. ଆର୍ଯ୍ୟ ଆଲୋଚନା କରିଥିଲେ, ଯେଉଁଠାରେ ସେ ଡିଜିଏଲ୍ ଯୁଗରେ ଇଣ୍ଟରନେଟ୍‌ର ଉପକାରିତା ବିଷୟରେ ବୁଝାଇବା ସହ ଅଂଶଗ୍ରହଣକାରୀଙ୍କୁ ସେମାନଙ୍କର ଡିଜିଟାଲ୍ ଉପସ୍ଥିତିକୁ ସୁରକ୍ଷିତ ରଖିବାରେ ସାହାଯ୍ୟ କରିବା ପାଇଁ ସାଇବର ବିପଦ ଏବଂ ସୁରକ୍ଷା ଦୁନିଆ ବିଷୟରେ ସୂଚନା ପ୍ରଦାନ କରିଥିଲେ।"ଆର୍ଥିକ ଅଧିବେଶନରେ, ଉପ-ପ୍ରବନ୍ଧକ ଡି. କେ. ଦାଶ ସହଜ ଚୂଡ଼ାନ୍ତ ଆର୍ଥିକ ସମାଧାନ ପ୍ରକ୍ରିୟା ଏବଂ ଜୀବନର ପରବର୍ତ୍ତୀ ପର୍ଯ୍ୟାୟରେ ସ୍ଥିରତା ନିଶ୍ଚିତ କରିବା ପାଇଁ ପ୍ରଭାବଶାଳୀ ଆର୍ଥିକ ପରିଚାଳନା ବିଷୟରେ ବୁଝାଇଥିଲେ। ସହକାରୀ ମହାପ୍ରବନ୍ଧକ ପି.ସି. ସାହୁ ଆର୍ଥିକ ସୁରକ୍ଷା ଯୋଜନା ବିଷୟରେ ଆଲୋଚନା କରିଥିଲେ। କାରଖାନାର ଆବାସ ଖାଲି କିମ୍ବା ରଖିବା ନୀତି ସମ୍ପର୍କରେ ଉପ-ପ୍ରବନ୍ଧକ ଭରତ ମହାନ୍ତ ଆଲୋଚନା କରିଥିଲେ। ଏହା ସହିତ 'ସେଲ୍ ମେଡିକ୍ଲେମ ଯୋଜନା' ବିଷୟରେ ମଧ ସୂଚନା ଦିଆଯାଇଥିଲା। ଏସ୍.ପି. ମାଝୀ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏହି କର୍ମଶାଳାର ମୂଳ ଉଦ୍ଦେଶ୍ୟ ହେଉଛି ଅବସର ନେଉଥିବା କର୍ମଚାରୀମାନଙ୍କୁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ କରିବା, ଯେପରି ସେମାନେ ସକାରାନକତା, ଉତ୍ସାହ ଏବଂ ପୂର୍ଣ୍ଣ ପ୍ରସ୍ତୁତିର ସହ ଅବସର ଜୀବନକୁ ଗ୍ରହଣ କରିପାରିବେ ବୋଲି ଜଣାପଡ଼ିଛି।

# ପଦ୍ମାଳୟା ସାଂସ୍କୃତିକ ନ୍ୟାସ୍ ପକ୍ଷରୁ ସାଂସ୍କୃତିକ ମହୋତ୍ସବ




ରାଉରକେଲା,୧୧।୬(ସମିସ): ସ୍ଥାନୀୟ ସେକ୍ଟର-୧୯ ସ୍ଥିତ ସିଭିକ୍‌ସେଣ୍ଟର ଠାରେ ପଦ୍ମାଳୟା ସାଂସ୍କୃତିକ ନ୍ୟାସ, ରାଉରକେଲାର ସାଂସ୍କୃତିକ ମହୋତ୍ସବ -୨୦୨୬ ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ରଘୁନାଥପଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ଏବଂ ଦୀପିକା ମହିଳା ସଂଘତିର ସଭାନେତ୍ରୀ ନମ୍ରତା ବର୍ମା ଯୋଗଦେଇ ସଂସ୍ଥାର ସାଂସ୍କୃତିକ, ସାମାଜିକ ଓ ସେବାମୂଳକ କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ। ଉପସଭାପତି ଗଙ୍ଗାଧର ଦାଶ ସ୍ୱାଗତଭାଷଣ ପ୍ରଦାନ କରିଥିବାବେଳେ ସଭାପତି ବିଭୁ ନାୟକ ସଂଗଠନ ବିଷୟରେ ଆଲୋକପାତ କରିଥିଲେ। ସାଧାରଣ ସମ୍ପାଦିକା ନିଶିପଦ୍ମା ନନ୍ଦ ସଂସ୍ଥାର ବର୍ଷବ୍ୟାପୀ କାର୍ଯ୍ୟକଳାପର ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ସଂଗଠନ ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶେଷ ଆକର୍ଷଣ ସାଜିଥିଲେ ଡିଆଇଡି ସିଜନ -୩ ବିଜେତା ରାଜ ସ୍ମିତା କର ଏବଂ ଓଲିଉଡ୍ ଅଭିନେତ୍ରୀ ଓ ନୃତ୍ୟାଙ୍ଗନା ଜୁଲି କର। ଜୁନିୟର ଓ ସିନିୟର ବିଭାଗର ଗୀତ ଏବଂ ନୃତ୍ୟ ପ୍ରତିଯୋଗିତା ସହିତ ମହିଳାମାନଙ୍କ ପାଇଁ ଆୟୋଜିତ ମଡେଲିଂ ଓ ପୋଡ଼ପିଠା ପ୍ରତିଯୋଗିତାର ବିଜେତାମାନଙ୍କୁ ସଂସ୍କୃତି ରାଣୀ ସମ୍ମାନ ଏବଂ ପିଠା ପରମ୍ପରା ସମ୍ମାନ ପ୍ରଦାନ କରାଯାଇଥିଲା।

ଚୌଧୁରୀ ଏନ୍‌କେ. ନନ୍ଦ, ଜଗନ୍ନାଥ ରାଉତ, ସୁମନ ଦତ୍ତ ଓ ସାଙ୍ଗଠନିକ ସମ୍ପାଦକ ମୁକ୍ତିକାନ୍ତ ବେହେରା ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଝିଲୀମା ମହାନ୍ତି ଓ ଶ୍ୱେତାଲୀନା ମହାପାତ୍ର ସଞ୍ଚାଳନ କରିଥିଲେ। ଏଥିରେ ମିନତୀ ତ୍ରିପାଠୀ, ବିଷ୍ଣୁପ୍ରିୟା ଦାଶ, ବେଣୁଧର ଦାସ, ଅଶୋକ ପଟେଲ, ଅନିତା ମହାନ୍ତି, ବଟକୃଷ୍ଣ ସାହୁ, ବିମଳ ପଟ୍ଟନାୟକ, ମୀନା ପଟ୍ଟନାୟକ, ଦେବାଶିଷ ପାଣିଗ୍ରାହୀ, ଭାଗ୍ୟଶ୍ରୀ ପଣ୍ଡା, ଶଶାଙ୍କ ପଣ୍ଡା, ଲୀନା ସେନାପତି, ମଞ୍ଜୁଲତା ମୋହିନୀ, ମମତା ବାରିକ, ନିରୁପମା ନାୟକ, ପ୍ରାଞ୍ଜଳି ନାଗ, ବନୋଜ ଦାସ ଓ ରଜତ କୁମାର ସାହୁ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ର ଓ ସଙ୍ଗୀତ ପରିଚାଳନାରେ ଗୁରୁ ଶ୍ୟାମସୁନ୍ଦର ପଟ୍ଟନାୟକ ଏବଂ ତାଙ୍କ ଦଳ ଉଲ୍ଲେଖନୀୟ ସହଯୋଗ କରିଥିଲେ। ସୁମନ ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

ଲହୁଣୀପଡ଼ା,୧୧।୬(ସମିସ): ଲହୁଣୀପଡ଼ା ଥାନା ଅଧୀନ ରୁଗୁଡ଼ା ଗ୍ରାମରେ ଜଣେ ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତକ ହେଲେ ନବରଙ୍ଗପୁର ଜିଲ୍ଲା ରଙ୍ଗାମାଟିଗୁଡା ଅଞ୍ଚଳର ଜଗନ୍ନାଥ ଭୂମିଆ (୩୫)। ସୂଚନା ଅନୁଯାୟୀ, ଜଗନ୍ନାଥ ଓ ଅନ୍ୟ କିଛି ଶ୍ରମିକ ରୁଗୁଡା ଗ୍ରାମରେ ରହି ଏକ କମ୍ପାନୀରେ କାମ କରୁଥିଲେ। ଗତକାଲି ରାତିରେ ଖାଇସାରି ଶୋଇଥିବାବେଳେ କିଛି ସମୟ ପରେ ସେ ନିଶ୍ୱାସ-ପ୍ରଶ୍ୱାସ ନେବାରେ ଅସୁବିଧା ଅନୁଭବ କରିଥିଲେ। ସହକର୍ମୀମାନେ ତାଙ୍କୁ ତୁରନ୍ତ ବଣାଇ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତଘୋଷଣା କରିଥିଲେ। ଖବରପାଇ ଲହୁଣୀପଡ଼ା ପୁଲିସ ହସ୍ପିଟାଲରେ ପହଞ୍ଚି ଶବ ଜବତ କରିଥିଲା। ବ୍ୟବଚ୍ଛେଦ ପରେ ଶବକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଲହୁଣୀପଡ଼ା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବାବେଳେ ପୁଲିସ ତଦନ୍ତ ଜାରି ରଖିଛି।

# ଆର୍‌ଏସ୍‌ପି ପକ୍ଷରୁ 'ଉଚ୍ଚତା ସୁରକ୍ଷା' କର୍ମଶାଳା

ରାଉରକେଲା,୧୧।୬(ସମିସ): କାର୍ଯ୍ୟକ୍ଷେତ୍ରର ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ଏକ ମଜଭୁତ ସୁରକ୍ଷା ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ନିଜର ନିରନ୍ତର ପ୍ରୟାସର ଏକଅଂଶ ସ୍ୱରୂପ, ଆର୍‌ଏସ୍‌ପି ପକ୍ଷରୁ ଗତ ୬ ତାରିଖରେ 'ଉଚ୍ଚତା ସୁରକ୍ଷା କର୍ମଶାଳା ଏବଂ ପ୍ରଦର୍ଶନ କାର୍ଯ୍ୟକ୍ରମ' ଆୟୋଜିତ ହୋଇଯାଇଛି। ଉଚ୍ଚ ସ୍ଥାନଗୁଡ଼ିକରେ କାମ କରିବା ସମୟରେ ସୁରକ୍ଷିତ କାର୍ଯ୍ୟ ପଦ୍ଧତି ବିଷୟରେ ସଚେତନତା ଏବଂ ଦକ୍ଷତା ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କାରଖାନାର ବିଭିନ୍ନ ବିଭାଗରୁ ଅଧିକାରୀ, ବିଭାଗୀୟ ମୁଖ୍ୟ, ବିଭାଗୀୟ ସୁରକ୍ଷା ଅଧିକାରୀ ଏବଂ ଆଞ୍ଚଳିକ ସୁରକ୍ଷା ଅଧିକାରୀଙ୍କ ସମେତ ସର୍ବମୋଟ ୬୫ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏହି କର୍ମଶାଳାରେ ଉଚ୍ଚତାରେ କାମ କରିବା ସହ ଜଡ଼ିତ ବିପଦ ଏବଂ ଏଭଳି କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଆବଶ୍ୟକ ପ୍ରତିଷେଧକମୂଳକ ପଦକ୍ଷେପ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଉଚ୍ଚ ସ୍ଥାନଗଡ଼ିକରେ ରକ୍ଷଣାବେକ୍ଷଣ ଏବଂ ନିର୍ମାଣ କାର୍ଯ୍ୟ କରିବା ସମୟରେ ମାନକ ସୁରକ୍ଷା ପ୍ରକ୍ରିୟା ପାଳନ କରିବା, ଉପଯୁକ୍ତ ବ୍ୟକ୍ତିଗତ ସୁରକ୍ଷା ଉପକରଣ ବ୍ୟବହାର କରିବା ଏବଂ ସୁରକ୍ଷିତ କାର୍ଯ୍ୟ ଶୈଳୀ ଆପଣାଇବା ଗୁରୁତ୍ୱ ବିଷୟରେ ଅଂଶଗ୍ରହଣକାରୀଙ୍କୁ ସଚେତନ କରାଯାଇଥିଲା। ଉଚ୍ଚତାରେ କାମ କରିବା ସମୟରେ କୌଣସି ଦୁର୍ଘଟଣା ଘଟିଲେ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ଏବଂ ଉଦ୍ଧାର କୌଶଳ ବିଷୟରେ ମଧ ଅଂଶଗ୍ରହଣକାରୀମାନଙ୍କୁ ଅବଗତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ଷେତ୍ରରେ ଏଭଳି ନିୟମିତ ଦକ୍ଷତା ବିକାଶ ପ୍ରୟାସ, ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଏବଂ ସର୍ବୋତ୍ତମ ସୁରକ୍ଷା ପଦ୍ଧତି ଆପଣାଇବା ଦ୍ୱାରା ଆର୍‌ଏସ୍‌ପିର ସୁରକ୍ଷା ପ୍ରୟାସ ସୁଦୃଢ଼ ହେବ ଏବଂ ଏକ ସୁରକ୍ଷିତ ଓ ଦୁର୍ଘଟଣାମୁକ୍ତ କାର୍ଯ୍ୟକ୍ଷେତ୍ର ଗଠନ କରିବାରେ ସାହାଯ୍ୟ ମିଳିବ। କାର୍ଯ୍ୟକ୍ରମର ପ୍ରାରମ୍ଭରେ, ଜିଏମ୍ (ଅଗ୍ନିଶମ ସେବା) ଶ୍ରୀ ପି.ଏସ୍. ଠାକରେ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ କରିଥିଲେ। ଅଗ୍ନିଶମ ସେବା ବିଭାଗର ଉପପ୍ରବନ୍ଧକ ଏସ୍. ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୧ ଦଫା ଦାବିନେଇ ଗାଙ୍ଗପୁର ମଜଦୁର ମଞ୍ଚ ପକ୍ଷରୁ ଆନ୍ଦୋଳନ

ରାଉରକେଲା,୧୧।୬(ସମିସ) : ଗାଙ୍ଗପୁର ମଜଦୁର ମଞ୍ଚ ପକ୍ଷରୁ ଗାଙ୍ଗପୁର ମଜଦୁର ମଞ୍ଚର ସଭାପତି ତଥା ବିଧାୟକ ରୋହିତ ତିର୍କୀ, ସାଧାରଣ ସମ୍ପାଦକ ଗୋପାଳ ଦାସଙ୍କ ନେତୃତ୍ୱରେ ଆଜି ବିଶ୍ରା ଛକରେ ବିଭିନ୍ନ ୧୧ ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାଉରକେଲା ଇସ୍ପାତ କାରଖାନାରେ କାର୍ଯ୍ୟରତ କର୍ମଚାରୀମାନଙ୍କ ଶ୍ରମିକମାନଙ୍କ ୩୯ ମାସର ବକେୟା ଆର୍‌ଏସ୍‌ପି ପକ୍ଷରୁ ପ୍ରଦାନ କରାନଯିବା, ଅବସରପ୍ରାପ୍ତ କର୍ମଚାରୀମାନେ ତାଙ୍କର ଜୀବନସଞ୍ଚିତ ଅର୍ଥରେ ଲାଇସେନ୍ସରେ ପାଇଥିବା ପୁରୁଣା ଦଦରା ଘରକୁ ବାସପଯୋଗୀ କରିଥିବା ଘରକୁ ଭାଙ୍ଗିବା ପାଇଁ ଆର୍‌ଏସ୍‌ପି ପକ୍ଷରୁ ନୋଟିସ ଦିଆଯିବା, ୩୫ ଜଣ କର୍ମଚାରୀଙ୍କୁ ଟାଉନସିପରୁ ପ୍ଲାଣ୍ଟ ଭିତରକୁ ଏକତରଫା ଏବଂ ଆବଶ୍ୟକ ଅନୁସାରେ ଚୟନ କରିବା ପଦ୍ଧତିରେ ସ୍ଥାନାନ୍ତରିତ କରିବା ଭଳି ଶ୍ରମିକ ବିରୋଧୀ ନିଷ୍ପତ୍ତି ପାଇଁ ରାଉରକେଲା ସହରରେ ଭୟ ଏବଂ ଆତଙ୍କ ବାତାବରଣ ସୃଷ୍ଟି ହୋଇଛି। ତେଣୁ ଗାଙ୍ଗପୁର ମଜଦୁର ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ୧୧ ଦଫା ଦାବି ମଧ୍ୟରେ ୩୯ ମାସର ବକେୟାକୁ ପ୍ରଦାନ କରାଯିବା, ଗ୍ରାଚ୍ୟୁଇଟି ସୀମା ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବା, ବୋନସ ସୀମା ପ୍ରତ୍ୟାହାର କରିବା, ଠିକା ଶ୍ରମିକମାନଙ୍କୁ କେନ୍ଦ୍ରୀୟ ନ୍ୟୁନତମ ମଜୁରିକୁ ଲାଗୁ କରିବା ଇତ୍ୟାଦି ଅନ୍ତର୍ଭୁକ୍ତ। ଏଥି ସହିତ ଚାକିରିର ସୁରକ୍ଷା ପାଇଁ ଶ୍ରମିକ ବିରୋଧୀ ଲେବରକୋର୍ଡକୁ ପ୍ରତ୍ୟାହାର କରିବା, ମନମୁଖୀ ଓ ଅଯୌକ୍ତିକ ବଦଳି ତୁରନ୍ତ ବନ୍ଦ କରିବା, ଇସ୍ପାତ କାରଖାନାର ଘରୋଇକରଣର ଷଡଯନ୍ତ୍ର ବନ୍ଦ କରିବା, ବିସ୍ଥାପିତ ପରିବାରଙ୍କୁ ସ୍ଥାୟୀ ଚାକିରି ଦେବା, ଆବାସର ସୁରକ୍ଷା ପାଇଁ କ୍ୱାର୍ଟର୍ସ ରଖିବା ପାଇଁ ପୁରୁଣା ନୀତି ପୂର୍ବଭଳି ଜାରି ରଖାଯିବା ପାଇଁ ଦାବି କରାଯାଇଛି। ଏହାସହ ଲାଇସେନ୍ସଧାରୀ କ୍ୱାର୍ଟର୍ସ ଖାଲି କରିବା ନୋଟିସକୁ ମଧ ପ୍ରତ୍ୟାହାର କରାଯିବାକୁ ଦାବି କରାଯାଇଛି।

# ପରୀକ୍ଷା ଶେଷ ହେବାର ଦୁଇଦିନରେ ଫଳ ପ୍ରକାଶ

ରାଉରକେଲା, ୧୧।୬(ସମିସ)

ଦକ୍ଷତା, ବୈଷୟିକ ଉତ୍କର୍ଷତା ଏବଂ ଛାତ୍ରକେନ୍ଦ୍ରିକ ପ୍ରଶାସନ ପ୍ରତି ପ୍ରତିବଦ୍ଧତାର ଆଉ ଏକ ଅନନ୍ୟ ନିଦର୍ଶନ ସ୍ୱରୂପ, ଓଡିଶାର ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି) ପୁଣିଥରେ ଚୂଡ଼ାନ୍ତ ପରୀକ୍ଷା ଶେଷ ହେବାର ମାତ୍ର ଦୁଇ ଦିନ ମଧ୍ୟରେ ଯୁଗ୍ମ ସେମିଷ୍ଟାର ପରୀକ୍ଷା ୨୦୨୫/୨୬ର ଫଳ ପ୍ରକାଶ କରିଛି। ଏଥିସହିତ ବିଶ୍ୱବିଦ୍ୟାଳୟ ପୂର୍ବଯୁଗ୍ମ ସେମିଷ୍ଟାର ପରୀକ୍ଷା ସମୟରେ ସ୍ଥାପନ କରିଥିବାନିଜର ରେକର୍ଡକୁ ସଫଳତାର ପୁନରାବୃତ୍ତି କରାଯାଇଛି। ବିପିୟୁଟି ପକ୍ଷରୁ ବିଟେକ୍, ବି.ଆର୍କ, ବି.ଫାର୍ମ, ବିସିଏ, ବିବିଏ, ଏମ.ଏସ୍.ସି, ଏମ.ଟେକ୍, ଏମବିଏ ଏବଂ ଏମ୍‌ସିଏ ପାଠ୍ୟକ୍ରମର ଯୁଗ୍ମ ସେମିଷ୍ଟାର ପରୀକ୍ଷାଗୁଡ଼ିକ ୨୦୨୬ ଏପ୍ରିଲ ୨୯ରୁ ଆରମ୍ଭ ହୋଇ ୨୦୨୬ ଜୁନ୍ ୮ ତାରିଖରେ ଶେଷ ହୋଇଥିଲା। ବିଶ୍ୱବିଦ୍ୟାଳୟର ଅନୁବନ୍ଧିତ ଶିକ୍ଷାନୁଷ୍ଠାନଗୁଡ଼ିକରେ ପରିଚାଳିତ ଏହି ପରୀକ୍ଷାରେ ସମୁଦାୟ ୯୩,୩୬୨ ପରୀକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ରାଜ୍ୟସାରା ଚିହ୍ନିତ ହୋଇଥିବା ୫୨ ନୋଡାଲ୍ କେନ୍ଦ୍ର ମାଧ୍ୟମରେ ସମୁଦାୟ ୫,୦୯,୫୧୫ ଉତ୍ତରଖାତାର ଡିଜିଟାଲ୍ ମୂଲ୍ୟାଙ୍କନ ୧୫୪୧ ଜଣ ପଞ୍ଜୀକୃତ ଅଧ୍ୟାପକଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ ପରୀକ୍ଷାର ମୂଲ୍ୟାଙ୍କନ ପ୍ରକ୍ରିୟା ଶେଷ ହେବା ପରେ, ବିପିୟୁଟିର କୁଳପତି ପ୍ରଫେସର ଅମିୟ କୁମାର ରଥଙ୍କ ଅଧ୍ୟକ୍ଷତାରେ ୨୦୨୬ ଜୁନ୍ ୧୦ ତାରିଖରେ ବିଶ୍ୱବିଦ୍ୟାଳୟର ପରୀକ୍ଷା ପରିଚାଳନା ବୋର୍ଡର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଡିନ୍ ଏବଂ ମନୋନୀତ ସଦସ୍ୟମାନଙ୍କୁ ନେଇ ଗଠିତ ବୋର୍ଡ ବିଶ୍ୱବିଦ୍ୟାଳୟର ନିୟମାବଳୀର ପ୍ରାବଧାନ ଅନୁଯାୟୀ ପରୀକ୍ଷା ଫଳାଫଳର ସମୀକ୍ଷା କରିବା ସହ ଏହାକୁ ଅନୁମୋଦନ କରିଥିଲେ। ଏହାପରେ ବିଶ୍ୱବିଦ୍ୟାଳୟ ପକ୍ଷରୁ, ପରୀକ୍ଷା ଶେଷ ହେବାର ମାତ୍ର ଦୁଇ ଦିନ ପରେ ଅର୍ଥାତ୍ ୨୦୨୬ ଜୁନ୍ ୧୦ ତାରିଖ ସନ୍ଧ୍ୟାରେ ୨୦୨୫-୨୬ର ଯୁଗ୍ମ ସେମିଷ୍ଟାର ପରୀକ୍ଷା ଫଳାଫଳ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଥିଲା।



ସୂଚନାଯୋଗ୍ୟ, ବିପିୟୁଟି ପୂର୍ବରୁ ୨୦୨୫-୨୬ର ଅଯୁଗ୍ମ ସେମିଷ୍ଟାର ପରୀକ୍ଷା (ଫେଜ୍-୨) ସମୟରେ ମଧ ଏଭଳି ଏକ ମାଇଲଖୁଣ୍ଟ ସ୍ଥାପନ କରିଥିଲା। ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ପରୀକ୍ଷା ଶେଷ ହେବାର ଦୁଇଦିନ ମଧ୍ୟରେ ଫଳାଫଳ ପ୍ରକାଶ କରିଥିଲା। ପରୀକ୍ଷା ପରିଚାଳନାରେ ଏହି ଅସାଧାରଣ ଦକ୍ଷତା ପାଇଁ ବିଶ୍ୱବିଦ୍ୟାଳୟକୁ "ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ' ଏବଂ "ଏସିଆ ବୁକ୍ ଅଫ୍ ରେକର୍ଡସ'ରେ ସ୍ଥାନ ମିଳିବା ସହ ଏହି ସଫଳତା ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ସ୍ୱୀକୃତି ଲାଭ କରିଥିଲା।






# ଫିଫା ବିଶ୍ୱକପ୍ ଉଦ୍‌ଘାଟିତ

ମେକ୍ସିକୋ ସିଟି,୧୧।୬(ଏଜେନ୍ସି): ବର୍ଷ ବର୍ଷ ଧରି ପ୍ରତୀକ୍ଷାର ଅନ୍ତଃ ଶେଷ ହୋଇଛି। ଦୀର୍ଘ ୪ ବର୍ଷର ବ୍ୟବଧାନ ପରେ ଫିଫା ବିଶ୍ୱକପ୍‌ର ଆଉ ଏକ ବା ୨୩ତମ ସଂସ୍କରଣ ଏହାର ସଭାପତି ଗିଆନି ଇନ୍‌ଫାଣ୍ଟିନୋ ଏବଂ ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ସେନ୍‌ବାମଙ୍କ ଦ୍ୱାରା ଆନୁଷ୍ଠାନିକ ଉଦ୍‌ଘାଟିତ ହୋଇଯାଇଛି। ମେକ୍ସିକୋ ଓ ବିଶ୍ୱର ନେତୃବୃନ୍ଦ ଓ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ଖେଳାଳି ଓ ଦର୍ଶକଙ୍କ ଉପସ୍ଥିତିରେ ସର୍ବବୃହତ୍ ବିଶ୍ୱକପ୍‌ର ଶୁଭ ଉଦ୍‌ଘାଟନ ହୋଇଛି। କିଂବଦନ୍ତୀ ଫୁଟବଲ ତାରକା, ପ୍ରଶାସକ, ସମର୍ଥକଙ୍କ ଉପସ୍ଥିତିରେ ଫୁଟବଲ ଖେଳର ମହାକୁମ୍ଭ ଆରମ୍ଭ ହୋଇଛି। ଏଥର ବିଶ୍ୱକପ୍‌ରେ ସର୍ବାଧିକ ୪୮ ଟି ଟିମ୍ ଭାଗନେଇଥିଲ ବେଳେ ୩୯ ଦିନରେ ସର୍ବାଧିକ ୧୦୪ଟି ମ୍ୟାଚ୍ ଖେଳାଯିବ। ପ୍ରଥମଥର ଲାଗି ୩ଟି ଦେଶ ଯଥା ଆମେରିକା, ମେକ୍ସିକୋ ଓ କାନାଡାରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଛି। ଏଭଳି ସ୍ଥିତିରେ ଚଳିତ ବିଶ୍ୱକପ୍ ସମସ୍ତ ରେକର୍ଡକୁ ଅତିକ୍ରମ କରିବ ବୋଲି କୁହାଯାଉଛି। ଆର୍ଜେଣ୍ଟିନା ଏଠାରେ ଟାଇଟଲ ରକ୍ଷା କରିବାକୁ ଯୋଜନା କରୁଥିଲାବେଳେ ଏହାର ତାରକା ଖେଳାଳି ଲିଓନେଲ ମେସି ଓ ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲ୍ଡୋ ୬ଷ୍ଠ ଥର ଲାଗି ବିଶ୍ୱକପ୍‌ରେ ଭାଗନେଇ ଇତିହାସ ସୃଷ୍ଟି କରିଛନ୍ତି। ଏଥର ଅଧିକ ମ୍ୟାଚ୍ ଖେଳାଯାଉଥିବାରୁ ବିଶ୍ୱକପ୍‌ର ଏକାଧିକ ରେକର୍ଡ ଭାଙ୍ଗିଯିବ ବୋଲି ଅନୁମାନ କରାଯାଇଛି।

### ଆକର୍ଷଣୀୟ ଉଦ୍‌ଘାଟନୀ ଉତ୍ସବ

ଟୁର୍ଣ୍ଣାମେଣ୍ଟ ଆରମ୍ଭ ପୂର୍ବରୁ ମେକ୍ସିକୋର କଳା, ସଂସ୍କୃତି, ଆଧୁନିକ ବିଜ୍ଞାନର ଉନ୍ନତି ଉପରେ ଉଦ୍‌ଘାଟନୀ ଉତ୍ସବରେ ପ୍ରଦର୍ଶିତ ହୋଇଥିଲା। ବିଶ୍ୱର ପ୍ରସିଦ୍ଧ ପପ୍ ଗାୟିକା ସାକିରା ଓ ଆଲଜେରିଆର ଖ୍ୟାତନାମା ଗାୟକ ବୁର୍ଣ୍ଣା ବୟ ଷ୍ଟାଡିୟମ୍‌ରେ ଉପସ୍ଥିତ ଦର୍ଶକଙ୍କୁ ଉଲ୍ଲସିତ କରିବାରେ ସମର୍ଥ ହୋଇଥିଲେ। ବିଶ୍ୱକପ୍ ସଙ୍ଗୀତ ଦାଏ ଦାଏ ପରିବେଷଣ କରିବା ସହ ନୃତ୍ୟରେ ଦର୍ଶକଙ୍କୁ ବିମୋହିତ କରିଥିଲେ। ଇଟାଲୀର ମାର୍କୋ ବାଲିଚ୍ ଏହି ଉତ୍ସବର କ୍ରିଏଟିଭ୍ ମୁଖ୍ୟ ରହିଥିଲେ। ଶୀତକାଳୀନ ଅଲିମ୍ପିକ୍ କ୍ରୀଡ଼ା ଉଦ୍‌ଘାଟନୀ ଉତ୍ସବ ଆୟୋଜନ କରି ମାର୍କୋ ବାଲିଚ୍ ଖ୍ୟାତି ଲାଭ କରିଥିଲେ। ମେକ୍ସିକୋରେ କଲିମ୍ବିଆ ଷ୍ଟାର ଜେ ବାଲଭିନ୍ ଓ ଦକ୍ଷିଣ ଆଫ୍ରିକା ଗାୟିକା ତାଇଲା ଦର୍ଶକଙ୍କୁ ଉତ୍ତେଜନାରେ ଭରିଦେଇଥିଲେ। ଅନ୍ୟ ତାରକାମାନଙ୍କ ମଧ୍ୟରେ ଆଲେଜାଣ୍ଡ୍ରୋ ଫର୍ଣ୍ଣାଣ୍ଡିଜ୍, ବେଲିଣ୍ଡା, ଡାନ୍ନି ଓସେନ୍, ଜେ. ବାଲଭିନ୍, ଲିଲା ଡାଉନ୍ସ, ଲସ୍‌ଏଞ୍ଜେଲ୍ସ ଆଜୁଲେସ୍, ମାନା ଓ ଟିଲା ମଧ୍ୟ ଅଫିସିଆଲ ଫିଫା ସଙ୍ଗୀତ ପରିବେଷଣରେ ସହଯୋଗ କରିଥିଲେ।








### ଫିଫା ବିଶ୍ୱକପ୍ ମୁକାବିଲା

- ଜୁନ୍-୧୨, ଶୁକ୍ରବାର ରାତି
- କାନାଡା - ବୋସ୍‌ନିଆ
- ଟରଣ୍ଟୋ-ରାତି ୧୨ଟା୩୦
- ଜୁନ୍-୧୩ ସକାଳ
- ପାରାଗୁଏ-ଆମେରିକା
- ଲସ୍‌ଏଞ୍ଜେଲସ-ସକାଳ ୬ଟା୩୦





# ଭାରତୀୟ ଜୁନିଅର ଦଳରେ ଦ୍ରାବିଡ୍‌ଙ୍କ ପୁଅ ଅନ୍ୱୟ



ନୂଆଦିଲ୍ଲୀ, ୧୧।୬ (ଏଜେନ୍ସି): କିମ୍ବଦନ୍ତୀ ଭାରତୀୟ କ୍ରିକେଟର୍ ରାହୁଲ ଦ୍ରାବିଡ୍‌ଙ୍କ ସାନ ପୁଅ ଅନ୍ୱୟ ଦ୍ରାବିଡ୍ ଭାରତୀୟ ଜୁନିଅର ଦଳରେ ସ୍ଥାନ ପାଇଛନ୍ତି। ଆଗାମୀ ଶ୍ରୀଲଙ୍କା ବିପକ୍ଷ ଦିନିକିଆ ସିରିଜ ଲାଗି ଗୁରୁବାର ବିସିସିଆଇ ପକ୍ଷରୁ ୧୯ ବର୍ଷରୁ କମ୍ ଭାରତୀୟ ଦଳ ଘୋଷଣା କରାଯାଇଥିଲା। ଘୋଷିତ ୧୫ ଜଣିଆ ଦଳରେ ୱିକେଟ୍‌କିପର ବ୍ୟାଟର୍ ଅନ୍ୱୟଙ୍କୁ ସୁଯୋଗ ମିଳିଛି। ଯଶବର୍ଦ୍ଧନ ସିଂହ ଚୌହାନଙ୍କୁ ଏହି ଦଳର ନେତୃତ୍ୱ ଭାର ଦିଆଯାଇଛି। ୧୭ ବର୍ଷୀୟ ଅନ୍ୱୟ ଗତବର୍ଷ ବିସିସିଆଇର ବିନୁ ମଙ୍କଡ଼ ଟ୍ରଫିରେ କର୍ଣ୍ଣାଟକ ଦଳର ନେତୃତ୍ୱ ନେଇଥିଲେ। ତାଙ୍କ ନେତୃତ୍ୱରେ କର୍ଣ୍ଣାଟକ କ୍ୱାର୍ଟର ଫାଇନାଲ ପର୍ଯ୍ୟନ୍ତ ପ୍ରବେଶ କରିପାରିଥିଲା। ଅନ୍ୱୟ ଏହି ଟୁର୍ଣ୍ଣାମେଣ୍ଟରେ ୬ଟି ମ୍ୟାଚ ଖେଳି ୨୨୦ ରନ ସଂଗ୍ରହ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ଏଥିପୂର୍ବରୁ ଦ୍ରାବିଡଙ୍କ ବଡ଼ ପୁଅ ସମିତ ୨୦୨୪ରେ ଭାରତୀୟ ୧୯ ବର୍ଷରୁ କମ୍ ଦଳରୁ ପ୍ରତିନିଧିତ୍ୱ କରିସାରିଛନ୍ତି। ସେହିଭଳି ରାହୁଲ ଦ୍ରାବିଡ ୯୦ ଦଶକର ପ୍ରାରମ୍ଭରେ ଭାରତୀୟ ଜୁନିଅର ଦଳରୁ ଖେଳି ଜାତୀୟ ଦଳରେ ସୁଯୋଗ ପାଇଥିଲେ।

# ୱିମ୍ବଲଡନ୍ ବିଜେତା ପାଇବେ ୪୬ କୋଟି

ଲଣ୍ଡନ, ୧୧।୬ (ଏଜେନ୍ସି): ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନର ୧୩୯ତମ ସଂସ୍କରଣ ଜୁନ ୨୯ରୁ ଲଣ୍ଡନରେ ଆରମ୍ଭ ହେବାକୁଯାଉଛି। ଏଥିଲାଗି ୱିମ୍ବଲଡନ ଆୟୋଜକ ଅଲ୍‌ଇଂଲଣ୍ଡ ଲନ୍ ଟେନିସ କ୍ଲବ (ଏଇଏଲ୍‌ଟିସି) ପକ୍ଷରୁ ଆଗାମୀ ସଂସ୍କରଣ ଲାଗି ପୁରସ୍କାର ରାଶି ବୃଦ୍ଧି କରାଯାଇଛି। ଗତ ସଂସ୍କରଣ ଅପେକ୍ଷା ଏଥର ମୋଟ୍ ପୁରସ୍କାର ରାଶିରେ ୨୦ ପ୍ରତିଶତ ବୃଦ୍ଧି ହୋଇଛି। ଏଥର ପୁରସ୍କାର ବାବଦକୁ ମୋଟ୍ ୬୨.୨ ପାଉଣ୍ଡ (ଭାରତୀୟ ମୁଦ୍ରାରେ ପ୍ରାୟ ୮୨୧ କୋଟି) ପ୍ରଦାନ କରାଯିବ। ଅର୍ଥାତ୍ ଗତ ସଂସ୍କରଣଠାରୁ ଏଥର ୧୩୭ କୋଟି ଟଙ୍କା ଅଧିକ ପୁରସ୍କାର ରାଶି ରହିଛି। ଏଥର ୱିମ୍ବଲଡନରେ ପୁରୁଷ ଓ ମହିଳା ସିଙ୍ଗଲ୍ସରେ ଚାମ୍ପିଅନ ହେବାକୁ ଥିବା ଖେଳାଳିଙ୍କୁ ୩.୬ ମିଲିୟନ ପାଉଣ୍ଡ (୪୫ କୋଟି ୯୮ ଲକ୍ଷ ଟଙ୍କା) ଅର୍ଥରାଶି ଦିଆଯିବ। ସେହିଭଳି ଯେଉଁ ଖେଳାଳି ପୁରୁଷ ଓ ମହିଳା ସିଙ୍ଗଲ୍ସରେ ରନର୍ସଅପ୍ ହେବେ ତାଙ୍କୁ ପାଖାପାଖି ୨୩ କୋଟି ଟଙ୍କା ମିଳିବ। ଅପରପକ୍ଷରେ ସିଙ୍ଗଲ୍ସ ବିଭାଗର ପ୍ରଥମ ରାଉଣ୍ଡରେ ହାରି ବିଦାୟ ନେଇଥିବା ଖେଳାଳି ଏକ କୋଟି ୨ ଲକ୍ଷ ଟଙ୍କା ସାଥୀରେ ଘରକୁ ନେଇ ଆସିବ।

■ ଅଷ୍ଟ୍ରେଲିଆର ଭୟଙ୍କର ବିପର୍ଯ୍ୟୟ

# ବାଂଲାଦେଶର ଐତିହାସିକ ସିରିଜ ବିଜୟ

ମିରପୁର, ୧୧।୬ (ଏଜେନ୍ସି): ବାଂଲାଦେଶ କ୍ରିକେଟ୍ ଦଳ ଏହାର ଦିନିକିଆ ଇତିହାସରେ ସବୁଠାରୁ ସ୍ମରଣୀୟ ସିରିଜ ବିଜୟ ସ୍ୱାଦ ଚାଖିଛି। ଗୁରୁବାର ଏଠାରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ବିପକ୍ଷରେ ଅନୁଷ୍ଠିତ ଦ୍ୱିତୀୟ ଦିନିକିଆକୁ ବାଂଲାଦେଶ ଡିଏଲ୍ ପଦ୍ଧତିରେ ୫ ୱିକେଟ୍‌ରେ ବିଜୟୀ ହୋଇଛି। ପୂର୍ବରୁ ପ୍ରଥମ ମ୍ୟାଚରେ ମଧ୍ୟ ଅଷ୍ଟ୍ରେଲିଆ ଡିଏଲ୍ ପଦ୍ଧତିରେ ୮୬ ରନରେ ହାରିଥିଲା। ଫଳରେ ଗୋଟିଏ ମ୍ୟାଚ ବାକିଥାଇ ଘରୋଇ ବାଂଲାଦେଶ ୨-୦ରେ ଆଗୁଆ ସିରିଜ କବ୍‌ଜା କରିନେଇଛି। ଫଳରେ ବାଂଲାଦେଶ ଦିନିକିଆ ଇତିହାସରେ ପ୍ରଥମଥର ଲାଗି ଅଷ୍ଟ୍ରେଲିଆ ବିପକ୍ଷରେ ସିରିଜ ବିଜୟୀ ହୋଇଛି। ଏଥିପୂର୍ବରୁ ଅଷ୍ଟ୍ରେଲିଆ ବିପକ୍ଷରେ ୪ଥର ଦିନିକିଆ ସିରିଜ ଖେଳି ବାଂଲାଦେଶ ସବୁଯାକ ପରାସ୍ତ ହୋଇଥିଲା।

ଗୁରୁବାର ବର୍ଷା ବାଧାପ୍ରାପ୍ତ ୪୨ ଓଭରବିଶିଷ୍ଟ ଦ୍ୱିତୀୟ ଦିନିକିଆରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୮ ୱିକେଟ୍‌ରେ ୧୮୭ ରନ କରିଥିଲା। ମାର୍ନସ ଲାବୁଶେନ ୫୫୩ ଓ ଜାଭିଅର ବାର୍ଟଲେଟ ୫୨ ରନ କରିଥିଲେ। ଅଧିନାୟକ ଜୋଶ୍ ଇଂଲିଶ ୩୪ ଓ କାମେରନ ଗ୍ରୀନ ୨୫ ରନର ଉପଯୋଗୀ ପାଳି ଖେଳିଥିଲେ। ବାଂଲାଦେଶର ତାସକିନ ଅହମ୍ମଦ ଓ ମୁସ୍ତାଫିଜୁର ରହମାନ ୩ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ବାଂଲାଦେଶ ଇନିଂସରେ ପୁନର୍ବାର ବର୍ଷା ହେବାରୁ ଦଳ ସମ୍ମୁଖରେ ୪୧ ଓଭରରେ ୧୯୨ ରନର ଟାର୍ଗେଟ୍ ଧାର୍ଯ୍ୟ ହୋଇଥିଲା। ଏହାକୁ ବାଂଲାଦେଶ ୩୫ ଓଭରରେ ୫ ୱିକେଟ୍ ହରାଇ ହାସଲ କରିନେଇଥିଲା। ତୌହିଦ ହ୍ରିଦୟ ୪୦, ନାଜମୋଲ ହୋସେନ ସାଣ୍ଟୋ ୪୧ ଓ ସୌମ୍ୟ ସର୍କାର ୪୨ ରନ କରିଥିଲେ।

# ଟି-୨୦ ଓ ଦିନିକିଆରେ ଭାରତ ନମ୍ବର ୧

ଦୁବାଇ,୧୧।୬(ଏଜେନ୍ସି)

ଆଇସିସି ପକ୍ଷରୁ ନିକଟରେ ପ୍ରକାଶିତ ଦିନିକିଆ ଟିମ୍ ର୍‌ୟାଙ୍କିଙ୍ଗ୍‌ରେ ଭାରତ ନମ୍ବର-୧ ସ୍ଥାନ ବଜାୟ ରଖିଛି। କିନ୍ତୁ ଦଳ ଗୋଟିଏ ପଏଣ୍ଟ ହରାଇଥିଲାବେଳେ ନ୍ୟୁଜିଲାଣ୍ଡ ୨ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। କିନ୍ତୁ ତଫାତ୍ ୫ ପଏଣ୍ଟକୁ କମିଆସିଛି। ଅଷ୍ଟ୍ରେଲିଆ ପୂର୍ବପରି ତୃତୀୟ ସ୍ଥାନରେ ରହିଛି। ପୂର୍ବରୁ ଭାରତ ମଧ୍ୟ ଟି-୨୦ରେ ନମ୍ବର-୧ ରହିଛି। ଅଷ୍ଟ୍ରେଲିଆ ଟେଷ୍ଟରେ ନମ୍ବର-୧ ଥିଲାବେଳେ ମହିଳା ଟି-୨୦ ଓ ଦିନିକିଆରେ ଅଷ୍ଟ୍ରେଲିଆ ନମ୍ବର-୧ ସ୍ଥାନ ବଜାୟ ରଖିବାରେ ସମର୍ଥ ହୋଇଛି।

# ଭାରତ-ଏ'କୁ ହରାଇଲା ଆଫଗାନିସ୍ତାନ-ଏ

ଡାମ୍ବୁଲା, ୧୧।୬ (ଏଜେନ୍ସି)



**ତ୍ରି-ରାଷ୍ଟ୍ରୀୟ ସିରିଜ**

ଶ୍ରୀଲଙ୍କାରେ ଚାଲିଥିବା ତ୍ରି-ରାଷ୍ଟ୍ରୀୟ ଦିନିକିଆ ସିରିଜରେ ଭାରତ-ଏ ଗୁରୁବାର ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଏଠାରେ ଖେଳାଯାଇଥିବା ବର୍ଷା ବାଧାପ୍ରାପ୍ତ ମ୍ୟାଚରେ ଆଫଗାନିସ୍ତାନ-ଏ ଡିଏଲ୍ ପଦ୍ଧତିରେ ୪ ରନରେ ତିଲକ ବର୍ମାଙ୍କ ନେତୃତ୍ୱାଧୀନ ଭାରତ-ଏ'କୁ ପରାସ୍ତ କରିଛି। ପୂର୍ବରୁ ଭାରତ-ଏ ଉଦ୍‌ଘାଟନୀ ମ୍ୟାଚରେ ୮ ରନରେ ଶ୍ରୀଲଙ୍କା-ଏ'କୁ ହରାଇଥିଲା। ଏବେ ଦୁଇଟି ମ୍ୟାଚରୁ ୨ ପଏଣ୍ଟ ପାଇ ଭାରତ-ଏ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ତିଲକ ବର୍ମାଙ୍କ ଦଳ ଏହାର ପରବର୍ତ୍ତୀ ମ୍ୟାଚରେ ଜୁନ ୧୫ରେ ଶ୍ରୀଲଙ୍କା-ଏ'କୁ ଭେଟିବ।

ଗୁରୁବାର ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ୪୯ ଓଭରବିଶିଷ୍ଟ ମ୍ୟାଚରେ ଭାରତ-ଏ ୯ ୱିକେଟରେ ୩୪୯ ରନ କରିଥିଲା। ପ୍ରଭସିମରନ ସିଂହ ୮୪, ଋତୁରାଜ ଗାଏକୱାଡ ଓ ତିଲକ ୬୬ ରନ ଲେଖାଏ, ବୈଭବ ସୂର୍ଯ୍ୟବଂଶୀ ୨୨ ବଲରେ ୪୪ ଓ ସୂୟାଶ ହେଡଗେ ୪୦ ରନ କରିଥିଲେ। ପ୍ରତିପକ୍ଷ ବୋଲର ଅବଦୁଲ୍ଲା ଅହମଦାଜାଇ ୫ଟି ୱିକେଟ୍ ନେଇଥିଲେ। ଜବାବରେ ଆଫଗାନିସ୍ତାନ-ଏ ୨୫.୫ ଓଭରରେ ୨ ୱିକେଟ୍ ହରାଇ ୧୭୭ ରନ କରିଥିବାବେଳେ ବର୍ଷା ହୋଇଥିଲା। ଫଳରେ ଡିଏଲ୍ ପଦ୍ଧତିରେ ଆଫଗାନିସ୍ତାନକୁ ୪ ରନରେ ବିଜୟୀ ଘୋଷିତ କରାଯାଇଥିଲା।

# ଅଷ୍ଟ୍ରେଲିଆ ଟି-୨୦ ଦଳରେ ଭାରତ ଜନ୍ମିତ ନିଖିଳ ଚୌଧୁରୀ



ନୂଆଦିଲ୍ଲୀ,୧୧।୬(ଏଜେନ୍ସି): ଭାରତ ବା ନୂଆଦିଲ୍ଲୀରେ ଜନ୍ମିତ ଏବଂ ପଞ୍ଜାବ ପାଇଁ ୧୪ଟି ଲିଷ୍ଟ୍‌ଯ-ଏ' ମ୍ୟାଚ୍ ଖେଳିଥିବା ଅଲରାଉଣ୍ଡର ନିଖିଳ ଚୌଧୁରୀଙ୍କୁ ଅଷ୍ଟ୍ରେଲିଆ ଟି-୨୦ ଦଳରେ ସାମିଲ କରାଯାଇଛି। ସେ ଯଦି ବାଂଲାଦେଶ ବିପକ୍ଷ ସିରିଜ୍‌ରେ ଡେବ୍ୟୁ କରନ୍ତି, ତାହା ହେଲେ ଦୀର୍ଘ ୬୦ ବର୍ଷ ପରେ କୌଣସି ଭାରତୀୟ ଜନ୍ମିତ ପୁରୁଷ କ୍ରିକେଟର ଅଷ୍ଟ୍ରେଲିଆ ପକ୍ଷରୁ ଖେଳିବେ। ଅଷ୍ଟ୍ରେଲିଆ-ବାଂଲା ଟି-୨୦ ସିରିଜ୍ ଜୁନ୍ ୧୭ରୁ ୨୧ ମଧ୍ୟରେ ଖେଳାଯିବ। ନିଖିଳଙ୍କ ପୂର୍ବରୁ ଦୁଇଜଣ ଭାରତୀୟ ଜନ୍ମିତ ଖେଳାଳି ଅଷ୍ଟ୍ରେଲିଆ ପକ୍ଷରୁ ଖେଳିଛନ୍ତି। ସେମାନେ ହେଲେ ପୁରୁଷ ବିଭାଗରେ ଗୁଜରାଟ ଜନ୍ମିତ ଲେଗ୍ ସ୍ପିନର ରେକ୍ସ ସେଲାର ୧୯୬୪ କୋଲକାତା ଟେଷ୍ଟରେ ଅଷ୍ଟ୍ରେଲିଆ ପକ୍ଷରୁ ଖେଳିଥିଲେ। ଏହା ପରେ ମହିଳା ବିଭାଗରେ ପୁଣେ ଜନ୍ମିତ ଲିସା ଷ୍ଟାଲକାର ୨୦୦୩ରୁ ୨୦୧୩ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ଦଳର ପ୍ରଭାବୀ ସଦସ୍ୟ ରହିଥିଲେ। ଏବେ ଗୁରିନ୍ଦର ସାନ୍ଧୁ ଓ ତନ୍‌ବୀର ସାଙ୍ଗା ଅଷ୍ଟ୍ରେଲିଆରେ ଜନ୍ମିତ ଖେଳାଳିଭାବେ ଦଳରେ ସ୍ଥାନ ପାଇଛନ୍ତି। ୨୦୧୯ରେ ନିଜ ମାମୁଁଙ୍କ ପାଖକୁ କ୍ୱିନ୍ସଲାଣ୍ଡ ଯାଇଥିଲାବେଳେ କୋଭିଡ୍ ସ୍ଥିତି ଯୋଗୁ ସ୍ୱଦେଶ ଫେରି ପାରି ନ ଥିଲେ। ଏହା ପରେ ଜେମ୍ସ ହୋପ୍ସ ତାଙ୍କ ପ୍ରତିଭା ଦେଖିବା ପରେ ଅଷ୍ଟ୍ରେଲିଆ ବିଗ୍‌ବାଶ ଲିଗ୍‌ରେ ଜଣେ ପ୍ରଭାବଶାଳୀ ଖେଳାଳି ହୋଇପାରିଛନ୍ତି।

# ଆଜିଠୁ ମହିଳା ଟି-୨୦ ବିଶ୍ୱକପ୍

## ଇଂଲଣ୍ଡ-ଶ୍ରୀଲଙ୍କା ଉଦ୍‌ଘାଟନୀ ଲଢ଼େଇ

ଏଜବାଷ୍ଟନ, ୧୧।୬ (ଏଜେନ୍ସି)



ଫୁଟ୍‌ବଲର ମହାକୁମ୍ଭ ଫିଫା ବିଶ୍ୱକପ୍ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏହାର ଠିକ୍ ଦିନକ ପରେ ଆଉ ଏକ ବିଶ୍ୱସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆଇସିସି ମହିଳା ଟି-୨୦ ବିଶ୍ୱକପ୍ ଇଂଲଣ୍ଡରେ ଆରମ୍ଭ ହେବାକୁଯାଉଛି। ମହିଳା ଟି-୨୦ ବିଶ୍ୱକପ୍‌ର ଦଶମ ସଂସ୍କରଣ ଶୁକ୍ରବାରଠାରୁ ଖେଳାଯିବ। ଆୟୋଜକ ଇଂଲଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ଉଦ୍‌ଘାଟନୀ ମୁକାବିଲା ଏଜବାଷ୍ଟନରେ ରାତି ୧୧ଟାରେ ଅନୁଷ୍ଠିତ ହେବ।

ମହିଳା ଟି-୨୦ ବିଶ୍ୱକପ୍‌ର ଏହି ସଂସ୍କରଣରେ ମୋଟ୍ ୧୨ଟି ଦଳ ଭାଗନେଉଛନ୍ତି। ଇଂଲଣ୍ଡର ୭ଟି ଭେନ୍ୟୁରେ ବିଶ୍ୱକପ୍‌ର ମ୍ୟାଚଗୁଡ଼ିକ ଖେଳାଯିବ। ଜୁଲାଇ ୫ରେ ଫାଇନାଲ ସହ ଏଥର ବିଶ୍ୱକପ୍‌ରେ ମୋଟ୍ ୩୩ଟି ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ଅଂଶଗ୍ରହଣକାରୀ ୧୨ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ଭାଗକରାଯାଇଛି। ରେକର୍ଡ ୬ଥରର ବିଜେତା ଅଷ୍ଟ୍ରେଲିଆ ସହ ଭାରତ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ବାଂଲାଦେଶ ଓ ନେଦରଲାଣ୍ଡସ ଗ୍ରୁପ୍-ଏ'ରେ ସ୍ଥାନ ପାଇଛନ୍ତି। ସେହିଭଳି ଗ୍ରୁପ୍-ବି'ରେ ଡିଫେଣ୍ଡିଂ ଚାମ୍ପିଅନ ନ୍ୟୁଜିଲାଣ୍ଡ ସହ ଆୟୋଜକ ଇଂଲଣ୍ଡ, ଆୟର୍ଲାଣ୍ଡ, ୱେଷ୍ଟଇଣ୍ଡିଜ, ଶ୍ରୀଲଙ୍କା ଓ ସ୍କଟଲାଣ୍ଡ ରହିଛି। ଗ୍ରୁପ ପର୍ଯ୍ୟାୟରେ ପ୍ରତି ଦଳ ପରସ୍ପର ବିପକ୍ଷରେ ଥରେ ଲେଖାଏ ଖେଳିବେ। ଏହାପରେ ପଏଣ୍ଟ ଆଧାରରେ ପ୍ରତି ଗ୍ରୁପ୍‌ର ଦୁଇ ଶୀର୍ଷ ଦଳ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିବେ। ଜୁନ ୩୦ରେ ପ୍ରଥମ ଓ ଜୁଲାଇ ୨ରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ଏହାପରେ କ୍ରିକେଟ୍‌ର ମକ୍କା ଭାବେ ପରିଚିତ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଜୁଲାଇ ୫ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

### ● ଚାମ୍ପିଅନ ଦଳକୁ ମିଳିବ ୨୨.୪୧ କୋଟି

ଏଥର ମହିଳା ଟି-୨୦ ବିଶ୍ୱକପ୍ ଲାଗି ଆଇସିସି ମୋଟ୍ ୮.୭୬ ମିଲିୟନ ଡଲାର ପୁରସ୍କାର ରଖିଛି। ଯାହାକି ଭାରତୀୟ ମୁଦ୍ରାରେ ପ୍ରାୟ ୮୩ କୋଟି ୯୧ ଲକ୍ଷ ଟଙ୍କା ହେବ। ସେହିଭଳି ଚାମ୍ପିଅନ ଦଳ ଏଥର ୨୨.୪୧ କୋଟି ଟଙ୍କା ସାଙ୍ଗରେ ନେଇ ଘରକୁ ଯିବ। ରନର୍ସଅପ୍ ହୋଇଥିବା ଦଳକୁ ୧୧.୨୦ କୋଟି ଟଙ୍କା ମିଳିବ। ଅପରପକ୍ଷରେ ସେମିଫାଇନାଲରେ ହାରି ବିଦାୟନେଇଥିବା ଦୁଇଟି ଦଳ ୬.୪୬ କୋଟି ଲେଖାଏ ପାଇବେ। ସେହିଭଳି ପ୍ରତି ମ୍ୟାଚରେ ବିଜୟୀ ହୋଇଥିବା ଦଳକୁ ୨୯ ଲକ୍ଷ ୮୩ ହଜାର ଟଙ୍କା ଆଇସିସି ପକ୍ଷରୁ ପ୍ରଦାନ କରାଯିବ।

### ଭାରତର କାର୍ଯ୍ୟସୂଚୀ

| ତାରିଖ | ପ୍ରତିପକ୍ଷ | ଭେନ୍ୟୁ |
|---|---|---|
| ଜୁନ ୧୪ | ପାକିସ୍ତାନ | ବର୍ମିଂହାମ |
| ଜୁନ ୧୭ | ନେଦରଲାଣ୍ଡସ | ଲିଡ୍ସ |
| ଜୁନ ୨୧ | ଦ.ଆଫ୍ରିକା | ମାଞ୍ଚେଷ୍ଟର |
| ଜୁନ ୨୫ | ବାଂଲାଦେଶ | ମାଞ୍ଚେଷ୍ଟର |
| ଜୁନ ୩୦ | ଅଷ୍ଟ୍ରେଲିଆ | ଲଣ୍ଡନ |

### ● ଭାରତୀୟ ଦଳ:

ସ୍ମୃତି ମନ୍ଧାନା, ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସ, ଭାରତୀ ଫୁଲମଣି, ହରମନପ୍ରୀତ୍ କୌର (ଅଧିନାୟିକା), ଦୀପ୍ତି ଶର୍ମା, ଅରୁନ୍ଧତୀ ରେଡ୍ଡୀ, ରିଚା ଘୋଷ, ଯସ୍ତିକା ଭାଟିଆ (ଉଭୟ ୱିକେଟ୍‌କିପର), ରେଣୁକା ସିଂ ଠାକୁର, ନନ୍ଦିନୀ ଶର୍ମା, କ୍ରାନ୍ତି ଗୌଡ଼, ଶ୍ରେୟଙ୍କା ପାଟିଲ, ରାଧା ଯାଦବ ଓ ଶ୍ରୀଚରଣୀ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS



## ଆଜିର ରାଶିଫଳ

**ମେଷ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିପାରେ। ନକାରାତ୍ମକ ଚିନ୍ତା ଦୂର ହେବ। ରାଜନୀତିରେ ସକ୍ରିୟ ରହିପାରନ୍ତି। ଦାନ ଧର୍ମ କରିବେ।

**ବୃଷ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଛାତ୍ରଛାତ୍ରୀମାନେ କଠିନ ପରିଶ୍ରମ କରିବେ। ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି। ଯାନବାହନ କିଣିପାରନ୍ତି। ନିବେଶରୁ ଦୂରେଇ ରୁହନ୍ତୁ। ଥକ୍କା ଅନୁଭବ କରିପାରନ୍ତି।

**ମିଥୁନ:** ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେଇପାରେ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିବେ।

**ସିଂହ:** ଚାକିରିରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିପାରେ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁନି। ଧୈର୍ଯ୍ୟ ରଖି କାମ କରନ୍ତୁ।

**କନ୍ୟା:** ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ପୁରୁଣା ନିବେଶରୁ ଲାଭ ମିଳିପାରେ।

**ତୁଳା:** ଦିନଟି ମିଶ୍ରିତଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିପାରେ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିପାରେ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ମହିଳାମାନେ ପୂଜାର୍ଚ୍ଚନାରେ ସମୟ ଅତିବାହିତ କରିବେ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**ଧନୁ:** ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ବ୍ୟକ୍ତିଗତ କଥାକୁ ଅନ୍ୟମାନଙ୍କ ସହ ସେୟାର କରନ୍ତୁନି। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପୈତୃକ ସମ୍ପତ୍ତିରୁ ଲାଭ ମିଳିପାରେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କୁମ୍ଭ:** ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟାର ସମାଧାନ ହେବ। ଦୀର୍ଘ ଦିନର ଆଶା ପୂରଣ ହେବ । ଉଧାର ଦେଇଥିବା ଟଙ୍କା ଫେରି ପାଇବେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ପୁରୁଣା ନିବେଶରୁ ଲାଭ ମିଳିପାରେ। ଦୀର୍ଘ ଦିନର ଆଶା ପୂରଣ ହେବ।

- ୧୯୨୬- ବ୍ରାଜିଲ ଲିଗ୍ ଅଫ୍ ନେସନ୍‌ରୁ ଓହରିବା ପାଇଁ ନିଷ୍ପତ୍ତି ନେଲା।
- ୧୯୬୪- ନେଲସନ ମଣ୍ଡେଲାଙ୍କୁ ଆଜୀବନ କାରାଦଣ୍ଡ।
- ୧୯୯୮- ଭାରତ ଓ ପାକିସ୍ତାନ ପରମାଣୁ ପରୀକ୍ଷା କରିଥିବାରୁ ଜି-୮ ଦେଶଗୁଡ଼ିକ ଉଭୟ ଦେଶକୁ ଋଣ ନ ଦେବା ପାଇଁ ନିଷ୍ପତ୍ତି ନେଲେ।
- ୨୦୦୨- ବାଳ ଶ୍ରମ ନିଷେଧ ଦିବସର ଆରମ୍ଭ।

# ଅଗଷ୍ଟ ୧୪ରେ 'ବଟୱାରା ୧୯୪୭'




ବଲିଉଡ୍‌ର ଆକ୍ସନ୍ ଷ୍ଟାର୍ ସନ୍ନି ଦେଓଲ ଏବଂ ନିର୍ଦ୍ଦେଶକ ରାଜକୁମାର ସନ୍ତୋଷୀଙ୍କ ଯୋଡ଼ି 'ବଟୱାରା ୧୯୪୭' ଫିଲ୍ମ ମାଧ୍ୟମରେ ଦୀର୍ଘ ବର୍ଷ ପରେ ପୁଣି ଥରେ ବଡ଼ ପରଦାକୁ ଫେରୁଛନ୍ତି । ଏହି ଫିଲ୍ମକୁ ନେଇ ଦର୍ଶକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ରହିଛି, କାରଣ ଏଥିରେ ବଲିଉଡ୍‌ର ଅନେକ ପ୍ରତିଭାବାନ୍ କଳାକାର ଏକାଠି ନଜର ଆସିବେ। ଏଥିରେ ସନ୍ନି ଦେଓ୍ୱଲ, ପ୍ରୀତି ଜିଣ୍ଟା, ଅଲି ଫଜଲ, କରଣ ଦେଓ୍ୱଲ, ଶବାନା ଆଜମୀ ଆଦି ଦେଖାଯିବେ। ଏହାସହ ଅମିର୍ ଖାନ୍ ଏହାର ପ୍ରଯୋଜନା ଭାର ସମ୍ଭାଳିବା ସହ ଅତିଥି କଳାକାର ଭାବେ ଦେଖାଯିବେ। ଏହା ଭାରତ-ପାକିସ୍ତାନ ବିଭାଜନ ସମୟର ଏକ ସମ୍ବେଦନଶୀଳ କାହାଣୀ ଉପରେ ଆଧାରିତ। ଅନେକ ଦିନରୁ ଦର୍ଶକେ ଏହାର ଝଲକ ପାଇବାକୁ ଚାହିଁ ବସିଥିବାବେଳେ ଶେଷରେ ସନ୍ନି ନିଜ ଇନ୍‌ଷ୍ଟାଗ୍ରାମରେ ଏହି ଚଳଚ୍ଚିତ୍ରର ଫାଷ୍ଟଲୁକ୍ ସେୟାର୍ କରିଛନ୍ତି। ବଡ଼ କଥା ହେଉଛି, ଫିଲ୍ମର ଟାଇଟଲ୍ ମଧ୍ୟ ବଦଳାଇ ଦିଆଯାଇଛି ଏବଂ ଏବେ ଏହା 'ବଟୱାରା ୧୯୪୭'ନାମରେ ପ୍ରେକ୍ଷାଳୟକୁ ଆସିବ ବୋଲି ସ୍ପଷ୍ଟ ହୋଇଛି । ଫିଲ୍ମର ଫାଷ୍ଟ ଲୁକ୍ ସହିତ ନିର୍ମାତା ଏହାର ରିଲିଜ୍ ଡେଟ୍ ମଧ୍ୟ ଘୋଷଣା କରିଛନ୍ତି । ୧୪ ଅଗଷ୍ଟ, ୨୦୨୬ ରେ ଏହା ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ । 'ବଟୱାରା ୧୯୪୭'ର ପ୍ରୋମୋରେ ସନ୍ନି ଦେଓ୍ୱଲ୍ ଏକ ଦମଦାର୍ ଅନ୍ଦାଜରେ ଜଳୁଥିବା ମଶାଲ ଧରିଥିବାର ଦେଖାଯାଇଛନ୍ତି । ତାଙ୍କ ପଛରେ ପ୍ରୀତି ଜିନ୍‌ଟା, କରଣ ଦେଓ୍ୱଲ ଏବଂ ଖୁସି ହଜାରେ ଠିଆ ହୋଇଥିବାର ଦେଖାଯାଇଛନ୍ତି। ସେମାନଙ୍କ ମୁହଁରେ ସ୍ପଷ୍ଟ ଭାବେ ଭୟ ଏବଂ ବ୍ୟାକୁଳତା ଦେଖାଯାଉଛି। ଏ.ଆର୍. ରେହମାନଙ୍କ ହୃଦୟଛୁଆଁ ବ୍ୟାକଗ୍ରାଉଣ୍ଡ ମ୍ୟୁଜିକ ଦୃଶ୍ୟଗୁଡ଼ିକର ଭାବପ୍ରବଣତାକୁ ଆହୁରି ଗଭୀର କରୁଛି । ଫିଲ୍ମ ନିର୍ମାତା ଟିଜର୍ ସେୟାର୍ କରି ଲେଖିଛନ୍ତି, "ଘୃଣା ଏବଂ ଭୟର ପରିବେଶରେ, ସେମାନେ ସାହସର ମାର୍ଗ ବାଛିଲେ । ୧୪ ଅଗଷ୍ଟ, ୨୦୨୬ରେ ସିନେମା ହଲ୍‌ରେ 'ବଟୱାରା ୧୯୪୭' ଦେଖନ୍ତୁ ।" 'ବଟୱାରା ୧୯୪୭' ର ରିଲିଜ୍ ଦିନ ଇମ୍ରାନ୍ ହାସ୍‌ମୀଙ୍କ 'ଆୱାରପନ୍ ୨' ମଧ୍ୟ ମୁକ୍ତିଲାଭ କରିବ। ତେବେ ବକ୍ସ ଅଫିସ୍‌ରେ ସନ୍ନି କି ଇମ୍ରାନ୍ କିଏ ସଫଳ ହେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

# ମିନିଟକରେ ୧୨୭୩ ଗ୍ରାମ୍ ମହୁ ପିଇ ଗିନିଜ୍ ରେକର୍ଡ

ଜର୍ମାନୀର ସ୍ପିଡ୍ ଇଟିଂ ଚାମ୍ପିୟନ୍ ଆଣ୍ଡ୍ରେ ଓର୍ଟୋଲ୍ଫ ପୁଣି ଥରେ ଏକ ଚମତ୍କାର କରି ଦେଖାଇଛନ୍ତି। ଏକ ମିନିଟ୍‌ରେ ସେ ୧୨୭୩ ଗ୍ରାମ୍ ମହୁ ପିଇ ଗିନିଜ୍ ବିଶ୍ୱ ରେକର୍ଡ କରିଛନ୍ତି। ସେ ଏହି ରେକର୍ଡ ୨୬ ଜୁଲାଇ, ୨୦୨୫ ମସିହାରେ ଜର୍ମାନୀର ଆଗସ୍‌ବର୍ଗରେ କରିଥିଲେ। ଏହି ରେକର୍ଡ କରି ସେ ଏବେ ବିଶ୍ୱର ସବୁଠୁ ଶୀଘ୍ର ମହୁ ଖାଉଥିବା ବ୍ୟକ୍ତି ପାଲଟି ଯାଇଛନ୍ତି। ୧୨୭୩ ଗ୍ରାମ୍‌ର ମହୁ ଜଣେ ଖାଇବା ଅସମ୍ଭବ ଲାଗିବ। କାରଣ ଏଥିରେ ୪୦୦୦ କ୍ୟାଲୋରୀରୁ ଅଧିକ ଶର୍କରା ଥାଏ। ଏହାସତ୍ତ୍ୱେ ଆଣ୍ଡ୍ରେ ଏହାକୁ ଏତେ ଜୋର୍‌ରେ ପିଇ ଚାଲିଥିଲେ ଯେକେହି ଦେଖିଲେ ଆଶ୍ଚର୍ଯ୍ୟ ପ୍ରକାଶ କରିବେ। ତାଙ୍କର ଏହି କାରନାମାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ତାଙ୍କର ଏହି ରେକର୍ଡ ପରେ ଲୋକେ ତାଙ୍କୁ ହ୍ୟୁମାନ ବି, ମହୁ ରାଜା ନାମରେ ସମ୍ବୋଧନ କରୁଛନ୍ତି। ତେବେ ଆଣ୍ଡ୍ରେ ଜଣେ ପ୍ରଫେସନାଲ ରେକର୍ଡ ବ୍ରେକର୍ ଭାବେ ଜଣାଯାନ୍ତି। ସେ ଏହା ପୂର୍ବରୁ ମଧ୍ୟ ମିନଟକରେ ଅଧିକ ହଟ୍‌ସସ୍ ପିଇବା, ଦହି ଖାଇବା ଏବଂ ଅନ୍ୟାନ୍ୟ ଫୁଡ୍ ଚ୍ୟାଲେଞ୍ଜ କରି ଗିନିଜ୍ ରେକର୍ଡ କରିଛନ୍ତି। ଏନେଇ ଆଣ୍ଡ୍ରେଙ୍କ କହିବା କଥା, ସେ ଏହି ରେକର୍ଡ କରିବା ପାଇଁ ସ୍ୱତନ୍ତ୍ର ତାଲିମ ନିଅନ୍ତି। ପେଟର ଖାଦ୍ୟ କ୍ଷମତା ବୃଦ୍ଧି କରିବା, ଶ୍ୱାସକ୍ରିୟା ଧରି ରଖିବା କୌଶଳ, ଦ୍ରୁତବେଗରେ ଚୋବାଇବା ଏବଂ ଗିଳିବା ଆଦି ଅଭ୍ୟାସ ତାଙ୍କ ତାଲିମ୍‌ର ଅଂଶବିଶେଷ। ତେବେ ଗିନିଜ୍ ରେକର୍ଡ ପକ୍ଷରୁ ଏହି ରେକର୍ଡକୁ ନେଇ ସ୍ପଷ୍ଟ କରାଯାଇଛି। ତେବେ ନିୟମ ଅନୁଯାୟୀ, ମହୁକୁ ଘରୋଇ ତାପମାତ୍ରାରେ ରଖାଯାଇଥିଲା ଏବଂ ଆଣ୍ଡ୍ରେ କୌଣସି ସାହାଯ୍ୟ ବିନା ତାହାକୁ ଖାଇଥିଲେ। ରେକର୍ଡ କରିବା ପରେ ସେ ଏନେଇ ବେଶ୍ ଖୁସି ହୋଇଥିଲେ। ଅବଶ୍ୟ ଏତେ ମାତ୍ରାରେ ମହୁ ଖାଇବା ପରେ ତାଙ୍କ ମୁହଁ ଏବଂ ପୋଷାକ ଚିପ୍‌ଚିପା ହୋଇଯାଇଥିଲା। ତେବେ ଏହି ରେକର୍ଡ କରିବା ପରେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଏହାକୁ ନେଇ ସତର୍କ କରିଛନ୍ତି। ଏକାସାଥିରେ ଏତେମାତ୍ରାରେ ମହୁ ଖାଇଲେ ଏହା ଶରୀରକୁ ଭାରାକ୍ରାନ୍ତ କରିପାରେ। ଏପରିକି ଶରୀରରେ ରକ୍ତ ଶର୍କରା ମାତ୍ରା ଅଚାନକ ବଢ଼ିବା ଏବଂ ପେଟ ସହ ଦାନ୍ତରେ ସମସ୍ୟା ହେବାର ଆଶଙ୍କା ଥାଏ। ଏନେଇ ଆଣ୍ଡ୍ରେଙ୍କ କହିବା କଥା, ଏହି ଚ୍ୟାଲେଞ୍ଜ ପାଇଁ ସେ ନିଜକୁ ପ୍ରସ୍ତୁତ କରି ରଖିଥାନ୍ତି ଓ ରେକର୍ଡ ପରେ ସେ ଏଦିଗରେ ବେଶ୍ ଯତ୍ନ ନିଅନ୍ତି।



# କମୁଛି ମଣିଷଙ୍କ ଗରମ ସହିବା ଶକ୍ତି



ଏବେ ଭୀଷଣ ଗରମ ସାଙ୍ଗକୁ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଛି। ଅନେକ ସ୍ଥାନରେ ତାପମାତ୍ରା ୪୫ ଡିଗ୍ରୀ ଉପରେ ରହୁଛି। ଏଭଳି ପରିସ୍ଥିତିରେ ଗରମରୁ ଆଶ୍ୱସ୍ତି ପାଇବା ଲାଗି ଏସି ରୁମ୍‌ରେ ଲୋକେ ରହିବାକୁ ପସନ୍ଦ କରୁଛନ୍ତି। ତେଣୁ ଏବେ ଅଫିସ୍ ହେଉ କି ଘର ହେଉ ବିନା ଏସିରେ ରହିବା ଲୋକଙ୍କ ପକ୍ଷେ ଏକପ୍ରକାର କଷ୍ଟକର ହୋଇ ପଡ଼ିଛି। ଲୋକଙ୍କର ଏଭଳି ଅଭ୍ୟାସକୁ ଦେଖି ଡାକ୍ତର ତଥା ଗବେଷକଙ୍କ କହିବା କଥା, ଲଗାତାର ଏସିରେ ରହିବା ଅଭ୍ୟାସ ଧୀରେ ଧୀରେ ମଣିଷର ଗରମ ସହିବାର ପ୍ରାକୃତିକ କ୍ଷମତାକୁ ଦୁର୍ବଳ କରିପାରେ। ମଣିଷର ଶରୀର ବଦଳୁଥିବା ପାଗ ଅନୁସାରେ ସେଭଳି ନିଜକୁ ପ୍ରସ୍ତୁତ କରିଥାଏ। ଯେତେବେଳେ ଜଣେ ଗରମ ପରିବେଶରେ ରୁହେ, ଶରୀରରୁ ଝାଳ ବହେ। ଏହିପରି ଭାବେ ମଣିଷ ଶରୀର ପ୍ରାକୃତିକ ଭାବେ ଥଣ୍ଡା ରଖିଥାଏ। ହେଲେ ଜଣେ ଯେତେବେଳେ ଅଧିକ ସମୟ ଏୟାର୍ କଣ୍ଡିସନର ରୁମ୍‌ରେ ଅତିବାହିତ କରନ୍ତି, ଏହି ପ୍ରାକୃତିକ କୁଲିଂ ସିଷ୍ଟମ ଦୁର୍ବଳ ହୋଇଯାଏ। ଏହାର ଅର୍ଥ ହେଉଛି, ଜଣେ ବ୍ୟକ୍ତି ଯେଉଁ ତାପମାତ୍ରାରେ ଅଧିକ ସମୟ ଅତିବାହିତ କରନ୍ତି, ଶରୀର ସେହି ତାପମାତ୍ରାରେ ରହିବାରେ ଅଭ୍ୟସ୍ତ ହୋଇଯାଏ। ଜଣେ ସବୁବେଳେ ଏସିରେ ରହିଲେ, ଅଳ୍ପ ଗରମ ବି ଅସହନୀୟ ଲାଗିବ। ଏହି କାରଣ ଯୋଗୁଁ ଏବେ ଲୋକେ ଅଳ୍ପ ସମୟ ପାଇଁ ବିଦ୍ୟୁତ୍ କାଟ୍ ହେଲେ ବ୍ୟତିବ୍ୟସ୍ତ ହୋଇପଡୁଛନ୍ତି। ସେହିପରି ଡାକ୍ତରଙ୍କ ମତରେ ଆବଶ୍ୟକତାଠାରୁ ଅଧିକ ଏସି ବ୍ୟବହାର ଯୋଗୁଁ ଶରୀର ଶୁଷ୍କ ହୋଇ ଯାଉଛି। ଦୀର୍ଘ ସମୟ ଧରି ଏସିରେ ରହୁଥିବା ଲୋକଙ୍କଠାରେ ଶୁଷ୍କ ତ୍ୱଚା, ଆଖି ଜଳାପୋଡ଼ା, ଗଳା ଶୁଖିଯିବା ଭଳି ସମସ୍ୟା ଦେଖା ଦିଏ। ସେହିଭଳି ଅନେକ ଗବେଷଣାରୁ ଜଣାପଡ଼ିଛି, ଯେଉଁ ଅଫିସ୍‌ଗୁଡ଼ିକରେ ପ୍ରାକୃତିକ ଆଲୋକ ଓ ପବନ ପଶିପାରୁନାହିଁ ସେଠାରେ କାର୍ଯ୍ୟରତ କର୍ମଚାରୀମାନଙ୍କର ଶ୍ୱାସକ୍ରିୟା ଜନିତ ସମସ୍ୟା ଅଧିକ ଦେଖିବାକୁ ମିଳିଥାଏ।

# ଖାଆନ୍ତୁନି ଏକ୍ସପାଏରୀ ଔଷଧ



ଶାରୀରିକ ସମସ୍ୟାରୁ ମୁକ୍ତି ପାଇଁ ବିଭିନ୍ନ ଚିକିତ୍ସା ପଦ୍ଧତି ଅବଲମ୍ବନ କରିବାକୁ ପଡ଼ିଥାଏ। ପ୍ରଥମତଃ ଆଶୁ ଆରୋଗ୍ୟ ପାଇଁ ଔଷଧ ଖାଇବାକୁ ପଡ଼ିଥାଏ। ଔଷଧ ସେବନ କରି ଲୋକେ ସୁସ୍ଥ ହୋଇଥାଆନ୍ତି। ହେଲେ ଅନେକ ସମୟରେ ଲୋକେ ଅଜାଣତରେ ଏକ୍ସପାଏରୀ ଔଷଧ ଖାଇ ଦେଇଥାନ୍ତି। ଏଥିଯୋଗୁଁ ବିଭିନ୍ନ ପ୍ରକାର ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇଥାଏ। ତେଣୁ ଏକ୍ସପାଏରୀ ହୋଇଯାଇଥିବା ଔଷଧ ଖାଇବା ଅନୁଚିତ।

ସାଧାରଣତଃ ପ୍ରତ୍ୟେକ ଔଷଧରେ କମ୍ପାନୀ ତରଫରୁ ତାର ଏକ୍ସପାଏରୀ ତାରିଖର ସୁରକ୍ଷା ସୀମା ରଖାଯାଏ। ହେଲେ ଔଷଧ ଯଦି ଏକ୍ସପାଏରୀ ହୋଇଯାଏ ଏହାକୁ ଖାଇଲେ ଶରୀରରେ କିଛି ପାର୍ଶ୍ୱ ପତିକ୍ରିୟା ଦେଖାଯାଇଥାଏ। ସେହିଭଳି ପ୍ରତ୍ୟେକ ଔଷଧର ଭିନ୍ନ ଭିନ୍ନ ପାର୍ଶ୍ୱପ୍ରତିକ୍ରୟା ରହିଥାଏ।

## ଏକ୍ସପାଏରୀ ଔଷଧର କାମ କରିବା କ୍ଷମତା ହ୍ରାସ ପାଏ

କିଛି ଲୋକ ଅଜାଣତରେ ଏକ୍ସପାଏରୀ ଔଷଧ ଖାଇଥାନ୍ତି। ଏକ୍ସପାଏରୀ ତାରିଖ ସରି ଯାଇଥାଇଥିବାରୁ ଔଷଧ କାମ ଦିଏ ନାହିଁ। କାରଣ ଯେକୌଣସି ନିର୍ଦ୍ଦିଷ୍ଟ ଔଷଧ ଖାଇବାର ତାହାର ମାତ୍ରା ବା ଡୋଜ୍ ରହିଥାଏ। ହେଲେ ଏକ୍ସପାଏରୀ ତାରିଖ ପରେ ସମାନ ଔଷଧରେ ମାତ୍ରା ଓ କାମ କରିବାର କ୍ଷମତା ହ୍ରାସ ପାଏ। ପ୍ରତ୍ୟେକ ଔଷଧ ସେବନର ପାର୍ଶ୍ୱ ପ୍ରତିକିୟା ଭିନ୍ନ ଭିନ୍ନ ହୋଇଥାଏ। ତେଣୁ ଔଷଧ କିଣିବା ଏବଂ ଖାଇବା ପୂର୍ବରୁ ତାର ଏକ୍ସପାଏରୀ ତାରିଖ ଯାଞ୍ଚ କରିବା ନିହାତି ଜରୁରି। ଏକ୍ସପାଏରୀ ଔଷଧକୁ ଫିଙ୍ଗି ଦିଅନ୍ତୁ। ଭୁଲ୍‌ରେ ଏକ୍ସପାଏରୀ ଔଷଧ ଖାଇଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରିବା ଆବଶ୍ୟକ।

- ଡାକ୍ତର ଦୀପକ ରଞ୍ଜନ ଦାସ
ପ୍ରଫେସର, ହୃଦ୍‌ରୋଗ ବିଭାଗ, ଶ୍ରୀରାମ ମେଡିକାଲ କଲେଜ ଏଣ୍ଡ ହସ୍‌ପିଟାଲ, କଟକ

## ଏକ୍ସପାଏରୀ ଔଷଧ ଖାଇବା ଅନୁଚିତ

ଔଷଧର ମାତ୍ରା ବୟସ, ଓଜନ, ରୋଗର ଗମ୍ଭୀରତା ଏବଂ ସ୍ୱାସ୍ଥ୍ୟଗତ ଅବସ୍ଥା ଉପରେ ନିର୍ଭର କରିଥାଏ। ହେଲେ ଔଷଧର ଯେତିକି ମାତ୍ରା ଥାଏ, ଉଦାହରଣ ସ୍ୱରୂପ ୫ ମିଲି ଗ୍ରାମ୍ କିମ୍ବା ଅନ୍ୟାନ୍ୟ ମାତ୍ରା ତାହା ଏକ୍ସପାଏରୀ ଔଷଧରେ ବେଶ୍ କମ୍ ରହିବାର ଆଶଙ୍କା ଥାଏ। ଏହି ଔଷଧର ଗୁଣବତ୍ତା ଓ ତାହାର ନିର୍ଦ୍ଦିଷ୍ଟ ମାନକ ମାତ୍ରା ହ୍ରାସ ପାଇଥାଏ। ଫଳରେ ଜଣେ ବ୍ୟକ୍ତି ଜ୍ୱର, କର୍କଟ, ସଂକ୍ରମଣ ତଥା ଅନ୍ୟାନ୍ୟ ରୋଗରୁ ଆରୋଗ୍ୟ ଲାଭ କରିବା ପାଇଁ ଔଷଧ ସେବନ କରୁଥିଲେ ସେଥିରେ ଉପଶମ ମିଳେନାହିଁ। ଏହାଦ୍ୱାରା ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ଦେଖାଦେଇପାରେ। ସେଥିପାଇଁ ସର୍ବଦା ଏକ୍ସପାଏରୀ ତାରିଖ ଦେଖି ଔଷଧ କିଣିବା ଓ ଖାଇବା ଆବଶ୍ୟକ।

ପ୍ରଫେସର ଡା. ଚିରରଞ୍ଜନ ଖାଡ଼ଙ୍ଗା,
ସିନିୟର କନ୍‌ସଲଟାଣ୍ଟ, ରେଡିଏସନ୍ ଅଙ୍କୋଲୋଜି
ସମ୍ ଅଲ୍ଟିମେଟ୍ ମେଡିକେୟାର, ଭୁବନେଶ୍ୱର




# ପିକା ଡିଜ୍‌ଅର୍ଡର



ଅଧିକାଂଶ ପିଲାମାନେ ଚକ୍, ଇଟାଗୁଣ୍ଡ, ପାଉଁଶ, କାଗଜ କିମ୍ବା ମାଟି ଖାଇ ଦିଅନ୍ତି। ପିଲାଙ୍କ ଏହି ଅଭ୍ୟାସକୁ ଅନେକ ସାଧାରଣ ଭାବିଥାନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମୁତାବକ ଶରୀରରେ ଲୌହସାର ଅଭାବରୁ ଏହି ସମସ୍ୟା ଦେଖାଯାଏ। ଏହାକୁ ପିକା ଡିଜ୍‌ଅର୍ଡର କୁହାଯାଏ। ବେଳେ ବେଳେ ଗର୍ଭବତୀ ମହିଳା ଏବଂ ରକ୍ତହୀନତା ପୀଡ଼ିତଙ୍କଠାରେ ଏହି ଲକ୍ଷଣ ଦେଖାଯାଏ।

ଲୌହସାର ଅଭାବରୁ ଶରୀର ଏବଂ ମସ୍ତିଷ୍କର କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଥାଏ। ଫଳରେ ପିଲା ମାଟି, ଚକ୍, ପାଉଁଶ, କାଗଜ ଆଦି ଖାଇବାକୁ ଇଚ୍ଛା କରନ୍ତି। ପିକା ଡିଜ୍‌ଅର୍ଡର ଯୋଗୁଁ ଶରୀରରେ ରକ୍ତହୀନତା ଲକ୍ଷଣ ଦେଖାଯାଏ। ତେଣୁ ପିଲାଙ୍କଠାରେ ଉପରୋକ୍ତ ଲକ୍ଷଣ ଦେଖାଦେଲେ ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ ନେବା ଅତ୍ୟନ୍ତ ଆବଶ୍ୟକ। ଏପରିସ୍ଥିତିରେ ଡାକ୍ତର ଲୌହସାର ପରୀକ୍ଷା କରିବାକୁ ପରାମର୍ଶ ଦିଅନ୍ତି। ଏହାସହ ପିତାମାତା ପିଲାଙ୍କ ଖାଦ୍ୟଶୈଳୀରେ ପରିବର୍ତ୍ତନ ଆଣି ପାରିବେ। ପିଲାଙ୍କୁ ଲୌହସାରଯୁକ୍ତ ଖାଦ୍ୟ ଯଥା- ସବୁଜ ପନିପରିବା, ଚଣା ଡାଲି, ଗୁଡ଼, ଶସ୍ୟ, କିସ୍‌ମିସ୍, ଖଜୁରୀ, ସୋୟାବିନ୍, ଅଣ୍ଡା, ମାଂସ ଏବଂ ମାଛ ଆଦି ଖାଇବାକୁ ଦେବା ଏକାନ୍ତ ଆବଶ୍ୟକ।

# ନିୟନ୍ତ୍ରଣରେ ରହିବ କୋଲେଷ୍ଟ୍ରଲ୍



ବିଶୃଙ୍ଖଳିତ ଜୀବନଶୈଳୀ, ଲଗାତାର ବସି ରହି କାମ କରିବା, ଶାରୀରିକ ନିଷ୍କ୍ରିୟତା ଆଦି କାରଣରୁ କମ୍ ବୟସରୁ ଲୋକଙ୍କର କୋଲେଷ୍ଟ୍ରଲ୍ ମାତ୍ରା ଅଧିକ ରହୁଛି। ଶରୀରରେ ଖରାପ କୋଲେଷ୍ଟ୍ରଲ ବଢ଼ିଲେ ଧମନୀରେ ପ୍ଲାକ୍ ଜମା ହୁଏ। ଏହାଦ୍ୱାରା ହୃଦ୍‌ଘାତ ଏବଂ ମସ୍ତିଷ୍କାଘାତ ଆଶଙ୍କା ବଢ଼ିଯାଏ। ଏହି ସମସ୍ୟାକୁ ନିୟନ୍ତ୍ରଣ କରିବାକୁ ଖାଦ୍ୟରେ ସବୁଜ ପନିପରିବା ସାମିଲ କରି ପାରିବେ। କୋଲେଷ୍ଟ୍ରଲ୍ ଅଧିକ ରହୁଥିଲେ ଖାଦ୍ୟରେ ବ୍ରୋକୋଲି, ଫୁଲକୋବି, ଗାଜର, କଦଳୀ, ସହିତ ତଟକା ଫଳ, ଓଟ୍ସ, ଅଖରୋଟ ଖାଇବା ହିତକର। ଏଥିରେ ଭିଟାମିନ୍ ଏ, ସି, କେ, ପୋଟାସିୟମ୍, ଫାଇବର, ଆଣ୍ଟି-ଅକ୍ସିଡାଣ୍ଟ ଆଦି ଥିବାରୁ ଏହା ହୃଦ୍‌ସ୍ୱାସ୍ଥ୍ୟ ପାଇଁ ଭଲ। ହୃଦୟ ଚର୍ବି ମୁକ୍ତ ରୁହେ। କୋଲେଷ୍ଟ୍ରଲ ନିୟନ୍ତ୍ରଣରେ ରୁହେ। ସକାଳୁ ଖାଲି ପେଟରେ କ୍ୱିଭି ଖାଇବା ଦ୍ୱାରା କୋଲେଷ୍ଟ୍ରଲସ୍ତର ନିୟନ୍ତ୍ରିତ ରହିଥାଏ। ଦୈନିକ ୩୦ ମିନିଟ୍ ଚାଲିବା ବା ଯୋଗାସନ କରି ପାରିବେ। ଲିପିଡ୍ ପ୍ରୋଫାଇଲ୍ ରକ୍ତ ପରୀକ୍ଷା କରାଇ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଔଷଧ ସେବନ କରିବା ଆବଶ୍ୟକ।

## ଘର ବଇଦ

### ଯାଦୁର ଉପଚାର

- ଚାକୁଣ୍ଡା ମଞ୍ଜି, ଗନ୍ଧକ ଲେମ୍ବୁରସରେ ଉତ୍ତମ ରୂପେ ମର୍ଦ୍ଦନ କରି ଯାଦୁରେ ଦିନ ମଧ୍ୟରେ ୫ଥର ଲଗାଇଲେ ଦୁଇ ଦିନରେ ଯାଦୁ ଭଲ ହୁଏ।
- ଝୁଣା, ଟାଙ୍ଗଣା, ଗନ୍ଧକ, ଫିଟିକିରି ସମଭାଗ କରି ପାଣିରେ ବାଟି ପ୍ରଲେପ ଦେଲେ ଅଳ୍ପ ଦିନରେ ଯାଦୁ ଭଲ ହୁଏ।
- ମନଃଶିଳା, ରାଶିତେଲ, ଅରଖ କ୍ଷୀର ସମଭାଗ ବାଟି ଲଗାଇଲେ ଯାଦୁ ଭଲ ହୋଇଥାଏ।
- ଚାକୁଣ୍ଡା ମଞ୍ଜି ଓ କୁଢ଼ ସମଭାଗ ଗୋମୂତ୍ରରେ ବାଟି ଲେପ ଦେବା ଫଳପ୍ରଦ।

କେବଳ ଚାକୁଣ୍ଡାଚେରକୁ ବାଟି କିଛି ଦିନ ଲଗାଇଲେ ଯାଦୁ ଭଲ ହୋଇଯାଏ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

ଅତ୍ୟାଧୁନିକ ଜୀବନଶୈଳୀ, ଅସ୍ୱାସ୍ଥ୍ୟକର ଖାଦ୍ୟପେୟ, ଚିନ୍ତା ଆଦି ବିଭିନ୍ନ କାରଣରୁ ହାଡ଼ ଜନିତ ସମସ୍ୟା ଦେଖାଯାଉଛି। ବୟସ ବଢ଼ିଲେ ହାଡ଼ରେ ଛିଦ୍ର ହୋଇ ଫମ୍ପା ହୋଇଯାଏ। ହାଡ଼ ଦୁର୍ବଳ ହୋଇଥାଏ। ସାମାନ୍ୟ ଆଘାତ ଲାଗିଲେ ବି ହାଡ଼ ଭାଙ୍ଗିବାର ଆଶଙ୍କା ଥାଏ। ଏହାକୁ ଅଷ୍ଟିଓପୋରୋସିସ୍ କୁହାଯାଏ। ମହିଳାଙ୍କଠାରେ ଏହି ସମସ୍ୟା ଅଧିକ ଦେଖାଯାଏ। ମୁଖ୍ୟତଃ ହାଡ଼ ଦୁର୍ବଳ ହେଉଛି କି ନାହିଁ, ଏହା ଭାଙ୍ଗିବାର ଆଶଙ୍କା ଅଛି କି ନାହିଁ, ଅସ୍ଥିର ଘନତ୍ୱ, ମିନେରାଲ୍ ଏବଂ ଏହାର ସ୍ଥିତିକୁ ଆକଳନ କରିବାକୁ ବୋନ୍ ମିନେରାଲ ଡେନ୍‌ସିଟି (ବିଏମ୍‌ଡି) ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ପରୀକ୍ଷା। ଏହି ପରୀକ୍ଷା ଅସ୍ଥି ମଧ୍ୟରେ କ୍ୟାଲସିୟମ୍ ଏବଂ ଅନ୍ୟ ମିନେରାଲ୍‌କୁ ମାପିଥାଏ। ବିଏମ୍‌ଡି ପରୀକ୍ଷାରେ କମ୍ ତୀବ୍ରତା ଏକ୍ସରେ ବ୍ୟବହାର କରି ମେରୁଦଣ୍ଡ, ହାତର ହାଡ଼, ନିତମ୍ବ ଅସ୍ଥି ପରୀକ୍ଷା କରାଯାଏ। ଏହା ଏକ ଯନ୍ତ୍ରଣାମୁକ୍ତ ପରୀକ୍ଷା। ପରୀକ୍ଷାରେ ଟିସ୍କୋର -୧ ଏବଂ -୨.୫ ମଧ୍ୟରେ ରହିବା ଅଷ୍ଟିଓପେନିଆକୁ ଦର୍ଶାଉଥିବାବେଳେ -୨.୫ରୁ -୫ରୁ କମ୍ ରହିବା ଅଷ୍ଟିଓପୋରୋସିସ୍‌କୁ ସୂଚାଇଥାଏ। ମେନୋପଜ ପରେ ମହିଳାମାନେ ଅଷ୍ଟିଓପୋରୋସିସ୍‌ରେ ଅଧିକ ଆକ୍ରାନ୍ତ ହୋଇଥାନ୍ତି। ଡାକ୍ତରଙ୍କ ପରାମର୍ଶରେ ଏହି ପରୀକ୍ଷା କଲେ ହାଡ଼ ଭାଙ୍ଗିବା ଆଶଙ୍କା ହ୍ରାସ ପାଏ। ସାମାନ୍ୟ ଆଘାତରେ ଅସ୍ଥି ଭାଙ୍ଗୁଥିଲେ, ବାରମ୍ବାର ଫ୍ରାକ୍‌ଚର ହେଉଥିଲେ, ଷ୍ଟେରଏଡ୍ ସେବନ କରୁଥିବା ବ୍ୟକ୍ତି ଏହି ଟେଷ୍ଟ କରିବା ଆବଶ୍ୟକ। ପୂର୍ବରୁ ହାଡ଼ ସମସ୍ୟା ଥିଲେ ସତର୍କତା ଅବଲମ୍ବନ ଓ ନିୟମିତ ପରୀକ୍ଷା ଆବଶ୍ୟକ। ଖାଦ୍ୟରେ କ୍ୟାଲସିୟମ୍, ଭିଟାମିନ୍ ଡି, ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ସାମିଲ କରି ପାରିବେ।